RNI No.ODIODI/2010/33031
୧୬ ବର୍ଷ Volume-16
ISSUE -305 ସଂଖ୍ୟା-୩୦୫
ଭୁବନେଶ୍ୱର, ଶୁକ୍ରବାର ୨୦ ଫେବୃଆରୀ ୨୦୨୬
Bhubaneswar, Friday 20 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN

# ମନ୍ଥନ

www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ଏଆଇରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୯।୨(ନି.ପ୍ର.): ଦିଲ୍ଲୀର ଭାରତ ମଣ୍ଡପମରେ ଆଜି ଆନୁଷ୍ଠାନିକ ଭାବରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଉଦଘାଟନ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ଫ୍ରାନ୍ସ, ବ୍ରାଜିଲ ଏବଂ ଏଷ୍ଟୋନିଆର ରାଷ୍ଟ୍ରପତିଙ୍କ ସହିତ ଅନ୍ୟାନ୍ୟ ବିଶ୍ୱ ନେତାମାନଙ୍କୁ ସ୍ୱାଗତ କରିଛନ୍ତି। ଉଦଘାଟନ ପରେ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ, ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ, ଜାତିସଂଘ ସଚିବ ଗୁଟେରେସ ଏବଂ ଗୁଗୁଲ ସିଇଓ ସୁନ୍ଦର ପିଚାଇଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ଏଆଇର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏଆଇରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ବର୍ଣ୍ଣନା କରିଥିଲେ।

ଶିଖର ସମ୍ମିଳନୀରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆଜି ବିଶ୍ୱ ଏପରି ଏକ ଯୁଗରେ ପ୍ରବେଶ କରୁଛି ଯେଉଁଠାରେ ମଣିଷ ଏବଂ ଏଆଇ ମିଳିତ ଭାବରେ ବିକାଶର ମୂଳଦୁଆ ପକାଇବେ। ଭାରତ ଏଆଇରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେଖୁଛି। ଶିଖର ସମ୍ମିଳନୀରେ ତିନୋଟି ଭାରତୀୟ କମ୍ପାନୀ ସେମାନଙ୍କର



ଏଆଇ ମଡେଲ ଏବଂ ଆପ୍ ଲଞ୍ଚ କରିଛନ୍ତି। ମୁଁ ସମସ୍ତଙ୍କୁ ଭାରତ ଆସି ଏଆଇ ମଡେଲ ଡିଜାଇନ୍ କରି ବିଶ୍ୱ ଏବଂ ମାନବତା ସମ୍ମୁଖରେ ଉପସ୍ଥାପନ କରିବାକୁ ନିମନ୍ତ୍ରଣ କରୁଛି।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯେପରି ଇଣ୍ଟରନେଟ୍ ଅଗଣିତ ନିଯୁକ୍ତି ସୃଷ୍ଟି କରିଛି, ସେହିପରି ଏଆଇ ମଧ୍ୟ ଲୋକଙ୍କ ପାଇଁ ନିଯୁକ୍ତିର ଏକ ଉତ୍ସ ହୋଇଯିବ। ତଥାପି, ଭବିଷ୍ୟତରେ ଏଆଇ କ୍ଷେତ୍ରରେ କି ପ୍ରକାରର ଚାକିରି ସୃଷ୍ଟି ହେବ ତାହା କଳ୍ପନା କରିବା କଷ୍ଟକର। ଏଆଇ ବ୍ୟବହାର କରିବା ସମୟରେ ଆମକୁ ପିଲାମାନଙ୍କ ସୁରକ୍ଷା ପ୍ରତି ଅଧିକ ସତର୍କ ରହିବାକୁ ପଡିବ। ପିଲାମାନଙ୍କ ପାଇଁ ନିରାପଦ କ୍ଷେତ୍ର ସୃଷ୍ଟି କରି ଏଆଇ ବିକଶିତ କରାଯିବା ଉଚିତ।

ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ "ମାନବ" ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ "ମାନବ" ଅର୍ଥ ହେଉଛି ମଣିଷ, ଅର୍ଥାତ୍ ଏଆଇ ମାନବୀୟ ହେବା ଉଚିତ। ମାନବରେ "ଏମ" ଅର୍ଥ ହେଉଛି ନୈତିକ ଏବଂ ନୈତିକ ବ୍ୟବସ୍ଥା, ଯାହା ଅଧୀନରେ ଏଆଇ ମଣିଷ ଦ୍ୱାରା ପରିଚାଳିତ ହେବା ଉଚିତ। ଏଆଇର ବ୍ୟବହାର ଏବଂ ବିକାଶ ସମ୍ପର୍କରେ ଏକ ନୀତି ବିକଶିତ କରିବାକୁ ପଡିବ। ଏ ର ଅର୍ଥ ହେଉଛି ଦାୟିତ୍ୱ, ଅର୍ଥାତ୍ ନିୟମାବଳୀ ସ୍ଥାପନ କରି ଏଆଇ ଉପରେ ନଜର ରଖିବା ଆବଶ୍ୟକ। ଏନ ର ଅର୍ଥ ହେଉଛି ଜାତୀୟ ସାର୍ବଭୌମତ୍ୱ। ଯିଏ ଏଆଇ ରେ ତଥ୍ୟ ଫିଡ୍ କରେ ତାହାର ଏହା ଉପରେ ଅଧିକାର ରହିବ। ଏ ର ଅର୍ଥ ହେଉଛି ପ୍ରବେଶ, ଅର୍ଥାତ୍ ଏଆଇ ଉପରେ କାହାର ଏକାଧିକାର ରହିବା ଉଚିତ୍ ନୁହେଁ। ମାନବ ରେ ଭି ବୈଧତାକୁ ବୁଝାଏ, ଅର୍ଥାତ୍ ଏଆଇ ଆଇନଗତ ଭାବରେ ବୈଧ ଏବଂ ଯାଞ୍ଚ ହୋଇଥିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ମୋଦି ସମ୍ମିଳନୀରେ କହିଥିଲେ ଯେ ଭାରତର ମାନବ ଦୃଷ୍ଟିକୋଣ ୨୧ ଶତାବ୍ଦୀର ଏଆଇ-ଚାଳିତ ବିଶ୍ୱରେ ମାନବତାର କଲ୍ୟାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ହୋଇପାରିବ। ଆଜି, ସମସ୍ତେ ବିଶ୍ୱର ହିତ ପାଇଁ ଏଆଇ ବିକଶିତ କରିବାକୁ ପ୍ରତିଜ୍ଞା ନେବା ଉଚିତ। ପ୍ରଧାନମନ୍ତ୍ରୀ ମୋଦୀ ସମ୍ମିଳନୀରେ କହିଥିଲେ ଯେ ଏଆଇ ପାଇଁ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡିପ୍ ଫେକ୍ ବିଷୟବସ୍ତୁର ଅପବ୍ୟବହାର ବୃଦ୍ଧି ପାଇଛି। ତେଣୁ, ଡିଜିଟାଲ ଦୁନିଆରେ, ବିଷୟବସ୍ତୁରେ ପ୍ରମାଣପତ୍ର ଲେବଲ୍ ରହିବା ଉଚିତ ଯାହା ଦ୍ୱାରା ଲୋକମାନେ ଜାଣିପାରିବେ ଯେ ଏହା ପ୍ରକୃତ କି ଏଆଇ ଦ୍ୱାରା ସୃଷ୍ଟି। ୱାଟରମାର୍କିଂ ଏବଂ ଉତ୍ସ ଚିହ୍ନଟର ଆବଶ୍ୟକତା ବଢ଼ିବ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏଆଇକୁ ଗଣତାନ୍ତ୍ରିକୀକରଣ କରାଯିବା ଉଚିତ ଏବଂ ସଶକ୍ତିକରଣର ଏକ ଉପକରଣ କରାଯିବା ଉଚିତ। ଜିପିଏସ ପରି, ଆମକୁ ଏଆଇ ଉପରେ ନିୟନ୍ତ୍ରଣ ରଖିବାକୁ ପଡିବ। ଜିପିଏସ ଆମକୁ ପଥ ଦେଖାଏ, କିନ୍ତୁ କେଉଁ ଦିଗରେ ଯିବାକୁ ହେବ ସେ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ଆମର। ସେହିପରି, ଆଜି ଆମେ ଏଆଇ ସହିତ ଯେଉଁ ଦିଗ ନେବୁ ତାହା ଆମର ଭବିଷ୍ୟତ ନିର୍ଣ୍ଣୟ କରିବ।

## ଅର୍ଥନୈତିକ ସର୍ଭେ ରିପୋର୍ଟ

# ବଢ଼ିବ ଅଭିବୃଦ୍ଧି ହାର

ଭୁବନେଶ୍ୱର, ୧୯।୨(ନି.ପ୍ର.): ଆସନ୍ତାକାଲି ବିଧାନସଭାରେ ଆଗତ ହେବ ବଜେଟ୍ । ଏହା ପୂର୍ବରୁ ଆସିଛି ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୫-୨୬ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇକୋନୋମିକ୍ ସର୍ଭେ ରିପୋର୍ଟକୁ ବିଧାନସଭାରେ ରଖିଛନ୍ତି । ଏଥିରେ ଶିକ୍ଷା ଓ କୌଶଳ ବିକାଶ ଏବଂ ସ୍ୱାସ୍ଥ୍ୟ ଉପରେ ଆକଳନ କରାଯାଇଛି ।

ଅର୍ଥନୈତିକ ସର୍ଭେ ରିପୋର୍ଟରେ ବର୍ତ୍ତମାନ ମୂଲ୍ୟର ଓଡ଼ିଶାର ଅର୍ଥନୀତି ଆକାର ବା ଜିଏସଡିପି ୨୦୨୫-୨୬କୁ ଆକଳନ କରାଯାଇଛି । ଏଥିରେ ଏହା ୯.୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗତ ଅର୍ଥନୈତିକ ସର୍ଭେ ରିପୋର୍ଟ ଅର୍ଥାତ୍ ୨୦୨୪-୨୫ର ୯ ଲକ୍ଷ କୋଟି ଟଙ୍କାଠାରୁ ୯.୫% ବୃଦ୍ଧି ପାଇଛି ।

୨୦୨୫-୨୬ରେ ବାସ୍ତବ ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିବା ନେଇ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି । ଯାହା ୨୦୨୪-୨୫ର ୭.୨ ପ୍ରତିଶତ ବୃଦ୍ଧି ହାରଠାରୁ ଅଧିକ। ଏହା ମଧ୍ୟ ଜାତୀୟ ସ୍ତରର ହାରାହାରି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ଠାରୁ ଅଧିକ । ୨୦୨୫-୨୬ରେ ସମସ୍ତ କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ହାର ଦେଖାଯାଇଛି ଏବଂ ରାଜ୍ୟରେ ସରାକରୀ ଓ ବେସରକାରୀ ପୁଞ୍ଜିନିବେଶ ବୃଦ୍ଧି ପାଉଥିବାରୁ ଆଗାମୀ ବର୍ଷ ଗୁଡ଼ିକରେ ରାଜ୍ୟ ଦ୍ରୁତ ଆର୍ଥିକ୍ ବୃଦ୍ଧି ପାଇଁ ପ୍ରସ୍ତୁତ ହେଉଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟର ଆକଳନ କରାଯାଇଛି ।



ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟର ମୁଣ୍ଡ ପିଛା ଆୟ ଆକନ କରାଯାଇଛି । ୨୦୨୫-୨୬ ରେ ଓଡ଼ିଶା ମୁଣ୍ଡପିଛା ଆୟ ୯.୨ ପ୍ରତିଶତ ବୃଦ୍ଧି ପାଇ ୧.୮୬.୭୬୧ ଟଙ୍କାରେ ପହଞ୍ଚିଥିବାବେଳେ ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୬.୯ ପ୍ରତିଶତ ବୃଦ୍ଧି ପାଇଛି। ଓଡ଼ିଶା ଦ୍ରୁତ ଅର୍ଥନୈକ ଅଭିବୃଦ୍ଧି ଯୋଗୁଁ ଜାତୀୟ ସ୍ତର ସହିତ ଥିବା ମୁଣ୍ଡପିଛା ଆୟର ତାରତମ୍ୟକୁ ଦ୍ରୁତ ଗତିରେ ହ୍ରାସ କରି ପାରିଛି।

ଉଚ୍ଚ ଶିକ୍ଷା କ୍ଷେତ୍ରରେ ଓଡିଶା ବିଦ୍ୟାଳୟ ଶିକ୍ଷା ବଜେଟର ଆକାର ବଢ଼ିଛି । ୨୦୨୩-୨୪ରେ ଏହା ୨୨,୫୨୭ କୋଟି ଟଙ୍କା ଥିଲେ । ବର୍ତ୍ତମାନ ଅର୍ଥାତ୍ ୨୦୨୫-୨୬ରେ ୩୧,୧୮୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଯାହାକି ୨ବର୍ଷ ମଧ୍ୟରେ ୩୮.୪ ପ୍ରତିଶତ ଅଭିବୃଦ୍ଧି ଘଟିଛି।

ସେହିପରି ରାଜ୍ୟର ସରକାରୀ ବିଦ୍ୟାଳୟଗୁଡିକରେ ମୋଟ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ୮୦.୮ ପ୍ରତିଶତ ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଭିତ୍ତିଭୂମିର ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ସ୍କୁଲ ଗୁଡ଼ିକରେ ପାନୀୟ ଜଳ, ପାଠାଗାର, ଶୌଚାଳୟ ସୁବିଧା ଏବଂ ବିଦ୍ୟୁତ ସଂଯୋଗୀକରଣ ହୋଇଛି । ଏହାଛଡ଼ା ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ସରକାରୀ ବିଦ୍ୟାଳୟ ଗୁଡିକରେ କମ୍ପ୍ୟୁଟର ସୁବିଧା ୨୯ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୪-୨୫ରେ ୮୪ ପ୍ରତିଶତ ବିଦ୍ୟାଳୟରେ ଇଣ୍ଟରନେଟ୍ ସୁବିଧା ହୋଇଛି । ରାଜ୍ୟରେ ଶିକ୍ଷକ ନିଯୁକ୍ତି ମଧ୍ୟ ବୃଦ୍ଧି ପାଇଛି । ଯେଉଁଥିପାଇଁ ରାଜ୍ୟରେ ଛାତ୍ର-ଶିକ୍ଷକ ଅନୁପାତ(ପିଟିଆର) ମଧ୍ୟ ବୃଦ୍ଧି ପାଇଛି । ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ଓଡିଶାର ପିଟିଆର ସର୍ବଭାରତୀୟ ସ୍ତରଠାରୁ ଉନ୍ନତ ରହିଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟ ଉଲ୍ଲେଖ ରହିଛି ।

ଅର୍ଥନୈତିକ ସର୍ଭେ ରିପୋର୍ଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ମଧ୍ୟ ଫୋକସରେ ରହିଛି । ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଲାଗି ରାଜ୍ୟ ପକ୍ଷରୁ ମହତ୍ୱପୂର୍ଣ୍ଣ ନିବେଶ କରାଯାଇଛି। ଜନସ୍ୱାସ୍ଥ୍ୟ ବ୍ୟୟରେ କ୍ରମାଗତ ବୃଦ୍ଧି ଘଟିଛି। ୨୦୧୯-୨୦ ଅର୍ଥିକ ବର୍ଷରେ ୬.୯ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୪-୨୫(ସଂଶୋଧିତ ଆକଳନ)ରେ ଏହା ୧୯.୭ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ସେହିପରି ରାଜ୍ୟ ସରକାର ୮,୫୦୦ରୁ ଅଧିକ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହିତ ସ୍ୱାସ୍ଥ୍ୟସେବା ସୁବିଧାକୁ ବିସ୍ତାର କରିଛନ୍ତି । ଜିଲ୍ଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତିକରଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ସେହିଭଳି ଆମ ହସ୍ପିଟାଲ ସ୍କିମ୍ ଭଳି ଫ୍ଲାଗସିପ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ତେବେ ସମନ୍ୱିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମଜେଏୱାଇ) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ), ରାଜ୍ୟ ପ୍ରଯୋଜିତ ସ୍ୱାସ୍ଥ୍ୟବୀମା ଯୋଜନା, ଆର୍ଥିକ ଅନଗ୍ରସର ଲୋକଙ୍କୁ ନଗଦ ଟଙ୍କା ବିହୀନ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଆର୍ଥିକ ସୁରକ୍ଷାକୁ ବୃଦ୍ଧି କରିଛନ୍ତି ସରକାର ।

ମହିଳାଙ୍କ ଆର୍ଥିକ ସ୍ୱାଧୀନତା, ଜୀବିକା ଏବଂ ଉଦ୍ୟମକୁ ସହାୟତା କରିବା ପାଇଁ ରାଜ୍ୟ ସୁଭଦ୍ରା ଏବଂ ଲକ୍ଷପତି ଦିଦି ଭଳି ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛି। ସୁଭଦ୍ରା ହିତାଧିକାରୀଙ୍କ ମଧ୍ୟରେ ପାଣ୍ଠିର ଫଳପ୍ରଦ ବ୍ୟବହାରକୁ ପ୍ରୋତ୍ସାହିତ କରି, ଆର୍ଥିକ ସ୍ୱାୟତ୍ତତା ବୃଦ୍ଧି କରି ଏବଂ ଅର୍ଥ ପରିଚାଳନାରେ ଆତ୍ମବିଶ୍ୱାସ ବୃଦ୍ଧି କରି ମହିଳାମାନଙ୍କୁ ସଶକ୍ତ କରିଛି। ଆହୁରି ମଧ୍ୟ ଲକ୍ଷପତି ଦିଦି ଯୋଜନା କ୍ଷେତ୍ରରେ, ଓଡିଶା ୨୦୨୫ ସୁଦ୍ଧା ୧୬.୪୨ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଭାରତର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହୋଇଛି। ମହିଳାମାନଙ୍କୁ କାର୍ଯ୍ୟ ଏବଂ ଯତ୍ନ ଦାୟିତ୍ୱରେ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିବା ପାଇଁ ଓଡିଶା ମହିଳାମାନଙ୍କ ପାଇଁ ନିରାପଦ ରହିବା ସୁବିଧା ସହିତ ଗୋଷ୍ଠୀ କ୍ରେଚ୍ ପ୍ରତିଷ୍ଠା କରିଛି। ସୁରକ୍ଷା ବ୍ୟବସ୍ଥା ଅଧୀନରେ ମହିଳାମାନଙ୍କୁ ରାତ୍ରି ସିଫ୍ଟରେ କାମ କରିବାକୁ ଅନୁମତି ଦେବା ଏବଂ ସୁରକ୍ଷା, ମହିଳା ହଷ୍ଟେଲ ଏବଂ କ୍ରେଚ୍ ସୁବିଧା ଇତ୍ୟାଦିରେ ଉନ୍ନତି ଆଣିବା ଭଳି ଅନ୍ୟାନ୍ୟ ପଦକ୍ଷେପ ରାଜ୍ୟରେ ମହିଳାଙ୍କ ଅର୍ଥନୈତିକ ଅଂଶଗ୍ରହଣକୁ ଆହୁରି ପ୍ରୋତ୍ସାହିତ କରିବ।

## ୧୦୦ କୋଟି ଟଙ୍କାର ସାଇବର ଠକେଇ, ୫୨ ଜଣ ଗିରଫ

ସମ୍ବଲପୁର, ୧୯।୨(ନି.ପ୍ର.): ସମ୍ବଲପୁରରେ ବହୁ କୋଟି ଟଙ୍କାର ଠକେଇ ଘଟଣାରେ ପୋଲିସକୁ ବଡ ସଫଳତା ମିଳିଛି। ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ଘଟଣାରେ ୫୨ ଜଣଙ୍କୁ ଧରିବାରେ ସଫଳ ହୋଇଛି। ଏ ନେଇ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏହି ଘଟଣାରେ ଓଡ଼ିଶା ବାହାରରୁ ମଧ୍ୟ ସାଇବର ଠକ ସାମିଲ ଅଛନ୍ତି।

# ନୂଆ ଜିଲା ଗଠନ ପାଇଁ ସରକାର ପ୍ରସ୍ତୁତି

ଭୁବନେଶ୍ୱର, ୧୯।୨(ନି.ପ୍ର.): ଓଡ଼ିଶାରେ ନୂତନ ଜିଲା ଗଠନ ନେଇ ଚାଲିଥିବା ଦୀର୍ଘ ଦିନର ଅପେକ୍ଷା ଶେଷ ହେବାକୁ ଯାଉଛି। ୨୦୨୬-୨୭ ଆର୍ଥିକ ବର୍ଷରେ ରାଜ୍ୟରେ ନୂଆ ଜିଲା ଗଠନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସରକାର ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଗୁରୁବାର ଓଡ଼ିଶା ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ନିକଟରେ ୩୧ଟି ନୂଆ ଜିଲା ଗଠନ ପାଇଁ ବିଭିନ୍ନ ଅଞ୍ଚଳରୁ ଦାବିପତ୍ର ଓ ଆବେଦନ ପହଞ୍ଚିଛି। ଏହି ସମସ୍ତ ପ୍ରସ୍ତାବ ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ରହିଛି। ପ୍ରସ୍ତାବଗୁଡ଼ିକର ଅନୁଧ୍ୟାନ ଏବଂ ପ୍ରଶାସନିକ ଆବଶ୍ୟକତାକୁ ଭିତ୍ତି କରି ଉପଯୁକ୍ତ ସମୟରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଜିଲା ସହିତ ରାଜ୍ୟରେ ୬୬ଟି ନୂତନ ଉପଖଣ୍ଡ ଗଠନ ପାଇଁ ମଧ୍ୟ ପ୍ରସ୍ତାବ ଆସିଛି, ଯାହା ପ୍ରଶାସନିକ ବିକେନ୍ଦ୍ରୀକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ହେବ। ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ମାତ୍ର ୬ଟି ଜିଲା (କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମ) ଥିଲା। ପରବର୍ତ୍ତୀ ସମୟ ଆଉ ୭ଟି ଜିଲା (ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, କଳାହାଣ୍ଡି, ମୟୂରଭଞ୍ଜ, ଫୁଲବାଣୀ ଓ ସୁନ୍ଦରଗଡ଼) ମିଶି ଜିଲା ସଂଖ୍ୟା ୧୩ ହୋଇଥିଲା। ୧୯୯୩ ବିଜୁ ପଟ୍ଟନାୟକଙ୍କ ସରକାର ଅମଳରେ ୧୭ଟି ନୂଆ ଜଳ ଗଠନ କରାଯାଇ ଜିଲା ସଂଖ୍ୟାକୁ ୩୦ କୁ ବୃଦ୍ଧି କରାଯାଇଥିଲା।

# ଟାର୍ଗେଟରେ ୩୦୦ ମାଓବାଦୀ

ନୂଆଦିଲ୍ଲୀ, ୧୯।୨(ନି.ପ୍ର.): କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମାଓ ଦମନ ଅଭିଯାନର ସମୟସୀମା ମାର୍ଚ୍ଚମାସ ୨୦୨୬ରେ ସରିବାକୁ ଯାଉଥିବାବେଳେ ମାଓ ଅପରେସନକୁ ଆହୁରି ଜୋରଦାର କରାଯାଇଛି। ଚାରିଜଣ ଶୀର୍ଷ ମାଓ କମାଣ୍ଡର ସମେତ ପ୍ରାୟ ୩ଶହ ମାଓବାଦୀ ସୁରକ୍ଷା କର୍ମୀଙ୍କ ଟାର୍ଗେଟରେ ଅଛନ୍ତି। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶୀର୍ଷ ଚାରିଜଣଙ୍କ ମଧ୍ୟରେ ମିସିର ବେସରା ଓରଫ ଭାସ୍କର, ଦେବଜୀ ଓରଫ କୁମ୍ଭ ଦାଦା ଓରଫ ଚେତନ, ରାମମନ୍ନା ଓରଫ ଗଣପତି ଓରଫ ଲକ୍ଷ୍ମଣ ରାଓ ଓ ମଲ୍ଲାହ ରାଜା ରେଡ୍ଡୀ ଓରଫ ସାଗର ଅନ୍ତର୍ଭୁକ୍ତ।

ଡେଡଲାଇନ୍ ପୂର୍ବରୁ ଚାରିଜଣ ମୁଖ୍ୟ କମାଣ୍ଡର ସମେତ ୩ଶହ ମାଓବୀଦୀ ତୁରନ୍ତ ଆତ୍ମସମର୍ପଣ କରନ୍ତୁ, ନଚେତ୍ ସମସ୍ତଙ୍କୁ ଖୋଜି ଖୋଜି ନିପାତ କରାଯିବ ବୋଲି ସୁରକ୍ଷାକର୍ମୀ ସ୍ପଷ୍ଟଭାବେ ସୂଚାଇ ଦେଇଛନ୍ତି। ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୨୦୨୬ ମସିହା ମାର୍ଚ୍ଚ ମାସ ୩୧ତାରିଖ ସୁଦ୍ଧା ମାଓ ଦମନ ଅଭିଯାନକୁ ପୂରା କରିବା ପାଇଁ ମୋଦୀ ସରକାର ପ୍ରତିବଦ୍ଧ। ଏହି ଅଭିଯାନ ଆରମ୍ଭ ଦିନରୁ ଅନେକ ବଡ଼ ବଡ଼ ମାଓବାଦୀଙ୍କୁ ନିପାତ କରିବାରେ ସଫଳ ହୋଇଛନ୍ତି ସୁରକ୍ଷା ବାହିନୀ। ଅକ୍ଟୋବର ମାସ ୨୦୨୫ରେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ରିପୋର୍ଟ ଆଧାରରେ, ଛତିଶଗଡ଼ରେ ସବୁଠୁ ଅଧିକ ମାଓ ପ୍ରଭାବିତ ଜିଲ୍ଲାମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି, ଯେଉଁଥିରେ ବିଜାପୁର, ସୁକମା ଓ ନାରାୟଣପୁର ସାମିଲ ଥିଲା। ଅନ୍ୟପଟେ ମନ୍ତ୍ରଣାଳୟ କହିଛି ଯେ ବାମପନ୍ଥୀ ଉଗ୍ରବାଦ (ଏଲଡବ୍ୟୁଇ) ଦ୍ୱାରା ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୮ ରୁ ହ୍ରାସ ପାଇ ୧୧ରେ ପହଞ୍ଚିଛି।

# ମାଟ୍ରିକ୍ ପରୀକ୍ଷା ଦେଲେ ସାଢେ ୫ ଲକ୍ଷ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୯।୨(ନି.ପ୍ର.): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା (ମାଟ୍ରିକ) ଆଜି ଠାରୁ ଆରମ୍ଭ ହୋଇଛି। ବାର୍ଷିକ ପରୀକ୍ଷା-୨୦୨୬ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ସକାଳ ୯ ଟାରୁ ଆରମ୍ଭ ହୋଇ ସାଢେ ୧୧ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ୩ ହଜାର ୮୨ଟି କେନ୍ଦ୍ରରେ ୫ ଲକ୍ଷ ୬୧ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି।



ପ୍ରଥମ ଦିନରେ ପ୍ରଥମ ଭାଷା ପରୀକ୍ଷା ହେଉଛି। ସକାଳ ୮ଟା ୩୦ ପୂର୍ବରୁ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରରେ ପହଂଚିଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ଏଆଇ ଯୁକ୍ତ ସିସିଟିଭି କ୍ୟାମେରା ଲଗାଯାଇଛି। କପି ରୋକିବା ପାଇଁ ବୋର୍ଡ ପକ୍ଷରୁ ୩୭ ଟି ସ୍କ୍ୱାଡ ଓ ଜିଲ୍ଲା ସ୍ତରରେ ୭୨ଟି ସ୍କ୍ୱାଡ ହୋଇଛି। ଫ୍ଲାଇଂ ସ୍କ୍ୱାଡ୍, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଛି।ପରୀକ୍ଷା ଦିନ ସକାଳୁ ସ୍ୱତନ୍ତ୍ର ଟିମ୍ ଦ୍ୱାରା ନୋଡାଲ୍ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ କହିବା ଅନୁସାରେ, ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ), ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ସୁପରିଚାଳନାକୁ ନେଇ ଗଲା ୭ତାରିଖ ଦିନ ମୁଖ୍ୟ ଶାସନସଚିବଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲାପାଳ, ଏସ୍‌ପି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ବୋର୍ଡ କର୍ତ୍ତୃପକ୍ଷଙ୍କୁ ନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମାଟ୍ରିକ୍, ମଧ୍ୟମା ଓ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ମୋଟ ୫ଲକ୍ଷ ୬୧ହଜାର ୯୭୯ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବା ବେଳେ ପରୀକ୍ଷା ପାଇଁ ୩୦୮୨ଟି ପରୀକ୍ଷାକେନ୍ଦ୍ର ଓ ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ପାଇଁ ୩୨୨ଟି ନୋଡାଲ୍ ସେଣ୍ଟର କରାଯାଇଛି। ବୋର୍ଡ ଷ୍ଟ୍ରଙ୍ଗରୁମ୍‌ରୁ ପରୀକ୍ଷା ପ୍ରଶ୍ନପତ୍ର ନୋଡାଲ୍ ସେଣ୍ଟରକୁ ପଠାଯିବ। ଏଥିପାଇଁ କଡାସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଡାହୁକ



ଡକୁଆ ନୁହଁନ୍ତି ଦେଶର ଜନତା
କଥା ଶୁଣି ହେବେ ବାଢ
ମିଛୁଆ ରାଧୁଆ ଗାଲୁଆ ସାଜିଲେ
ବାଘ ଯିବ ସାରା ଖାଇ

-ବିଧୂ

# ବିଧାନସଭାରେ ସୁନା ଖଣି ଚର୍ଚ୍ଚା

ଭୁବନେଶ୍ୱର, ୧୯।୨(ନି.ପ୍ର.): ଓଡ଼ିଶା ବିଧାନସଭାର ଚଳିତ ବଜେଟ୍ ଅଧିବେଶନରେ ପୁଣିଥରେ ରାଜ୍ୟର ସୁନା ଖଣି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିଛି। ଗୁରୁବାର ଗୃହରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଏକ ପ୍ରଶ୍ନର ଉତ୍ତର ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଜ୍ୟର ବିଭିନ୍ନ ଜିଲାରେ ଥିବା ସୁନା ଗଚ୍ଛିତ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଓଡ଼ିଶାର ଦେବଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ସୁନା ଖଣି ଥିବା ସ୍ପଷ୍ଟ ହୋଇଛି। ଏହି ସ୍ଥାନଗୁଡ଼ିକରେ ବର୍ତ୍ତମାନ ସବିଶେଷ ଅନୁସନ୍ଧାନ କାର୍ଯ୍ୟ ଜାରି ରହିଛି। ଦେବଗଡ଼ର ଆଦାସ-ରାମପଲ୍ଲୀ ଅଞ୍ଚଳ, କେନ୍ଦୁଝରର ଗୋପୁର-ଜଳଡିହି ଅଞ୍ଚଳ ଏବଂ ମୟୂରଭଞ୍ଜର ମଦନଶାହୀ-କାଞ୍ଜିଆ ଅଞ୍ଚଳରେ ସୁନା ଖଣି ରହିଛି।

କେବଳ ଏହି ତିନୋଟି ଜିଲା ନୁହେଁ, ବରଂ ଓଡ଼ିଶା ଖଣି ନିଗମର ପ୍ରାଥମିକ ସର୍ଭେ ଅନୁଯାୟୀ ରାଜ୍ୟର ପ୍ରାୟ ୯ଟି ଜିଲାରେ ସୁନା ମିଳିବାର ସମ୍ଭାବନା ରହିଛି। ସେଗୁଡ଼ିକ ହେଲା, କେନ୍ଦୁଝର ଜିଲାର ଗଜୀପୁର, ସାଲେଇକେନା ଓ ଦିମିରିମୁଣ୍ଡା। ମୟୂରଭଞ୍ଜର ଯଶୀପୁର, ସୁରିଆଗୋଡ଼ା, ରୁଆଁସି, ଇଦେଲକୁଚା, ମାରୁଡ଼ିହି, ସୁଲେଇପାଟ ଓ ବାଦାମପାହାଡ଼। ସୁନ୍ଦରଗଡ଼ର ଦିଗଝରଣ, ମାଲିଡିହି, ଘୋଘର ଓ ଗିରିଙ୍ଗକେଲା। କୋରାପୁଟର ରଙ୍ଗାପାଣି, ଗାରିଆ ଓ ଦଶମନ୍ତପୁର। ମାଲକାନଗିରିର ସୁନାପଦର, କିୟାଙ୍ଗ ଓ ଗୋବିନ୍ଦପାଲି। ଅନୁଗୋଳର ମାଙ୍କଡ଼ଚୁଆ, ଟିକିର ଓ ସାମକୋଇ। ବୌଦ୍ଧର କୁଦାଗାଁ, ଜହ୍ନପଙ୍କ ଓ ରାମଗଡ଼। ସମ୍ବଲପୁରର କେନ୍ଦୁଖୁଣ୍ଟି ଓ କୁଣ୍ଡରାବାହାଲ। ଦେବଗଡ଼ର ସୁନାକେଣି, ନିକ୍ତିମାଲ ଓ ଗାଇଲୋ ସାମିଲ ଅଛି।

ଓଡ଼ିଶାରେ ସୁନା ଖଣି ଥିବା ନେଇ ପ୍ରଥମେ ୨୦୨୩ ଫେବୃଆରୀ ୨୭ ରେ ରାଜ୍ୟ ସରକାର ବିଧାନସଭାରେ ସୂଚନା ଦେଇଥିଲେ। ସେବେଠାରୁ ପ୍ରତି ଅଧିବେଶନରେ ଏହି ପ୍ରସଙ୍ଗରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। କେନ୍ଦୁଝର ଜିଲାରେ ୧୯୮୦ ଦଶକରୁ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଜିଏସ୍ଆଇ)ସର୍ଭେ ଆରମ୍ଭ କରିଥିବା ବେଳେ ଏବେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏହାର ବ୍ୟବସାୟିକ ଉପଯୋଗିତା ଉପରେ ଗୁରୁତ୍ୱ ଦିଆଯାଉଛି।

ରାଜ୍ୟର ଏହି ବିପୁଳ ଖଣିଜ ସମ୍ପଦ ଯଦି ବ୍ୟବସାୟିକ ଭାବେ ଲାଭଜନକ ପ୍ରମାଣିତ ହୁଏ, ତେବେ ଓଡ଼ିଶାର ଅର୍ଥନୀତିରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି।


## ପୌରପରିଷଦ କାର୍ଯ୍ୟାଳୟ, ରାୟଗଡ଼

ଜିଲ୍ଲା-ରାୟଗଡ଼
ପିନ୍ କୋଡ-୭୬୫୦୦୧, ଓଡ଼ିଶା
Email ID-rayagadam.hud@od.gov.in

### ପ୍ରେସ୍ ବିଜ୍ଞପ୍ତି

- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶ ମୂଳକ କାର୍ଯ୍ୟରେ ଲଗାଯାଇଥାଏ। ଏଣୁ ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
- ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦିରୋଗରୁ ରକ୍ଷା ପାଇବା ପାଇଁ ନିଜ ଅଞ୍ଚଳର ପରିବେଶକୁ ସଫା ରଖିବା ସଙ୍ଗେ ସଙ୍ଗେ ନିଜର ଘର ଗୁରିପଟ ସଫାରଖନ୍ତୁ ।
- ସହରର ଅଭ୍ୟନ୍ତରସ୍ଥ ରାସ୍ତାଗୁଡ଼ିକ ଉପରେ ଗୃହପାଳିତ ପଶୁଗୁଡ଼ିକୁ ଅନାଧିକାର ରୂପେ ଛାଡ଼ନ୍ତୁ ନାହିଁ।
- ରାସ୍ତାକଡ଼ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ୍ତ ରୁହନ୍ତୁ।
- ପରିମଳ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକ ପୃଥକ୍ କରି ଅଳିଆ ଗାଡ଼ିରେ ଦିଅନ୍ତୁ।
- ନାଳ ଉପରକୁ ଅତିକ୍ରମଣ କରନ୍ତୁ ନାହିଁ ଓ ବର୍ଜ୍ୟବସ୍ତୁ ନାଳ ଭିତରେ ପକାନ୍ତୁ ନାହିଁ।
- ପଲିଥିନ୍ ବ୍ୟବହାର ନକରି ପ୍ରଦ୍ୟୁଷଣମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ ।
- ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହନିର୍ମାଣ କରନ୍ତୁ ନାହିଁ ।
- ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇନଥିବା ଖାଲିସ୍ଥାନ କ୍ରୟ ବିକ୍ରୟ କରନ୍ତୁ ନାହିଁ । ଗୃହ ନିର୍ମାଣ ପୂର୍ବରୁ ବିଲ୍ଡିଂ ପ୍ଲାନ ଏପ୍ରୁଭାଲ କରାନ୍ତୁ ।
- ବିନା ବ୍ୟବସାୟ ପରିଚୟ ପତ୍ରରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

| ଶ୍ରୀ କୁଳଦୀପ କୁମାର | ଶ୍ରୀମତୀ ଶୁଭ୍ରା ପଣ୍ଡା | ଶ୍ରୀଯୁକ୍ତ ପି ମହେଶ ପଟ୍ଟନାୟକ |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷ |
| ପୌରପରିଷଦ ରାୟଗଡ | ରାୟଗଡ ପୌରପରିଷଦ | ରାୟଗଡ ପୌରପରିଷଦ |



# ମାଲିକାନଗିରି ଜିଲ୍ଲାରେ ମୋଟ ୯୮୪୩ ଛାତ୍ର ଛାତ୍ରୀ ଦେଲେ ଦଶମ ବୋର୍ଡ ପରୀକ୍ଷା

ମାଲକାନଗିରି,୧୯।୨:(ମନ୍ଥନ)ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ ତରଫରୁ ଆଜି ମାଲକାନଗିରି ଜିଲ୍ଲାର ୪୬ଟି ପରୀକ୍ଷା କେନ୍ଦ୍ରକୁ ନେଇ ସୁରୁଖୁରୁରେ ଦଶମ ବୋର୍ଡ ପରୀକ୍ଷା ପ୍ରଥମ ଦିନ ସମ୍ପନ୍ନ ହୋଇଯାଇଅଛି, ଯାହାକୁ ପରିଚାଳନା କରିଥିଲା ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ଜିଲ୍ଲା ପ୍ରଶାସନଙ୍କ ସହଯୋଗ ନେଇ ।ଆଜି ପ୍ରଥମ ଦିନ ମାତୃଭାଷା ଓଡ଼ିଆ। ପରୀକ୍ଷା ମୋଟ ରେଗୁଲାର ୯୩୯୪ ପରୀକ୍ଷାର୍ଥୀରୁ ୯୧୧୨ ଉପସ୍ଥିତି ଥିଲା ବେଳେ ୨୮୨ ଅନୁପସ୍ଥିତି ଦେଖିବାକୁ ମିଳିଥିଲା ।ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ୪୪୯ ପରୀକ୍ଷାର୍ଥୀରୁ ୩୪୮ ଉପସ୍ଥିତି ଥିଲା ବେଳେ ୧୦୧ ଅନୁପସ୍ଥିତି ଥିଲେ ।ଏହିପରି ପ୍ରଥମ ଦିନରେ ମୋଟ ୯୮୪୩ ପରୀକ୍ଷାର୍ଥୀରୁ ୯୪୬୦ ପରୀକ୍ଷା ଦେଇଥିବା ବେଳେ ଜିଲ୍ଲାରୁ ୩୮୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ,ମାଲକାନଗିରି ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ତରଫରୁ ଆଗରୁ ସୂଚନା ଥିଲା ଯେ ମୋଟ ୯୮୪୩ ଛାତ୍ରଛାତ୍ରୀ ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ଦେବେ ଏବଂ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଠାରୁ ପୁନଶ୍ଚ ଉତ୍ତର



ଖାତା ନୋଡାଲ କେନ୍ଦ୍ର ଯାଏଁ ପହଞ୍ଚିବା ଦାୟିତ୍ୱ ସୁପରିଚାଳନା କରାଯାଇଅଛି ।ଆଜି ୪୬ ଜଣ ପର୍ଯ୍ୟବେକ୍ଷକ କେନ୍ଦ୍ରରେ ଉପସ୍ଥିତ ଥିଲା ବେଳେ ଜିଲ୍ଲା ପ୍ରଶାସନ ତରଫରୁ ଅଫିସର ଗଣଙ୍କୁ ମଧ ଜିଲ୍ଲାପାଳଙ୍କ ତରଫରୁ ତ୍ୱରାନ୍ୱିତ କରାଯାଇଥିଲା । ଦିବ୍ୟାଙ୍ଗ ପିଲାମାନେ କେମିତି ସହଜରେ ସୁରକ୍ଷିତ ଭାବେ ପରୀକ୍ଷା ଦେବେ ତାହାର ବି ବ୍ୟବସ୍ଥା କରାଯାଇଥିଲା । ସଂପୂର୍ଣ୍ଣ ପରୀକ୍ଷାରେ କୌଣସି ପ୍ରକାର କପି ହେବାର ସୂଚନା ଆସିନାହିଁ । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା, ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଜଗନ୍ନାଥ ବେହେରା କେନ୍ଦ୍ର ସବୁ ନିରୀକ୍ଷଣ କରିଥିବା ବେଳେ କେନ୍ଦ୍ର ସ୍କ୍ୱାର୍ଡ ମଧ ନିରୀକ୍ଷଣ କରିଥିଲେ ।

# ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣ ବିଭାଗର ଯୁଗ୍ମ ସମୀକ୍ଷା ବୈଠକ

ନବରଙ୍ଗପୁର,୧୯।୨:(ମନ୍ଥନ) ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଶିଶୁ ଓ ମହିଳା ମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣ ବିଭାଗର ଯୁଗ୍ମ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଜିଲ୍ଲାପାଳ ସ୍ୱାସ୍ଥ୍ୟ ଓ ମହିଳା ଓ ଶିଶୁ ବିଭାଗର ବିଭିନ୍ନ ସୂଚକାଙ୍କ କୁ ସମୀକ୍ଷା କରି ବିଶେଷକରି କମ୍ ବୟସର ବିବାହ ଓ କମ୍ ବୟସର ଗର୍ଭଧାରଣ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର କେତେକ ସ୍ଥାନରେ ଏପରି ଘଟଣା ଘଟିଲେ ସମ୍ପୃକ୍ତ ପରିବାର ସଦସ୍ୟଙ୍କ ବିରୋଧରେ ତଦକ୍ଷଣାତ ପୋଲିସ ଠାରେ ଏଫଆଇଆର କରିବାକୁ କଠୋର ନିର୍ଦ୍ଦେଶ ଦେଇଥିଲେ।ତେନ୍ତୁଳିଖୁଣ୍ଟି ଓ ଝରିଗାଁ ବ୍ଲକର ଦୁର୍ଗମ ଅଞ୍ଚଳରେ ଅନୁଷ୍ଠାନିକ ପ୍ରସବ ଘଟଣା ଅଧିକଥିବାରୁ ଜିଲ୍ଲାପାଳ ଗଭୀର ଚିନ୍ତାବ୍ୟକ୍ତ କରି ସଂପୃକ୍ତ ଅଧିକାରୀ ଆଶାକର୍ମୀଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ ପୂର୍ବକ ଦୃଢ ପଦକ୍ଷେପ ନେବାକୁ କହିଥିଲେ ।ସେଠାରେ ଅତିରିକ୍ତ ମାଅ। ଗୃହ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ରାଜ୍ୟ ମିଶନ



ନିର୍ଦ୍ଦେଶିକା ଙ୍କ ପାଖକୁ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ ।ଟେକ୍ ହୋମ୍ ରେସନ୍ ପୋଷଣ କାର୍ଯ୍ୟକ୍ରମକୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକରେ ହଠାତ ନିରୀକ୍ଷଣ କରି ସଠିକ୍ ଭାବେ କାର୍ଯ୍ୟକାରୀ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁ ରୋକିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଜିଲ୍ଲାପାଳ କହିଥିଲେ ଯେ, ମାତୃ ମୃତ୍ୟୁ ଘଟଣାରେ ଯଦି କୌଣସି କର୍ମଚାରୀଙ୍କ ଅବହେଳା ପ୍ରମାଣିତ ହୁଏ, ତେବେ ସେମାନଙ୍କ ବିରୋଧରେ ତଦ କ୍ଷଣାତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ବୈଠକରେ ୨ଟି ମାତୃମୃତ୍ୟୁ ଘଟଣାର ସମୀକ୍ଷା କରାଯାଇ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଥିଲା। ପ୍ରଜନନ, ମାତୃ, ନବଜାତ, ଶିଶୁ ଏବଂ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ସମୀକ୍ଷା କରାଯାଇ ସୂଚକମାନଙ୍କୁ ସୁଧାରିବା ପାଇଁ ବିଶେଷ ନିର୍ଦ୍ଦେଶ ଦିଆଯାଇଥିଲା । ଉମରକୋଟ ଓ ନବରଙ୍ଗପୁରର ପୋଷଣ ପୁନର୍ବାସ କେନ୍ଦ୍ରକୁ ଅଧିକ ଅତି ପ୍ରବଳ ଅପପୁଷ୍ଟି ଥିବା ( ସାମ୍) ଶିଶୁମାନଙ୍କୁ ଚିହ୍ନଟ କରି ପ୍ରେରଣ କରିବା ସହ ୧୦୦% ଶତପ୍ରତିଶତ ଶଯ୍ୟା ପୂରଣ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ୍ , ଉପ-ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ମଳୟ ପ୍ରଧାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ମଳୟ କୁମାର ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର,ଜିଲ୍ଲା ସ୍ତରୀୟ ଅଧିକାରୀ,ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଡି ପି ଏମ( ଏନ୍ ଏଚ ଏମ) ଶଙ୍କର ଆଚାର୍ଯ୍ୟ,ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ , ମହିଳା ଓ ଶିଶୁ ବିକାଶର ସମସ୍ତ ସି ଡି ପି ଓ,କର୍ମଚାରୀ ଓ ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ର କର୍ମଚାରୀଉପସ୍ଥିତ ଥିଲେ ।

# ହୃଦଘାତରେ ଏରଡଙ୍ଗା ସରପଂଚଙ୍କ ମୃତ୍ୟୁ

ରଘୁନାଥପୁର,୧୯।୨:(ମନ୍ଥନ) ରଘୁନାଥପୁର ବ୍ଲକ ଏରଡଙ୍ଗା ସରପଞ୍ଚ ଧର୍ମାନନ୍ଦ ସେଠୀ(୭୨)ଙ୍କ ଆଜି ହୃଦଘାତରେ ପରଲୋକ ଘଟିଛି ।ବୁଧବାର ସକାଳେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଜଗତସିଂହପୁର ଜିଲ୍ଲା ଚିକିତ୍ସାଳୟକୁ ନେଇ ଯାଇଥିଲେ ।ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ସେଠୀ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ସରକାରୀ ଚାକିରିରୁ ଅବସର ନେବା ପରେ ସେ ନିଜକୁ ସମାଜସେବାରେ ନିୟୋଜିତ କରି ଗତ ପଞ୍ଚାୟତ ନିର୍ବାଚନରେ ଏରଡଙ୍ଗା ପଞ୍ଚାୟତରୁ ସରପଂଚ ଭାବେ ନିର୍ବାଚିତ ହୋଇଥିଲେ ।ତାଙ୍କର ଏଭଳି ଆକସ୍ମିକ ବିୟୋଗରେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ସମିତି ସଭ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ମାନେ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କୁ ଶେଷ ଦର୍ଶନ କରିଥିଲେ । ତାଙ୍କ ମରଶରୀରକୁ ଏକ ପଟୁଆରରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା ।ତାଙ୍କର ବଡ଼ପୁଅ ମୁଖାଗ୍ନି ଦେଇଥିଲେ ।

# ଜନକଲ୍ୟାଣ ଶାନ୍ତି ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୯।୨:(ମନ୍ଥନ)ଜନକଲ୍ୟାଣ ଶାନ୍ତି ଟ୍ରଷ୍ଟ ପକ୍ଷରୁ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଆଇନଜୀବୀ ଧରଣୀଧର ସାହୁ, ନିର୍ଦ୍ଦେଶକ ଆଇନଜୀବୀ ସଞ୍ଜୟ କୁମାର ଜେନା, ସନ୍ତୋଷ ପୋଥାଳ, ବରିଷ୍ଠ ଆଇନଜୀବୀ ଗଗନବିହାରୀ ଜେନା ଓ ଧିରେନ୍ଦ୍ର ଦାସ ପ୍ରମୁଖ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଜିଲ୍ଲାପାଳ ଶ୍ରୀ ଆୟରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟ ପକ୍ଷରୁ ହେଉଥିବା ବିଭିନ୍ନ ସମାଜକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଉପସଭାପତି ରମଣୀରଞ୍ଜନ ରାଉତରାୟ, ନିର୍ଦ୍ଦେଶକ ସତ୍ୟବ୍ରତ ସିଂହ,ଗୋଲେଖ ପରିଡା ଓ ଅକ୍ଷୟପ୍ରିୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ଦଶମ ବୋର୍ଡ ପରୀକ୍ଷା

ମାଲକାନଗିରି,୧୯।୨:(ମନ୍ଥନ)ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା,କଟକ ତରଫରୁ ଆଜି ମାଲକାନଗିରି ଜିଲ୍ଲାର ୪୬ଟି ପରୀକ୍ଷା କେନ୍ଦ୍ରକୁ ନେଇ ଦଶମ ବୋର୍ଡ ପରୀକ୍ଷା ପ୍ରଥମ ଦିନ ସମ୍ପନ୍ନ ହୋଇଯାଇଅଛି, ଯାହାକୁ ପରିଚାଳନା କରିଥିଲା ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ଜିଲ୍ଲା ପ୍ରଶାସନଙ୍କ ସହଯୋଗ ନେଇ ।ଆଜି ପ୍ରଥମ ଦିନ ମାତୃଭାଷା ଓଡ଼ିଆ। ପରୀକ୍ଷା ମୋଟ ରେଗୁଲାର ୯୩୯୪ ପରୀକ୍ଷାର୍ଥୀରୁ ୯୧୧୨ ଉପସ୍ଥିତି ଥିଲା ବେଳେ ୨୮୨ ଅନୁପସ୍ଥିତି ଦେଖିବାକୁ ମିଳିଥିଲା ।ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ୪୪୯ ପରୀକ୍ଷାର୍ଥୀରୁ ୩୪୮ ଉପସ୍ଥିତି ଥିଲା ବେଳେ ୧୦୧ ଅନୁପସ୍ଥିତି ଥିଲେ ।ଏହିପରି ପ୍ରଥମ ଦିନରେ ମୋଟ ୯୮୪୩ ପରୀକ୍ଷାର୍ଥୀରୁ ୯୪୬୦ ପରୀକ୍ଷା ଦେଇଥିବା ବେଳେ ଜିଲ୍ଲାରୁ ୩୮୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ,ମାଲକାନଗିରି ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ତରଫରୁ ଆଗରୁ ସୂଚନା ଥିଲା



ଯେ ମୋଟ ୯୮୪୩ ଛାତ୍ରଛାତ୍ରୀ ପ୍ରଥମ ଦିନ ମାତୃଭାଷା ଓଡ଼ିଆ। ପରୀକ୍ଷା ଦେବେ ଏବଂ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଠାରୁ ପୁନଶ୍ଚ ଉତ୍ତର ଖାତା ନୋଡାଲ କେନ୍ଦ୍ର ଯାଏଁ ପହଞ୍ଚିବା ଦାୟିତ୍ୱ ସୁପରିଚାଳନା କରାଯାଇଅଛି ।ଆଜି ୪୬ ଜଣ ପର୍ଯ୍ୟବେକ୍ଷକ କେନ୍ଦ୍ରରେ ଉପସ୍ଥିତ ଥିଲା ବେଳେ ଜିଲ୍ଲା ପ୍ରଶାସନ ତରଫରୁ ଅଫିସର ଗଣଙ୍କୁ ମଧ ଜିଲ୍ଲାପାଳଙ୍କ ତରଫରୁ ତ୍ୱରାନ୍ୱିତ କରାଯାଇଥିଲା । ଦିବ୍ୟାଙ୍ଗ ପିଲାମାନେ କେମିତି ସହଜରେ ସୁରକ୍ଷିତ ଭାବେ ପରୀକ୍ଷା ଦେବେ ତାହାର ବି ବ୍ୟବସ୍ଥା କରାଯାଇଥିଲା । ସଂପୂର୍ଣ୍ଣ ପରୀକ୍ଷାରେ କୌଣସି ପ୍ରକାର କପି ହେବାର ସୂଚନା ଆସିନାହିଁ । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା, ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଜଗନ୍ନାଥ ବେହେରା କେନ୍ଦ୍ର ସବୁ ନିରୀକ୍ଷଣ କରିଥିବା ବେଳେ କେନ୍ଦ୍ର ସ୍କ୍ୱାର୍ଡ ମଧ ନିରୀକ୍ଷଣ କରିଥିଲେ ।

# ସ୍କୁଲ ରେ ତାଲା ପକାଇଲେ ଗ୍ରାମବାସୀ

ନବରଙ୍ଗପୁର ,୧୯।୨:(ମନ୍ଥନ)ଶିକ୍ଷକ ମାନେ ଠିକ ସମୟରେ ସ୍କୁଲ କୁ ନଆସିବାରୁ ତାତିଲେ ଗ୍ରାମବାସୀ ଏବଂ ସ୍କୁଲରେ ପକାଇଲେ ତାଲା ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋପେନା ପଂଚାୟତ ର ତାରାଗାଁ ଗ୍ରାମର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ।ସୂଚନା ଅନୁଯାୟୀ ବିଦ୍ୟାଳୟ ରେ ମୋଟ ୧୩୫ ଛାତ୍ର ଛାତ୍ରୀ ରହିଥିବା ବେଳେ ୬ ଜଣ ଶିକ୍ଷକ ଅଛନ୍ତି ସେଥି ମଧ୍ୟରୁ ୨ ଜଣ ଶିକ୍ଷକ ଛୁଟିରେ ରହିଛନ୍ତି ଏବଂ ଜଣେ ସରକାରୀ କାର୍ଯ୍ୟରେ ନିୟୋଜିତ ରହିଛନ୍ତି କିନ୍ତୁ ଅନ୍ୟ ତିନି ଜଣ ଶିକ୍ଷକ ଠିକ ସମୟରେ ବିଦ୍ୟାଳୟ ଆସୁନଥିବା ପୂର୍ବ ରୁ ଅଭିଯୋଗ ରହିଥିଲେ ମଧ ଆଜି ଉକ୍ତ ଶିକ୍ଷକ ମାନେ ସ୍କୁଲକୁ ୧୧ ଘଣ୍ଟିକା ସମୟରେ ପିଲାଙ୍କୁ ପାଠ ପଢାଇବାକୁ ଆସିଥିଲେ ତେଣୁ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ବିଦ୍ୟାଳୟ ର



ମୁଖ୍ୟ ଗେଟରେ ତାଲା ପକାଇଛନ୍ତି ।ଆଜି ବିଦ୍ୟାଳୟ ରେ ପିଲା ମାନେ ଉପସ୍ଥିତ ରହିଛନ୍ତି ଓ ବିଦ୍ୟାଳୟ ର ପାଚିକା ଓ ସହାୟିକା ରୋଷେଇ କରି ଖାଇବାକୁ ଦେଇଛନ୍ତି । ଶିକ୍ଷକ ମାନେ ବିଦ୍ୟାଳୟ କୁ ଠିକ ସମୟରେ ନ ଆସିବା କାରଣ ରୁ ଛାତ୍ର ଛାତ୍ରୀ ପାଠ ପଢା ରେ ଅବହେଳା ଦେଖା ଯାଉଛି ।ତେଣୁ ପିଲାଙ୍କୁ ପାଠ ପଢାଇବାରେ ଯେଉଁ ଶିକ୍ଷକ ମାନେ ଅବହେଳା କରୁଛନ୍ତି ସେହି ତିନିଜଣ ଶିକ୍ଷକ ଙ୍କୁ ଏହି ବିଦ୍ୟାଳୟ ରୁ ବଦଳି କରିବାକୁ ଦାବି କରିଛନ୍ତି ।ଘଟଣା ସ୍ଥଳରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପହଞ୍ଚି ଗ୍ରାମବାସୀ ଙ୍କୁ ବୁଝା ସୁଝା କରୁଛନ୍ତି। ଘଟଣାକୁ ନେଇ ଗ୍ରାମବାସୀ ଙ୍କ ଅଭିଯୋଗ କୁ ତଦନ୍ତ କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ।

# ବରିଷ୍ଠ ନାଗରିକଙ୍କ ଅଧିକାର ପାଇଁ ସକ୍ରିୟ ପଦକ୍ଷେପ

ଫୁଲନଖରା, ୧୯।୨:(ମନ୍ଥନ)କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତର ବ୍ରାହ୍ମଣଝରିଲୋ ଅବସ୍ଥିତ ଶ୍ରୀ ଶ୍ରୀ ଗୋପାଳଜୀଉଙ୍କ ପୀଠ ପରିସରରେ ବରିଷ୍ଠ ନାଗରିକ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ସଭା ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ଅଞ୍ଚଳର ବହୁ ଗଣମାନ୍ୟ ବ୍ୟକ୍ତିବର୍ଗ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା, ସୁବିଧା-ଅସୁବିଧା ଓ ସେମାନଙ୍କୁ ସମାଜର ମୁଖ୍ୟ ଧାରାରେ ସକ୍ରିୟ ଭାବେ ସାମିଲ କରିବା ନେଇ ବିସ୍ତୃତ ଆଲୋଚନା କରିଥିଲେ ।ସଭାରେ ଲଳିତ କୁମାର ଦାଶ, ବାବାଜୀ ଚରଣ ମହାନ୍ତି, ଜୟନ୍ତ କୁମାର ଜେନା, ଜୟଦେବ ପ୍ରଧାନ, ଦିବ୍ୟସିଂହ ପାତ୍ର, ସୁଶିଲ କୁମାର ଦାସ, ଶାହାନାଜ୍ ଖାଁ, ଶୈଳଜାନନ୍ଦ ସାହୁ, ଗୋକୁଳାନନ୍ଦ ଦାସ, ଦିଗମ୍ବର ସାହୁ, ଯଯାତି କେଶରୀ ବେଜ, ଅଶୋକ କୁମାର ସ୍ୱାଇଁ, ରମେଶ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଦଳାଇ, ବିଜୟ କୁମାର ମହାନ୍ତି, ଅରୁଣ କୁମାର ମହାନ୍ତି, ବୃନ୍ଦାବନ ରଣା ପ୍ରମୁଖ ଉପସ୍ଥିତ ଥିଲେ ।ସଭାରେ ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରି ସେମାନଙ୍କର ତାଲିକା ପ୍ରସ୍ତୁତ କରିବା, ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ଓ ସ୍ୱାସ୍ଥ୍ୟ, ପେନ୍ସନ୍ ଓ ସାମାଜିକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗରେ ସହଯୋଗ କରିବା ନେଇ ସ୍ପଷ୍ଟ ଯୋଜନା ଗଠନ କରାଯାଇଥିଲା । ଆସନ୍ତା ଏପ୍ରିଲ୍ ମାସରେ ନଗରୀ ପଞ୍ଚାୟତ ଓ ହରିଅନ୍ତା ପଞ୍ଚାୟତରେ ବରିଷ୍ଠ ନାଗରିକମାନଙ୍କୁ ସାମିଲ କରି ବୈଠକ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହା ସହିତ କଟକ ସଦର ଥାନା ଅଧୀନ ବାରଙ୍ଗ ବ୍ଲକର ୩୩ ନମ୍ବର ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ବୈଠକ କରାଯାଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମାଧାନ ଓ ସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ହୋଇଛି । ସଭାର ଶେଷରେ ସମସ୍ତେ ଏକମତ ହୋଇ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ସମାଜର ଅମୂଲ୍ୟ ସମ୍ପଦ ।ସେମାନଙ୍କ ଅନୁଭବ ଓ ପରାମର୍ଶ ସମାଜ ଗଠନରେ ମୁଖ୍ୟ ଭୂମିକା ନିଭାଏ । ତେଣୁ ସେମାନଙ୍କ ସମ୍ମାନ ଓ ସୁରକ୍ଷା ପ୍ରତି ସମାଜର ପ୍ରତ୍ୟେକ ମଣିଷଙ୍କ ଦାୟିତ୍ୱ ରହିଛି ।

# ଆସନ୍ତା ୨୦ରେ ମକର ମହୋତ୍ସବ

କେନ୍ଦ୍ରାପଡ଼ା,୧୯।୨:(ମନ୍ଥନ)ପ୍ରକୃତିମିତ୍ର ମା'ବୁଢୀ ଜାଗୁଳାଇ ପାଲା ସଙ୍ଘ, କେନ୍ଦ୍ରାପଡା ପକ୍ଷରୁ ଆସନ୍ତା ୨୦ତାରିଖରେ ଦୁହୁରିଆସ୍ଥିତ ବିଲେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମକର ମହୋତ୍ସବ - ୨୦୨୬ ଅନୁଷ୍ଠିତ ହେବ। ଏହି ଉତ୍ସବକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରାବନ୍ଧିକ ଅମରେନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେବେ। ଏହି ଅବସରରେ ସଙ୍ଘ ପକ୍ଷରୁ ବରିଷ୍ଠ ବୃଦ୍ଧବୃଦ୍ଧାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ବାଦିପାଲା ଓ ନୃତ୍ୟସଂଗୀତ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହେବ ବୋଲି ସଙ୍ଘ ପକ୍ଷରୁ ଗଗନବିହାରୀ ସିଂହ ଜଣାଇଛନ୍ତି।

# ପ୍ରବାସି ଶ୍ରମିକଙ୍କ ବିଭିନ୍ନ ସମସ୍ୟା ବିଷୟରେ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର, ୧୯।୨:(ମନ୍ଥନ) ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରବାସି ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ, ସରପଞ୍ଚ ଉପସ୍ଥିତ ଥିଲେ ।ସହକାରୀ ଶ୍ରମ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ ।ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପ୍ରତ୍ୟେକ ଶ୍ରମିକ ନିଜ ନାମକୁ ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକରଣ କରାଇ ଶ୍ରମ କାର୍ଡ କରାଇବା ନିତାନ୍ତ ଆବଶ୍ୟକ ।ଯେକୌଣସି କାର୍ଯ୍ୟରେ ଯୋଗ ଦେବା ଆଗରୁ ସମ୍ପୃକ୍ତ ମାଲିକଙ୍କ ନାମ, ଠିକଣା ଓ ସଂସ୍ଥାର ପଞ୍ଜିକରଣ ବିଷୟରେ ଜାଣି ଚୁକ୍ତିନାମା ସ୍ୱାକ୍ଷର କରାଇବା ଉଚିତ ।ଯଦି ଚୁକ୍ତିନାମା ଅନୁଯାଇ ମଜୁରୀ କିମ୍ବା ଅନ୍ୟାନ୍ୟ ସୁବିଧା ସୁଯୋଗ ନମିଳେ ତେବେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇବା ଆବଶ୍ୟକ ।ପ୍ରବାସି ଶ୍ରମିକଙ୍କ ବିଭିନ୍ନ ଆଇନଗତ ସାହାଯ୍ୟ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ ସଚିବ ସଚେତନ କରାଇଥିଲେୟ ଶେଷରେ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ ।

# ୭୭ ଗ୍ରାମର ଧଳାଜହର ଜବତ, ଦୁଇ ଗିରଫ

**ଜଗତସିଂହପୁର,୧୯।୨:(ମନ୍ଥନ)** ଜଗତସିଂହପୁର ଅବକାରୀ ରେଞ୍ଜ ଏବଂ ବାଲିକୁଦା ଅବକାରୀ ଥାନା ପକ୍ଷରୁ ବାଲିକୁଦା ଥାନା ଅନ୍ତର୍ଗତ ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରାଯାଇ ୭୭ ଗ୍ରାମର ବ୍ରାଉନସୁଗାର ଜବତ କରାଯିବା ସହ ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରାଯାଇଛି । ମଙ୍ଗଳବାର ଦିନ ଜଗତସିଂହପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ବିଶେଷ ସୂତ୍ରକୁ ଆଧାର କରି ମାଛଗାଁ ବଜାରରେ ଚଢାଉ କରି ବ୍ରାଉନସୁଗାର ବିକ୍ରି କରିବାକୁ ଆସିଥିବା ସିଙ୍ଗିତାଲିଅ। ଗ୍ରାମର ଧର୍ମାନନ୍ଦ ସାହୁଙ୍କ ପୁଅ ସୁର୍ଦଶନ ସାହୁ



(୫୪) ଙ୍କଠାରୁ ୫୨ ଗ୍ରାମର ବ୍ରାଉନସୁଗାର ଓ ଏକ ରୟାଲ ଏନଫିଲ୍ଡ ମୋଟର ସାଇକେଲ (ଓଡି-୧୩-ଜି-୭୩୭୧) ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି ।ଅଭିଯୁକ୍ତଙ୍କ ଠାରୁ ତଥ୍ୟ ସଂଗ୍ରହ କରି ତାଙ୍କର ସହଯୋଗୀ ଆମ୍ବଶାଳ ଗ୍ରାମର ବେଣୁଧର ଦାସଙ୍କ ପୁଅ ହୃଷିକେଶ ଦାସ (୩୮)ଙ୍କୁ ଗିରଫ କରିବା ସହ ଯାଞ୍ଚ ପରେ ତାଙ୍କ ଠାରୁ ୨୫ ଗ୍ରାମର ବ୍ରାଉନସୁଗାର ଜବତ କରିଛନ୍ତି ।ଦୁଇ ଅଭିଯୁକ୍ତ ଙ୍କୁ ଦୁଇଟି ଅଲଗା ମାମଲାରେ ଅଦାଲତ ଚାଲଣ କରାଯାଇଥିବା ବେଳେ ଜିଲ୍ଲା ଦୌରାଜଜ ଅଭିଯୁକ୍ତ ଦ୍ୱୟଙ୍କ ଙ୍କ ଜାମିନ ନାମଞ୍ଜୁର କରି କାରାଗାର କୁ ପଠାଇଛନ୍ତି । ଆଜିର ଏହି ଚଢାଉ ରେ କନଷ୍ଟେବଳ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ ।ଜିଲ୍ଲାରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବଢି ଚାଲିଥିବା ବେଳେ ଏହା ନିଶ୍ଚିତ ଭାବେ ଅବକାରୀ ବିଭାଗ ପାଇଁ ବଡ ସଫଳତା ।

# ତେର ତମ ଖିଚିଂ ମହୋତ୍ସବ ୨୦୨୬ ଅନୁଷ୍ଠିତ

ମୟୁରଭଞ୍ଜ,୧୯।୨:(ମନ୍ଥନ)ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଦି ଗ୍ରେଟର ଟୁରିଜିମ ଡେଭଲପମେଣ୍ଟ କମିଟି, ଖିଚିଂ ଅନୁକୁଲ୍ୟରେ ଖିଚିଂଯାତ୍ରା ପଡିଆ। ଠାରେ ୧୩ତମ ଖିଚିଂ ମହୋତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି ।ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲା ହସ୍ତଶିଳ୍ପ ପସରା,ସ୍ଥାନୀୟ ଲୋକ କଳା ଓ ଲୋକନୃତ୍ୟର ଝଲକ ସହିତ ବିଭିନ୍ନ ରଙ୍ଗାରଙ୍ଗ ସାଂକୃତିକ ବିଚିତ୍ର ।ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଦେବେନ୍ଦ୍ରନାଥ ପିଙ୍ଗୁଆ। ଏସ. ଡି. ପି. ଓ ,ବଡ଼ବିଲ ଙ୍କ ସହିତ ମୁଖ୍ୟବକ୍ତା ଡ଼ ସଂଗ୍ରାମ କେଶରୀ ମଲ୍ଲିକ ଅଧ୍ୟକ୍ଷ ଶୁକ୍ରୁଲି ଶାନ୍ତକ ମହାବିଦ୍ୟାଳୟ, ଶୁକ୍ରୁଲି, ସମ୍ମାନୀୟ ଅତିଥି ଭାବେ ଚମ୍ପୁଆ। ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ,ଅନ୍ୟ ସମ୍ମାନୀୟ ଅତିଥି ନବକିଶୋର ନାଏକ ଏସ. ଡି. ପି. ଓ, କରଞ୍ଜିଆ।, ଅନ୍ୟ ସମ୍ମାନୀୟ ଅତିଥି ଡ଼ ସତ୍ୟପ୍ରକାଶ ଧଳ ଚିକିତ୍ସା ଅଧିକାରୀ ଡାଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅନ୍ୟ ସମ୍ମାନୀୟ ଅତିଥି କୃପାସିନ୍ଧୁ ମହାନ୍ତ ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ, ଭାରତୀୟ



ଜନତା ପାର୍ଟି ଓ ସଭାପତି ଭାବେ ଇଞ୍ଜିନିଅର ଶୁଶାନ୍ତ କୁମାର ନାଏକ ଉପ ସଭାପତି ଗ୍ରେଟର ଟୁରିଜିମ ଡ଼େଭଲପମେଣ୍ଟ କମିଟି,ଖିଚିଂ ଯୋଗଦେଇ ଥିଲେ ।ସର୍ବ ପ୍ରଥମେ ମୁଖ୍ୟ ଅତିଥି ଓ ସମସ୍ତ ସମ୍ମାନୀୟ ଅତିଥିମାନଙ୍କୁ ଦି ଗ୍ରେଟର ଟୁରିଜିମ ଡେଭଲପମେଣ୍ଟ କମିଟି ସଦସ୍ୟମାନେ ପୁଷ୍ପ ଗୁଚ୍ଛ ଓ ଉତ୍ତୋରୀୟ ଦେଇ ବଡ଼ ଆଡମ୍ବର ସହିତ ମଞ୍ଚ ଉପରକୁ ପାଛଟି ନେଇଥିଲେ,ସେଠାରେ ଅତିଥି ସମ୍ମାନ ଓ ସ୍ୱାଗତ ସଂଗୀତ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।ଶ୍ରୀ ତ୍ରିପାଠୀ ଉପସ୍ଥିତ ଥିବା ଅତିଥି ବୃନ୍ଦ ଓ ଜନସାଧାରଣଙ୍କୁ ସମ୍ବର୍ଦ୍ଧନା ଦେଇ ତାଙ୍କ ଅଭିଭାଷଣ ରଖିଥିଲେ । ଶ୍ରୀ ତ୍ରିପାଠୀ ସବୁବେଳେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧାରେ ସାମିଲ ହୋଇ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ସର୍ବଦା ତତ୍ପରତା ଦେଖାଇ ଆସିଥିବା ସମାଜସେବୀ ଶ୍ରୀ ତ୍ରିପାଠୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ କରିବା ତାଙ୍କ ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସ, ଭରଷା ତଥା ଶ୍ରଦ୍ଧା ଓ ଆତ୍ମୀୟତାକୁ ସୂଚାଇ ଦେଇ ଥାଏ ଏବଂ ଶ୍ରୀ ତ୍ରିପାଠୀଙ୍କ ଲୋକପ୍ରିୟତା ଚମ୍ପୁଆ। ନିର୍ବାଚନ ମଣ୍ଡଳୀ ସହିତ ସମଗ୍ର ଜିଲ୍ଲାରେ ଦିନକୁ ଦିନ ବଢିବାକୁ ଲାଗିଛି ।

# ଉମରକୋଟ ଠାରେ ମିଳିତ ଯୁବକ ସଂଘର ସାମ୍ବାଦିକ ସମ୍ମିଳନୀ

ନବରଙ୍ଗପୁର,୧୯।୨:(ମନ୍ଥନ)ନବରଙ୍ଗପୁର ଜିଲ୍ଲାର ବାଣିଜ୍ୟିକ ପେଣ୍ଠସ୍ଥଳୀ କୁହାଯାଉଥିବା ଉମରକୋଟ ଆଜି ଅବହେଳିତ ।ଏହି ଅଭିଯୋଗ ଆଣି ଉମରକୋଟ ମିଳିତ ଯୁବକ ସଂଘ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସଂଘ ପକ୍ଷରୁ ସରକାର ଓ ପ୍ରଶାସନ ଉପରେ ବର୍ଷିଛନ୍ତି ।ସଂଘର ମୁଖ୍ୟ ଅଭିଯୋଗ ହେଉଛି ଉମରକୋଟରେ ହେବାକୁ ଥିବା ମେଡିକାଲ କଲେଜ କେଉଁ ଆଧାରରେ ନବରଙ୍ଗପୁରକୁ ସ୍ଥାନାନ୍ତରିତ କରାଗଲା ।ଖାଲି ସେତିକି ନୁହେଁ, ସ୍ୱାସ୍ଥ୍ୟ ସେବାକୁ ନେଇ ମଧ ଉଠିଛି ବଡ଼ ପ୍ରଶ୍ନ ।ଉମରକୋଟ ଝଉଐ (ଉପଖଣ୍ଡ ଚିକିତ୍ସାଳୟ)ରେ ଆବଶ୍ୟକୀୟ ଡାକ୍ତର ନାହାନ୍ତି । ସାମାନ୍ୟ କଥାରେ ରୋଗୀଙ୍କୁ ନବରଙ୍ଗପୁର ରେଫର କରାଯାଉଛି । ଫଳରେ ଗରିବ ଚାଷୀ ଓ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଏହା ସହ ଉମରକୋଟକୁ ସବ୍-ଡିଭିଜନ ମାନ୍ୟତା ଏବଂ ଦୀର୍ଘ ଦିନରୁ ପଡ଼ି ରହିଥିବା ଜମି ବନ୍ଦୋବସ୍ତ ସମସ୍ୟାର ସମାଧାନ ପାଇଁ ସଂଘ ଜୋରଦାର ଦାବି କରିଛି ।ଏସିଆ। ମହାଦେଶରେ ମକା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଉମରକୋଟ ଆଜି ସବୁ କ୍ଷେତ୍ରରେ ପଛରେ। ଏଠାରୁ ଜିତିଥିବା ବିଧାୟକ ଆଜି ରାଜ୍ୟର ଗଣଶିକ୍ଷା ମନ୍ତ୍ରୀ, ତଥାପି ଅଞ୍ଚଳର ସ୍ୱାର୍ଥ ରକ୍ଷା ହୋଇପାରୁ ନଥିବାରୁ ଯୁବ ସଂଘ କ୍ଷୋଭ ପ୍ରକାଶ କରିଛି । ଯଦି ପ୍ରଶାସନିକ ଅଧିକାରୀମାନେ ଏହି ବିଷୟରେ ଆଲୋଚନା କରି କୌଣସି ବିକଳ୍ପ ବ୍ୟବସ୍ଥା ନକରନ୍ତି, ତେବେ ଆଗାମୀ ଦିନରେ ଉମରକୋଟ, ରାଇଘର, ଝରିଗାଁ ଏବଂ ଚନ୍ଦାହାଣ୍ଡି ଭଳି ୪ଟି ବ୍ଲକରେ ଆନ୍ଦୋଳନ ତୀବ୍ର ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ମିଳିତ ଯୁବକ ସଂଘ ଚେତାବନୀ ଦେଇଛି ।

# ୧୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ

ପିପିଲି,୧୯।୨:(ମନ୍ଥନ)ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ବୋର୍ଡ (ମାଟ୍ରିକ୍) ପରୀକ୍ଷା ଫବୃେଆରୀ୧୯ ତାରିଖ ଠାରୁ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ପିପିଲି ବ୍ଲକରେ ମାଟ୍ରିକ୍ ପରୀକ୍ଷା ପାଇଁ ୧୧ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ପିପିଲି ନୋଡାଲ ହାଇସ୍କୁଲକୁ ନୋଡାଲ ସେଂଟର କରାଯାଇଛି । ପିପିଲି ବ୍ଲକରେ ମୋଟ ପରୀକ୍ଷାର୍ଥୀ ସଂଖ୍ୟା୨୫ଶହ୯୩ ରହିଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଦିନରେ ୨୫ଶହ ୭୯ଜଣ ଛାତ୍ରଛାତ୍ରୀ ଦଶମ ବୋର୍ଡ ପରୀକ୍ଷା




ଦେଇଛନ୍ତି । ଏହି ବ୍ଲକ ଅନ୍ତର୍ଗତ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମୋଟ୧୪ ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନରେ ଅନୁପସ୍ଥିତ ରହିଥିବା ନେଇ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୁଚନା ମିଳିଛି । ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡିକକୁ ସକାଳ ୮ଘଟିକା ସମୟରେ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିବା ବେଳେ ପରୀକ୍ଷା କେନ୍ଦ୍ର ଗୁଡିକରେ ସିସି ଟିଭି,ପାନୀୟ ଜଳ ସୁବିଧା କରାଯାଇଥିବା ନେଇ ମଣ୍ଡଳ ସହ ଶିକ୍ଷାଧିକାରୀ ସାହେବ ପାତ୍ର ସୁଚନା ଦେଇଛନ୍ତି ।

ଗୁରୁବାର, ୧୯ ଫେବୃଆରୀ ,୨୦୨୬ ଭୁବନେଶ୍ୱର

THURSDAY, 19 FEBRUARY, 2026, BHUBANESWAR




'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ବିଗାଡୁଛି ପ୍ରଦୂଷଣ ଓ ଯାଞ୍ଚ ସାର୍ଟିଫିକେଟ ପ୍ରହସନ !

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ପ୍ରଦୂଷଣ ବଢୁଛି। ପରିବେଶକୁ କ୍ଷତି ପହଞ୍ଚୁଛି। ଗାଡ଼ିସଂଖ୍ୟା ବଢ଼ିବା କାରଣରୁ ଏଥିରୁ ନିର୍ଗତ ଧୂଆଁ ପରିବେଶ ନଷ୍ଟ କରୁଛି। ତେଣୁ ଯେଉଁ ଗାଡ଼ି ଅଧିକ ପ୍ରଦୂଷଣ ସୃଷ୍ଟି କରୁଛନ୍ତି ସେମାନଙ୍କ ଉପରେ କଟକଣା ଲଗାଇବା ଏବଂ ଯେଉଁ ଗାଡ଼ି ଗୁଡ଼ିକ ପରିବେଶ ଅନୁକୂଳ ସେମାନେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ବା ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ ହାସଲ କଲେ ଯାଇ ଗାଡ଼ିରେ ତେଲ ପକାଇ ପାରିବେ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏଥିପାଇଁ ସାରା ରାଜ୍ୟରେ ଗାଡ଼ି ଟେଷ୍ଟିଂ କେନ୍ଦ୍ର ଆଗରେ ନାହିଁ ନଥିବା ଭିଡ଼। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯେତେ ଗାଡ଼ି ଟେଷ୍ଟିଂ କେନ୍ଦ୍ରକୁ ଯାଉଛି ସମସ୍ତଙ୍କୁ ମିଳୁଛି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ। ବିଶେଷକରି କୌଣସି ଦୁଇ ଚକିଆ ଗାଡ଼ି ଏଥିରେ ଫେଲ ହେଉନାହାନ୍ତି। ଫଳରେ ସାର୍ଟିଫିକେଟ ଦେବା ନାଁରେ କେବଳ ପ୍ରହସନ ଚାଲିଥିବା ଆଲୋଚନା ହେଉଛି।

ରାସ୍ତାର ଏବେ ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ପ୍ରଦୂଷଣ ଟେଷ୍ଟିଂ ଗାଡ଼ି ଛିଡ଼ା ହୋଇଛି। ଆଜି କେଉଁଠି ସ୍ଥାୟୀ କେନ୍ଦ୍ର ରହିଛି। ଏହିସବୁ କେନ୍ଦ୍ରରେ ପ୍ରଦୂଷଣ ଯାଞ୍ଚ କରାଯାଇ ଏଥିରେ ସଫଳ ଗାଡ଼ିକୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଅର୍ଥାତ୍ ଯେଉଁ ଗାଡ଼ି ଏହି ସାର୍ଟିଫିକେଟ ପାଇଲା ସଂପୃକ୍ତ ଗାଡ଼ି ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ। ସବୁଗାଡ଼ି ଯାଞ୍ଚରେ ପାସ କରୁଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ପରିବହନ ବିଭାଗର ସୂଚନା ଅନୁଯାୟୀ, ଓଡ଼ିଶାର ଅଧିକାଂଶ ଦୁଇଚକିଆ ଯାନ କେବଳ କିଣା ହେବା ସମୟରେ ପ୍ରଦୂଷଣ ସେମାନେ ଚେତାବନୀ ଦେଇ କହିଛନ୍ତି ଯଦି ତତ୍କାଳ ପଦକ୍ଷେପ ନିଆ ନଯିବ ତେବେ ଏହି ସମସ୍ୟା ପ୍ରତିବର୍ଷ ବଢ଼ିବ। ସବୁଠାରୁ ବଡ଼ କଥା ହେଲା ଗତ ୧୦ ବର୍ଷ ହେଲା ହୃଦରୋଗ ସହ ମେଦ ବହୁଳତା ଯୋଡ଼ି ହୋଇଯାଇଛି। ଏଥିରେ ଯାନବାହାନ ଓ ବିମାନରୁ ନିର୍ଗତ ବିଷାକ୍ତ ତତ୍ତ୍ୱର ବଡ଼ ଭୂମିକା ରହିଛି। ବାୟୁ ପ୍ରଦୂଷଣ ଉପରେ ଭାରତ ସରକାର ନୂଆ ଫୋକସ ଅବଶ୍ୟ କରିଛନ୍ତି। କିନ୍ତୁ ଏହା ବହୁ ବିଳମ୍ବ ହୋଇଯାଇଛି।

ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ସୃଷ୍ଟି ହେଉଥିବା ହୃତପିଣ୍ଡ, ଶ୍ୱାସ ପ୍ରଶ୍ୱାସ, ସ୍ନାୟୁ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରମାଣ ରହିଛି। ପ୍ରଦୂଷଣକୁ ରୋକିବା ଲାଗି ପଦକ୍ଷେପ ନେବାରେ ବିଳମ୍ବ ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଆର୍ଥିକ ବୋଝ ବଢ଼ିବ। ମୁଣ୍ଡବିନ୍ଧା, ହାଲିଆ ଲାଗିବା, ହାଲକା କାଶ, ଗଳା ଦରଜ, ପାଚନ ସମସ୍ୟା, ଆଖି ଶୁଷ୍କ ହୋଇଯିବା, ଚର୍ମରେ ଲାଲ ଚିହ୍ନ ଓ କ୍ରମାଗତ ସଂକ୍ରମଣ ଭଳି ସମସ୍ୟାକୁ ଛୋଟମୋଟ କହି ସବୁବେଳେ ଲୋକମାନେ ଅଣଦେଖା କରୁଛନ୍ତି। କିନ୍ତୁ ବାସ୍ତବରେ ଏହା କୌଣସି ଗମ୍ଭୀର ରୋଗର ସଙ୍କେତ ହୋଇଥାଏ। ପ୍ରଦୂଷିତ ସହରରେ ବାୟୁ ଆଖିକୁ ପରିଷ୍କାର ଦେଖାଯାଉଥିଲେ ମଧ୍ୟ ସେଥିରେ ଅନେକ ଛୋଟ ଛୋଟ କଣିକା (ପିଏମ୨.୫ ପ୍ରଦୂଷଣ) ରହିଛି। ଯାହା ହୃଦରୋଗ ପ୍ରତି ବିପଦ ସୃଷ୍ଟି କରିପାରେ। ହୃଦରୋଗ ଏକ ମନ୍ଥର ପ୍ରକ୍ରିୟା, କିନ୍ତୁ ଏଥିରେ ହଠାତ୍ ସ୍ଥିତି ବିଗିଡ଼ି ଯାଏ। ପିଏମ୍୨.୫ ପ୍ରଦୂଷଣ ଆଖିକୁ ଦେଖାଯାଏ ନାହିଁ। ରକ୍ତଚାପ କିମ୍ବା କୋଲେଷ୍ଟ୍ରୋଲ ଭଳି ଏହାକୁ ସହଜରେ ମପାଯାଇ ପାରିବ ନାହିଁ। ଫଳରେ ଲୋକମାନେ ଏହାର ଗମ୍ଭୀର ବିପଦକୁ ଜାଣିପାରନ୍ତି ନାହିଁ।

ସଦ୍ୟ ସମାପ୍ତ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାର କହିଥିଲେ ଯେ ପ୍ରଦୂଷଣ ଓ ତାର ସିଧାସଳଖ ପ୍ରଭାବ ହୃତପିଣ୍ଡ ଉପରେ ପଡ଼ିବା ସମ୍ପର୍କରେ କୌଣସି ଠୋସ ତଥ୍ୟ ତାଙ୍କ ପାଖରେ ନାହିଁ। କିନ୍ତୁ ସରକାର ମାନିଥିଲେ ଯେ ବାୟୁ ପ୍ରଦୂଷଣ ଶ୍ୱାସପ୍ରଶ୍ୱାସ ଜନିତ ରୋଗ ବୃଦ୍ଧିର ଏକ କାରଣ ପାଲଟିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଆଗତ କରାଯାଇଥିବା ରିପୋର୍ଟ ଅନୁସାରେ ଗତ ୩ ବର୍ଷରେ ଦିଲ୍ଲୀରେ ଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟାରେ ପୀଡ଼ିତ ହୋଇ ୨ ଲକ୍ଷରୁ ଅଧିକ ଲୋକ ହସ୍ପିଟାଲ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ହଜାରରୁ ଅଧିକ ରୋଗୀଙ୍କୁ ହସ୍ପିଟାଲରେ ଚିକିତ୍ସିତ ହେବାକୁ ପଡୁଛି।

ଲାନସେଟ ଫାଉଣ୍ଡେସନ ଅଫ ହେଲଥ ଆଣ୍ଡ କ୍ଲାଇମେଟ ଚେଞ୍ଜ ୨୦୨୫ ରିପୋର୍ଟ ଅନୁସାରେ ୨୦୨୨ରେ ଭାରତରେ ପିଏମ ୨.୫ ପ୍ରଦୂଷଣେ ଯୋଗୁ ୧୭ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେଥିରେ




୨.୬୯ ଲକ୍ଷ ମୃତ୍ୟୁ ସଡ଼କ ପରିବହନ ସହ ଜଡ଼ିତ ପେଟ୍ରୋଲ ଓ ଡିଜେଲରୁ ସୃଷ୍ଟି ପ୍ରଦୂଷଣ ଯୋଗୁ ହୋଇଥିଲା। ଗତ ମେ'ରେ ଇଣ୍ଟରନ୍ୟାସନାଲ କାଉନସିଲ ଅନ କ୍ଲିନ ଟ୍ରାନ୍ସପୋର୍ଟେସନ ପକ୍ଷରୁ କରାଯାଇଥିବା ଏକ ବୈଶ୍ୱିକ ଅଧ୍ୟୟନରେ କୁହାଯାଇଥିଲା ଗାଡ଼ିରୁ ବାହାରୁଥିବା ବିଷାକ୍ତ ଗ୍ୟାସକୁ ନିୟନ୍ତ୍ରଣ କରିବା ଲାଗି ନୀତି ଅଣାଗଲେ ୨୦୪୦ ବେଳକୁ ୧୯ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ବଞ୍ଚିପାରିବ। ଏଥିସହ ୧୪ ଲକ୍ଷ ପିଲାଙ୍କୁ ଶ୍ୱାସ ରୋଗରୁ ରକ୍ଷା କରାଯାଇପାରିବ। ପ୍ରଦୂଷଣ ଯାଞ୍ଚ ବାସ୍ତବାଭିମୁଖୀ ହେଉ ଏବଂ ସବୁଠାରୁ ବଡ଼କଥା ହେଉଛି ଭାରତରେ ବାୟୁ ପ୍ରଦୂଷଣ, କୋଭିଡ୍ - ୧୯ ମହାମାରୀ ପରେ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ପରି ଉଭା ହୋଇଛି। ଆଗାମୀ ଦିନରେ ଏହି ପ୍ରଦୂଷଣ ଲୋକଙ୍କ ସ୍ୱାସ୍ଥ୍ୟ ଓ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଦୀର୍ଘ କାଳୀନ ପ୍ରଭାବ ପକାଇବ। ଏବେ ଶୀତ ଯଦିଓ କମୁଛି କିନ୍ତୁ ପ୍ରଦୂଷଣର ବିଷ ସେତିକି ବଢୁଛି। ଓଡ଼ିଶା କଥା ବିଚାର କଲେ ଓଡ଼ିଶାର ସାତଟି ସହରରେ ବାୟୁର ମାନ ବିଗିଡ଼ି ଚାଲିଛି। ଯେଉଁ ହାରରେ ଓଡ଼ିଶାରେ ବାୟୁ ପ୍ରଦୂଷଣ ବଢୁଛି ତାହା ଅନେକଙ୍କୁ ଚକିତ କରିଛି। ଶୀତ ଦିନେ ଭୂପୃଷ୍ଠରେ ତାପମାତ୍ରା ଉପର ବାୟୁ ଅପେକ୍ଷା କମ ଥାଏ। ଏହାକୁ ଇନଭର୍ସନ କୁହାଯାଏ। ତେଣୁ ଭୂପୃଷ୍ଠର ଧୂଳିକଣା ଉପରକୁ ଯାଇପାରେନି କିମ୍ବା ବିସ୍ତାରିତ ନହୋଇ ଗୋଟିଏ ନିର୍ଦ୍ଦିଷ୍ଟ ବାୟୁମଣ୍ଡଳରେ ଜମାଟ ବାନ୍ଧେ ଏହି କାରଣରୁ ବର୍ତ୍ତମାନ ବାୟୁ ପ୍ରଦୂଷଣ ଅଧିକ ରହୁଛି। ସେହିପରି ଆଉ ଗୋଟିଏ କଥା ହେଉଛି ଏଯାବତ୍ ରାଜ୍ୟରେ ମୋଟ ୧୪୪୦୧୧ଟି ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ମିଳି ସାରିଲାଣି। ଗାଡ଼ିର ପ୍ରଦୂଷଣ ଯାଞ୍ଚ ପାଇଁ ଏକ ମେସିନ ରହିଛି। ଏହି ମେସିନରେ ଗାଡ଼ିରୁ ଅଙ୍ଗାରକାମ୍ଳ କେତେ ନିର୍ଗତ ହେଉଛି ତାହାକୁ ଆଧାର କରି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ। ଦୁଇଚକିଆ ଯାନର ନିର୍ଗତ ଧୂଆଁରୁ କେଉଁ ଉପାଦାନ କେତେ ଥିଲେ ଏହା ପ୍ରଦୂଷଣ ସୃଷ୍ଟି କରୁଛି ବୋଲି ଧରାଯିବ ତାହାର ଏକ ମାନକ ଧାର୍ଯ୍ୟ କରାଯାଇଛି। ଦୁଇଚକିଆ ଯାନରୁ କାର୍ବନ ଡାଇଅକ୍ସାଇଡ଼ ୩.୫% ରହିବା ଦରକାର। ଏହାଠାରୁ ଅଧିକ ନିର୍ଗତ ହେଲେ ତାହା ପ୍ରଦୂଷଣ କରୁଛି ବୋଲି ଧରାଯିବ। ସେହିପରି ହାଇଡ୍ରୋକାର୍ବନ ପରିମାଣ ୪୫୦୦ ପିପିଏମ ରହିବା ଦରକାର। ଏଥିପାଇଁ ଗାଡ଼ିର ସାଇଲେନ୍ସରରେ ଏକ ପାଇପ ଭର୍ତ୍ତି କରାଯାଏ। ଏହି ପାଇପ ଜରିଆରେ ଉପରୋକ୍ତ ଉପାଦାନ ନିର୍ଗତର ପରିମାଣ କେତେ ତାହା ଜଣାପଡ଼ିଥାଏ। ଏହି ଆଧାରରେ ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ଦିଆଯାଏ। ଏବେ କେତେକ କେନ୍ଦ୍ରରେ ଯଦିଓ ଏହି ପାଇପ ଭର୍ତ୍ତି କରାଯାଇ ପ୍ରଦୂଷଣ ଯାଞ୍ଚ କରାଯାଉଛି କିନ୍ତୁ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି। କାରଣ ସବୁ ଗାଡ଼ି ଏହି ପରୀକ୍ଷାରେ ପାସ ହେଉଛନ୍ତି। ଆଉ କେତେକ କେନ୍ଦ୍ରରେ ସାଇଲେନ୍ସରେ ପାଇପ ମଧ୍ୟ ଭର୍ତ୍ତି କରାଯାଉନାହିଁ। କେବଳ ଗାଡ଼ି ପଞ୍ଜୀକରଣ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବର ମଗାଯାଉଛି। ଉକ୍ତ ମୋବାଇଲରେ ଏକ ଓଟିପି ଯାଉଛି। ଓଟିପି କହିଦେବା ପରେ ଗାଡ଼ିକୁ ସାର୍ଟିଫିକେଟ ମିଳିଯାଉଛି ବୋଲି କୁହାଯାଉଛି।

ଯଦି ଏଭଳି ଭାବେ ଗାଡ଼ିକୁ ସାର୍ଟିଫିକେଟ ଦିଆଯିବ ତାହାହେଲେ ଗାଡ଼ି ଯାଞ୍ଚ କେବଳ ଏକ ପ୍ରହସନ ବୋଲି ପରିବେଶ ବିଶେଷଜ୍ଞ ମତ ରଖନ୍ତି, ସେମାନଙ୍କ କହିବା ଅନୁଯାୟୀ, ଯଦି ଏମାନେ ଠିକ ଭାବେ ଯାଞ୍ଚ କରୁଥାନ୍ତେ ତାହାହେଲେ ସବୁ ଗାଡ଼ି ପ୍ରଦୂଷଣ ପରୀକ୍ଷାରେ ପାସ କରିପାରିବେ ନାହିଁ। ଏହି ପ୍ରସଙ୍ଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ବିଏସ-୪ ବା ବିଏସ-୬ ଇଞ୍ଜିନ ବିଶିଷ୍ଟ ଦୁଇଚକିଆ ଗାଡ଼ି ବିକ୍ରି ହେଉଛି। ଏହି ଗାଡ଼ି ଗୁଡ଼ିକ ଦ୍ୱାରା ପ୍ରଦୂଷଣ ଆଦୌ ହେବନାହିଁ କହିଲେ ଚଳେ। କାରଣ ଏହିସବୁ ଗାଡ଼ି ଗୁଡ଼ିକରେ କାଟାଲିଟିକ କନଭର୍ଟର ବ୍ୟବହାର କରାଯାଉଛି। ଏହାଦ୍ୱାରା ଗାଡ଼ିରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବନାହିଁ। ଦ୍ୱିତୀୟରେ ବର୍ତ୍ତମାନ ସମୟରେ ଯେଉଁ ପେଟ୍ରୋଲ ଆସୁଛି ସେସବୁ ସଲଫରର ପରିମାଣ ବହୁତ କମ ରହୁଛି। ପେଟ୍ରୋଲରେ ସଲଫର ଅଧିକ ଥିଲେ ଏହା ଅଧିକ ପ୍ରଦୂଷଣ ସୃଷ୍ଟି କରିଥାଏ। କିନ୍ତୁ ପେଟ୍ରୋଲରେ ସଲଫର ପରିମାଣ କମିଯିବାରୁ ପ୍ରଦୂଷଣ ମାତ୍ରା ମଧ୍ୟ କମିଯାଉଛି। ତେଣୁ ଏଭଳି ସ୍ଥିତିରେ ଦୁଇ ଚକିଆ ଯାନକୁ ସମ୍ପୂର୍ଣ୍ଣ ପ୍ରଦୂଷଣ ସାର୍ଟିଫିକେଟ ମୁକ୍ତ କରିବା ଆବଶ୍ୟକ। ନଚେତ ଏହି ସାର୍ଟିଫିକେଟ ବାହାନାରେ କେବଳ ଲୋକଙ୍କ ଠାରୁ ଜରିମାନା ଆଦାୟ ହିଁ ସାର ହେଉଛି। ଉଦାହରଣ ବଶତଃ ଗତ ପାଞ୍ଚ ଦିନ ପରିବହନ ବିଭାଗ ୱେବସାଇଟରେ କେବଳ କେତେ ଗାଡ଼ିକୁ ସାର୍ଟିଫିକେଟ ଦିଆଯାଉଛି ତାହାର ସୂଚନା ରହିଥିଲାବେଳେ କେତେଜଣଙ୍କର ବାତିଲ ହେଉଛି ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଏହି କଥା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ପ୍ରଦୂଷଣ ଯାଞ୍ଚ ହେଉ କିନ୍ତୁ ପ୍ରଦୂଷଣକୁ ନେଇ ଲୋକମାନଙ୍କର ଯେଉଁ ସ୍ୱାସ୍ଥ୍ୟ ସମସ୍ୟା ହେଉଛି ଏହାପାଇଁ କିଏ ଉତ୍ତରଦାୟୀ ରହିବ ?


**ବାକ୍ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼,**
**କଟକ, ଦୂରଭାଷ : ୯୪୩୮୨୭୬୭୬୦**


# ଶିକ୍ଷାରେ ପ୍ରାଥମିକତା

ଶିଶୁ ଶ୍ରେଣୀରୁ ପିଲାର ପାଠ ପଢିବା ଆରମ୍ଭ ହୁଏ। ପ୍ରାଥମିକ ଶିକ୍ଷା ହେଉଛି ଶିଶୁର ମୂଳଦୁଆ ଓ ପ୍ରାଥମିକ ଶିକ୍ଷାରୁ ଶିଶୁର ପାଠ ପଢ଼ିବାର ଆଗ୍ରହ ସୃଷ୍ଟି ହୁଏ,ଶିକ୍ଷକମାନେ ତା'ର ଭୁଲ,ଭଟକାର ସୁଧାର କରିଥାନ୍ତି,କଠୋର ଆଭିମୁଖ୍ୟ ଗ୍ରହଣ କରିଥାନ୍ତି ଓ ଭବିଷ୍ୟତରେ ମାଧ୍ୟମିକ, ମହାବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାରେ ଉତ୍ତମ ପ୍ରଦର୍ଶନ ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ, ସରକାର ଶିକ୍ଷା କ୍ଷେତ୍ରରେ ପ୍ରାଥମିକ ସ୍ତରୀୟ ଶିକ୍ଷାକୁ ପ୍ରାଥମିକତା ଦେବା ନିତାନ୍ତ ଜରୁରୀ ।ଅଧିକରୁ ଅଧିକ ସଂଖ୍ୟାରେ ପିଲା କିପରି ପ୍ରାଥମିକ ଶିକ୍ଷାର ସୁଯୋଗ ପାଇବେ,କେମିତି ସହଜ ଓ ସରଳ ପ୍ରକ୍ରିୟାରେ ସେମାନେ ନାମ ଲେଖାଇ ପାରିବେ, ନିୟମିତ ସ୍କୁଲକୁ ଆସିବେ ଏସବୁ ଦାୟିତ୍ୱ ବହନ କରନ୍ତି ଶ୍ରେଣୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସମସ୍ତ ଶୈକ୍ଷିକ କାର୍ଯ୍ୟ ସମ୍ପାଦିତ ହୋଇଥାଏ ଓ ପିଲାମାନେ ଶୃଙ୍ଖଳିତ ହୋଇଥାନ୍ତି, ସେମାନଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତି ଶିକ୍ଷକ ମାନଙ୍କର ଧ୍ୟାନ ରହିଥାଏ ଓ କିନ୍ତୁ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଯେତିକି ଗୁରୁତ୍ୱ ଦିଆଯିବା କଥା, ତାହା ଦିଆଯାଇ ନାହିଁ ଓ ମଧ୍ୟମିକ ଓ ଉଚ୍ଚ ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । କେବଳ ଆମ ରାଜ୍ୟରେ ନୁହେଁ,ସମଗ୍ର ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ପ୍ରାଥମିକ ଶିକ୍ଷା ଅବହେଳିତ ଓ ବିପର୍ଯ୍ୟସ୍ତ ଓ ଆମ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ମଡେଲ ସ୍କୁଲଠୁ ଆରମ୍ଭ କରି ଶିକ୍ଷକ ନିଯୁକ୍ତି ଯାଏ ପ୍ରାଧାନ୍ୟ ଦିଆଯାଉଛି । ହେଲେ ରାଜ୍ୟର ୮୦ ପ୍ରତିଶତ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକରେ ଚାଲିଛି ସ୍କୁଲ ଓ ଏପରି ଏହି ଗୁରୁ ଦାୟିତ୍ୱ ବହନ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଶିକ୍ଷକ ଓ ବାଧ୍ୟ ବାଧକତାରେ ଦାୟିତ୍ୱ ନେଉଛନ୍ତି ହେଲେ ସେହି ଶିକ୍ଷକମାନେ ପାଠ ପଢ଼ାଇବେ ନା ସରକାରୀ କାର୍ଯ୍ୟକ୍ରମକୁ ଦେଖିବେ,ସେ ନେଇ ସଂକଟରେ ରହୁଛନ୍ତି । ରାଜ୍ୟରେ ୪୫ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟ ରହିଛି । ଏଥିରେ ପ୍ରାଥମିକ,ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ମଧ୍ୟ ଅନ୍ତର୍ଭୁକ୍ତ ଓ ସବୁଠୁ ଆଶ୍ଚର୍ଯ୍ୟର କଥା ଯେଉଁଠି ହାଇସ୍କୁଲ ରହିଛି ସେଠାରେ ଅଧିକାଂଶ ସ୍କୁଲରେ ସେଠାରେ ଅଧିକାଂଶ ସ୍କୁଲରେ ସ୍ୱତନ୍ତ୍ର ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆଯାଇଛି । ଓଡିଶା ଶିକ୍ଷା ସେବା (ଓଇଏସ) ରାଙ୍କ ର ଅଧିକାରୀଙ୍କୁ ନିଯୁକ୍ତି ମିଳିଛି । ଯେଉଁଠି ପ୍ରାଥମିକ,ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ମିଶି ରହିଛି ସେଠାରେ ଜଣେ ପ୍ରଧାନ ଶିକ୍ଷକ ପ୍ରାଥମିକ ସ୍କୁଲର ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି । ପ୍ରାଥମିକ ସ୍କୁଲର ଦୂରବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି ଓ ସରକାରୀ ତଥ୍ୟ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ୬୭୮ ଟି ବରିଷ୍ଠ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଥିବାବେଳେ,ଉଚ୍ଚ ପ୍ରାଥମିକରେ ୧୨,୨୨୫ଟି ବରିଷ୍ଠ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଛି ଓ ମୋଟ ୧୮ ହଜାର ୨୦୯ଟି ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି । କହିବାକୁ ଗଲେ ପ୍ରାୟ ୮୦ରୁ ୮୫ ପ୍ରତିଶତ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ ଯେଉଁଥିପାଇଁ ସରକାର ତ୍ୱରିତ ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ ଓ ପ୍ରାଥମିକ ସ୍କୁଲରେ ସିଧାସଳଖ ନିଯୁକ୍ତି ନେଇ କୌଣସି ସରକାରୀ ପ୍ରାବଧାନ ନାହିଁ । ସରକାର ଏହି ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ ଓ ସମସ୍ତ ପ୍ରାଥମିକ ସ୍କୁଲରେ ସିଧାସଳଖ ପ୍ରଧାନ ଶିକ୍ଷକ ନିଯୁକ୍ତି ପ୍ରାବଧାନ ନେଇ ସରକାର ତୁରନ୍ତ ବିଚାର କରନ୍ତୁ ଏବଂ ସେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନର ସୁବନ୍ଦୋବସ୍ତ କରାଯାଉ। ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବା ପାଇଁ ଟଣା ଓଟରା,ଅନିଚ୍ଛା ପ୍ରକାଶ ଅନେକ କ୍ଷେତ୍ରରେ ବିଚିତ୍ର ପରିସ୍ଥିତି ସୃଷ୍ଟି କରୁଥିବା ଦୃଷ୍ଟିରୁ ଏପରି ପରିସ୍ଥିତିର କିପରି ନିର୍ଣ୍ଣାୟକ ସମାଧାନ ହୋଇପାରିବ,ସେଇ ଦିଗ ଗୁଡିକ ଉପରେ ସମ୍ବେଦନଶୀଳତାର ସହିତ ବିଚାର ବିମର୍ଶ କରି ନିଷ୍ପତ୍ତି ଗ୍ରହଣ କରାଯିବା ନିହାତି ଆବଶ୍ୟକ ଓ ଅନେକ କ୍ଷେତ୍ରରେ ଦେଖାଯାଉଛି ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବାକୁ ଅମଙ୍ଗ ଶିକ୍ଷକଙ୍କୁ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ବୁଝାସୁଝା କରି ଜୋରଜବରଦସ୍ତ ଦାୟିତ୍ୱ ପ୍ରଦାନ କରୁଛନ୍ତି ଓ ଯେଉଁଠି ଜଣେ ମାତ୍ର ଶିକ୍ଷକ ଅଛନ୍ତି, ସେଠାରେ ପରିସ୍ଥିତି ସାଙ୍ଘାତିକ ହେଉଛି ଏବଂ ଏହାର ଗୁରୁତର ପ୍ରଭାବ ସ୍କୁଲ ପରିଚାଳନା, ଶିକ୍ଷାଦାନ କ୍ଷେତ୍ରରେ ଦେଖିବାକୁ ମିଳୁଛି। ପିଲାମାନେ ଉପଯୁକ୍ତ ଶିକ୍ଷା ପାଇପାରୁନାହାନ୍ତି । ସେମାନଙ୍କ ଉପରେ ଶିକ୍ଷକ ଯେତିକି ନଜର ଓ ନିୟନ୍ତ୍ରଣ ରଖିବା କଥା,ତାହାର ଘୋର ଅଭାବ ଦେଖା ଦେଉଛି ଓ ସ୍କୁଲର ପରିବେଶ,ସ୍ୱଚ୍ଛତା ଆଦି ବିଷୟରେ ନକହିବା ଭଲ ଓ ଶିକ୍ଷକମାନେ ଅଧିକ ଚାପରେ ଭାରାକ୍ରାନ୍ତ ରହୁଛନ୍ତି । ଏପରିକି ଅନେକ ସ୍କୁଲରେ ଗଣ ଶିକ୍ଷକ, ଶିକ୍ଷା ସହାୟକ ଥିବା ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଭାର ଦିଆଯାଇଛି ଯାହାକି ସୂଚାରୁ ରୂପେ ସମ୍ପାଦନ କରିବେ ବୋଲି ସେମାନଙ୍କ ଠାରୁ ଆଶା କରାଯାଇନପାରେ ଓ ପ୍ରତି ବ୍ଲକରେ ଏପରି ଅବସ୍ଥା ରହିଛି । ଜଟଣୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ସ୍କୁଲରୁ ୮୩ଟି ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଛି ଓ ଗଞ୍ଜାମ ଜିଲ୍ଲାରେ ହାଇସ୍କୁଲରେ ୩୦୦ରୁ ଅଧିକ ପ୍ରଧାନଶିକ୍ଷକ ପଦବି ଖାଲି ପଡିଛି । କେନ୍ଦୁଝର ଜିଲ୍ଲାରେ ୪୫୦ରୁ ଅଧିକ ସ୍କୁଲରେ ଏପରି ସ୍ଥିତି ରହିଛି । ଗୋଟିଏ କି ଦୁଇଟି ଜିଲ୍ଲାରେ ନୁହେଁ,ସାରା ରାଜ୍ୟରେ ଏଭଳି ସ୍ଥିତି ନେଇ ବୁଦ୍ଧିଜୀବୀ,ଶିକ୍ଷାବିତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ଓ ପାଠ୍ୟକ୍ରମ ପରିବର୍ତ୍ତନ,ନୂଆ ସ୍କୁଲ ଖୋଲିବା ପରିବର୍ତ୍ତନ ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ,ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲରେ ଅଧିକ ସଂଖ୍ୟାରେ ଶିକ୍ଷକ ନିଯୁକ୍ତି ସହ ନିୟମିତ ପ୍ରଧାନଶିକ୍ଷକ ଦାୟିତ୍ୱରେ ଜଣେ ଶିକ୍ଷକଙ୍କୁ ରଖାଯିବା ନେଇ ସରକାର ଦୃଢ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ଓ ବଜେଟରେ ମଧ୍ୟ ପ୍ରାଥମିକରୁ ହାଇସ୍କୁଲ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ପାଇଁ ବିହିତ ପ୍ରାବଧାନ ରଖାଯିବା ଉଚିତ ।ଏଥିପାଇଁ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଅନୁଭୂତ ହେଉଛି ଓ ତେଣୁ ଶିକ୍ଷାରେ ପ୍ରଥମିକତାକୁ ଦୃଷ୍ଟିରେ ରଖି ପ୍ରାଥମିକ ପର୍ଯ୍ୟାୟରୁ ପିଲାମାନଙ୍କ ମୂଳଦୁଆକୁ ମଜଭୁତ କରିବାକୁ ହେବ । ସେଥିପାଇଁ ଯେଉଁସବୁ ଭିତ୍ତିଭୂମିର ଆବଶ୍ୟକତା ରହିଛି, ସେଗୁଡିକ ପୂରଣ କରିବା ପାଇଁ ନିଷ୍ଠାପର ଉଦ୍ୟମ କରାଯିବା ସହିତ ସ୍କୁଲ ଓ ଗଣଶିକ୍ଷା ବିଭାଗର କ୍ଷମତା ପରିସର ବୃଦ୍ଧି ଉପରେ ଜୋର ଦିଆଗଲେ ଭବିଷ୍ୟତ ପିଢ଼ିର ମଙ୍ଗଳ ଓ ଉନ୍ନତି ସୁନିଶ୍ଚିତ ହୋଇପାରିବ।

# ସମତା, ମମତା ଓ ସ୍ୱତନ୍ତ୍ରତା

**ଅଧ୍ୟାପକ ଗୋପବନ୍ଧୁ (ଅବସରପ୍ରାପ୍ତ)**

ମାନବ ସଭ୍ୟତା ଆଗକୁ ବଢ଼ି ଚାଲିଛି। ଏହାର ବିକାଶ ପଥରେ ବହୁ ପ୍ରତିବନ୍ଧକ ଆସିଛି। ତଥାପି ଏହା ଅଟକି ଯାଇନାହିଁ। ଶ୍ରେଷ୍ଠରୁ ଶ୍ରେଷ୍ଠତର ସନ୍ଧାନରେ ଏହା ଆଗେଇ ଚାଲିଛି। ସଭ୍ୟତା ମନୁଷ୍ୟର ବିଚାରବୁଦ୍ଧି ସମ୍ପନ୍ନତା ସହିତ ଜଡିତ। ବିଚାରବୁଦ୍ଧି ସମ୍ପନ୍ନତା ଯେଉଁପରି ଗତିଶୀଳ, ସଭ୍ୟତା ମଧ୍ୟ ତଦନୁଯାୟୀ ଗତିଶୀଳ। ମନୁଷ୍ୟର ବୁଦ୍ଧିବିବେକ ଯାହାକୁ ଉଚିତ ଓ ମନୁଷ୍ୟ ସମାଜର ହିତୈଷୀ ବୋଲି ଗ୍ରହଣ କରିନିଏ, ତାକୁହିଁ ଅନୁସରଣ କରିବା ଆରମ୍ଭ କରେ। ଯେତେବେଳେ ସଂଖ୍ୟାଧିକ ଲୋକ ଏହି ସମାନ ବିଚାରଧାରାକୁ ଅନୁସରଣ କରିବା ଆରମ୍ଭ କରନ୍ତି, ତାହା ସଭ୍ୟତାର ଅଂଶବିଶେଷ ହୋଇଯାଏ। ଅବଶ୍ୟ ଏହି ସ୍ତରରେ ପହଞ୍ଚିବା ପାଇଁ ବହୁ ସଂଘର୍ଷର ସମ୍ମୁଖୀନ ହେବାକୁ ପଡେ। ଏହା ବୌଦ୍ଧିକ ସଂର୍ଘଷ ହେଲେବି ବେଳେବେଳେ ରକ୍ତାକ୍ତ ସଂଘର୍ଷର ରୂପ ନେଇଥାଏ।

ସଭ୍ୟତାର ବିକାଶ ପଥରେ ବହୁ ସଂର୍ଘଷ ହୋଇଛନ୍ତି। ଏହା ବହୁ ଶତାବ୍ଦୀ ଧରି ଚାଲିଛି। ବହୁ ମାନସ ମନ୍ଥନ ହୋଇଛି। ସଭ୍ୟତାର ମାପକାଠି କଣ ହେବ ? କାହାକୁ ସଭ୍ୟତା କୁହାଯିବା ? ଗୋଟିଏ ସଭ୍ୟ ସମାଜର ଅତ୍ୟାବଶ୍ୟକ ଉପାଦାନ ଗୁଡିକ କଣ ହେବ ? ଏହାକୁ ନେଇ ତର୍କବିତର୍କ ହୋଇଛି। ବହୁ ଚିନ୍ତକ ଲେଖନୀ ଚାଳନା କରିଛନ୍ତି। ବହୁ ସମାଜ ସଂସ୍କାରକ ଅଭିଭାଷଣ ମାଧ୍ୟମରେ ଲୋକଙ୍କୁ ଏ ବିଷୟରେ ବୁଝାଇଛନ୍ତି। କଳାଭାସ୍କର୍ଯ୍ୟର ଶ୍ରେଷ୍ଠତା ପ୍ରଦର୍ଶନ ମାଧ୍ୟମରେ ଏହାର ଅନ୍ୱେଷଣ ହୋଇଛି। ନାଟକର ସଂଳାପରେ ଓ ସଙ୍ଗୀତର ରାଗିଣୀରେ ଏହାକୁ ଅନୁଭବ କରିବାର ଚେଷ୍ଟା ହୋଇଛି। ଅଧିକାର ପାଇଁ ଲଢେଇ କରୁଥିବା ସଂଗ୍ରାମୀଙ୍କ ସ୍ଲୋଗାନରେ ଏହା ପ୍ରତିଧ୍ୱନିତ ହୋଇଛି। ଅବଶେଷରେ ସଭ୍ୟତାର ତିନୋଟି ରତ୍ନ ଉଦ୍ଭାସିତ ହୋଇଛି। ସେଗୁଡିକ ହେଉଛି ସମାନତା (ଇକ୍ୱାଲିଟି), ସ୍ୱତନ୍ତ୍ରତା (ଲିବାର୍ଟି) ଓ ଭାତୃତ୍ୱଭାବ (ଫ୍ରେଟାରନିଟି)।

ଯେଉଁ ସମାଜରେ ଏହି ତିନୋଟି ଉପାଦାନ ନାହିଁ ତାହାକୁ ଏକ ସୁସଭ୍ୟ ସମାଜ ବୋଲି କହିହେବ ନାହିଁ। ଏଗୁଡିକ ମନୁଷ୍ୟର ଅନ୍ତର୍ନିହିତ ଗୁଣ ଯାହା ସାମାଜିକ ବ୍ୟବହାରରେ ପ୍ରକାଶିତ ହୋଇଥାଏ। ଏହି ଗୁଣ ଗୁଡିକ ମନୁଷ୍ୟକୁ ଅନ୍ୟାନ୍ୟ ପ୍ରାଣୀ ଠାରୁ ପୃଥକ କରିଥାଏ ଓ ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ଏଗୁଡ଼ିକ ମାନବୀୟ ମୂଲ୍ୟବୋଧ ସହିତ ଜଡିତ। ଯାହାର ମନରେ ଏହି ଗୁଣ ଗୁଡିକ ସମ୍ବନ୍ଧରେ ଅବଧାରଣା ନାହିଁ, ସେ ଜଣେ ସଭ୍ୟ ମନୁଷ୍ୟଭାବେ ବିବେଚିତ ହୋଇପାରିବ ନାହିଁ। ସଭ୍ୟତା କେବଳ ଚାକଚକ୍ୟ ଘର ଓ ଦାମୀ ପୋଷାକ ପରିଚ୍ଛେଦରେ ନଥାଏ। ଏହା ଏକ ଅନ୍ତର୍ନିହିତ ଭାବନା। ଏହା ଏକ ଗୁଣାତ୍ମକ ଲକ୍ଷଣ। ଜଣେ ହତ୍ୟାକାରୀ ଅଥବା ଡକାୟତ ସୁରମ୍ୟ ଅଟ୍ଟାଳିକା ମଧ୍ୟରେ ଚାକଚକ୍ୟ ପରିବେଶ ଭିତରେ ରହୁଥାଇପାରେ, କିନ୍ତୁ ତାକୁ ଜଣେ ସଭ୍ୟ ମନୁଷ୍ୟ ବୋଲି କୁହାଯାଇ ପାରିବ ନାହିଁ। ଜଣେ ଗରିବ କୁଡିଆ ଘରେ ରହୁଥିଲେ ବି ସେ ତାର ଉତ୍ତମ ବ୍ୟବହାର ଓ ଏହି ମାନବୀୟ ଗୁଣ ଗୁଡିକର ଅନୁସରଣ ଜରିଆରେ ସୁସଭ୍ୟଭାବେ ବିବେଚିତ ହେବା ସ୍ୱାଭାବିକ।

ୟୁରୋପ୍ ରେ ଆରମ୍ଭ ହୋଇଥିବା ରେନାଁସାର ଅନ୍ତିମ ନିଷ୍କର୍ଷ ହେଉଛି ସଭ୍ୟତାର ଏହି ତିନି ଉପାଦାନ। ଦୀର୍ଘ ବୌଦ୍ଧିକ ସଂଘର୍ଷ ପରେ ଫରାସି ବିପ୍ଳବ ସମୟରେ ଏହି ତିନୋଟି ଶବ୍ଦ ସ୍ଲୋଗାନର ରୂପ ନେଇଥିଲା। ବିପ୍ଳବୀମାନେ ଚାହିଁଥିଲେ ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ଉନ୍ନତ ସମାଜ ଗଠନ କରିବା ପାଇଁ। ଯେଉଁ ସମାଜରେ ସମାନତା, ଭାତୃତ୍ୱଭାବ ଓ ବ୍ୟକ୍ତି ସ୍ୱାଧୀନତା ବିରାଜମାନ ଥିବ। ଏହାପରେ ବିଶ୍ୱବାସୀଙ୍କୁ ମିଳିଯାଇଥିଲା ସଭ୍ୟତାର ମାନକ, ସଭ୍ୟତା ପ୍ରାପ୍ତିର ନିୟମକ। ଯେଉଁ ସମାଜ ଏହି ତିନୋଟି ବିଷୟକୁ ଯେତେ ଅଧିକ ମାତ୍ରାରେ ଅନୁସରଣ କରେ ସେ ସମାଜ ସେତେ ସଭ୍ୟ ଓ ଯେଉଁ ସମାଜ ଏହି ତିନି ଉପାଦାନର ପରିପନ୍ଥୀ ଅଥବା ବହୁ ପଛରେ ସେ ସମାଜ ଅସଭ୍ୟତାକୁ ଡେଇଁ ଆଗକୁ ଯାଇପାରି ନାହିଁ।

ସମାନତାର ଭାବନା ମନୁଷ୍ୟର ମନରେ ଆଜନ୍ମ ସୂତ୍ରରେ ମିଳେ। ଏହା ତାହାର ଆତ୍ମ ସମ୍ମାନ ସହିତ ଜଡିତ। ତେଣୁ ପ୍ରତ୍ୟେକ ମନୁଷ୍ୟ ଜନ୍ମ ହେବା ମାତ୍ରେ ସମାଜରେ ସମାନ ମର୍ଯ୍ୟଦା ପାଇବାକୁ ହକଦାର। ବ୍ୟକ୍ତି ତାହାର ଅଧ୍ୟବସାୟ ବଳରେ ସମାଜରେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରେ, କିନ୍ତୁ ମନୁଷ୍ୟଭାବେ ସମସ୍ତ ମନୁଷ୍ୟ ସମାନ ଏହାହିଁ ମାନବୀୟ ସିଦ୍ଧାନ୍ତ। ଧର୍ମ, ଜାତି, ସମ୍ପ୍ରଦାୟ ଓ ଅଞ୍ଚଳ ନାମରେ (କ୍ରମଶଃ)

# କର୍ଣ୍ଣଧାର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଏହାକୁ ଭିନ୍ନ ଭାବରେ ବ୍ୟାକରଣ ଆଶ୍ରୟ ନେଇ ଲେଖିଲେ କର୍ଣ୍ଣ + ଆଧାର, ହେବ। ଚାଲନ୍ତୁ କର୍ଣ୍ଣ ଅନୁସନ୍ଧାନ କରିବା। ଜ୍ୟାମିତି ଶାସ୍ତ୍ରରେ ତ୍ରିଭୁଜରେ, ଚତୁର୍ଭୁଜରେ ଏହାର ବୟାନ ଅଛି। ପୁଣି ଅଭିଧାନିକ ଶବ୍ଦ ନିର୍ଘଣ୍ଟରେ କର୍ଣ୍ଣର ବୟାନରେ ମିଳିବ ଶ୍ରବଣ ଇନ୍ଦ୍ରିୟ, ଯାହାଦ୍ୱାରା ଜୀବ ଶୁଣିପାରେ। କର୍ଣ୍ଣର ପ୍ଲଟ ଅର୍ଥ ଏକ ବଡ଼ କ୍ଷେତ୍ରର ଚାରି କୋଣରେ ବିଦ୍ୟମାନ ଆଂଶିକ ସ୍ତରରେ ଇତିଭୂମି ଯେଉଁଠି କର୍ଣ୍ଣର ଏକ ମୁଣ୍ଡ ଦୁଇପଟ ବାହୁର ଯୋଡ଼ାଇ ଜାଗା ଯାହାର ଦୃଶ୍ୟ ତୀରର ଫଳା ବା ବର୍ଚ୍ଛାର ଅଗ୍ର ସଦୃଶ। ବିଚରାଳୟରେ ବିଚାରପତି ଶୁଣାଣି କରନ୍ତି, ରାୟ ପାଇଁ ଦୁଇପକ୍ଷର ବୟାନ ଶୁଣନ୍ତି, କେଉଁଠି କାର ଭୁଲ ତାହା ସ୍ଥିରକରି ଶେଷ ଶୁଣାଣି କରନ୍ତି। ଯଦି ଏକାଧିକ ଅଭିଯୋଗ ଥାଏ ତେବେ ଏକ ଏକ ଆଂଶିକ ଶୁଣାଣି କରି ଶେଷରେ ଚୁଡ଼ାନ୍ତ ଶୁଣାଣି କରନ୍ତି ଯାହା ଆଦେଶ। ଏହା ଲେଖା ଆକାରରେ ପକ୍ଷ ଦ୍ୱୟଙ୍କୁ ମିଳିଥାଏ। ତ୍ରିଭୁଜ ପରି ବାଦୀ, ପ୍ରତିବାଦୀଙ୍କ ଆଇନ ଏହା ହେଉଛି ସମତାର ଯୋଗ୍ୟ ବିଶ୍ୱାସନୀୟ କ୍ଷେତ୍ର।

ବାଦୀ ପ୍ରତିବାଦୀଙ୍କ କର୍ଣ୍ଣଧାର କାନୁନ, ଆଇନ, ଦଣ୍ଡ ସଂହିତା। ବାଘ, ବକ୍ରୀଙ୍କୁ ଏକଘାଟରେ ପାଣି ପିଆଏ ରାଜା କାନୁନ। ପରିସର, ପରିସୀମା ନେଇ ନେଇ ଜଙ୍ଗଲ ବାସ ସବୁ ଜଙ୍ଗଲୀ ପଶୁଙ୍କ ଜୀବନ ଚର୍ଯ୍ୟା, ମାତ୍ର ପଥ ହୁଡ଼ା ହିଁ ଅନ୍ତ ହୁଅନ୍ତୁ। ଜଙ୍ଗଲ ଆଧାର, ଜଳବାୟୁ, ଋତୁ ପରିବର୍ତ୍ତନ, ଜଙ୍ଗଲୀ ପଶୁଙ୍କ କର୍ଣ୍ଣଧାର। ପଶୁଙ୍କ ଶରୀରର ଗନ୍ଧକୁ, ବହୁଥିବା ଦିକ ପବନର ଅନୁକୂଳ ପ୍ରତିକୂଳ ସ୍ତରରେ ଅଭିଜ୍ଞତା ଜୀବ ଉଧେଇ ପାରନ୍ତି। ଏହି ଅଭିଜ୍ଞତା ହିଁ ମାଂସାହାରୀ ତୃଣାହାରୀ ଜୀବନ ଚକ୍ରର କର୍ଣ୍ଣଧାର। ଜଳଜୀବମାନେ ଠିକ ଏପରି ବଡ଼ ଜଳ ଜୀବ ଛୋଟ ଜଳଜୀବଙ୍କୁ ଭୋଜନ କରନ୍ତି। ହେଲେ ସୃଷ୍ଟିରୁ ଏ ପର୍ଯ୍ୟନ୍ତ ଜଳଜୀବ ମଧ୍ୟରେ ସାନମାନଙ୍କର ବଂଶ ବିଲୁପ୍ତ ହୋଇନାହିଁ କି କେବଳ ବଡ଼ ସଂଖ୍ୟା ଆଶାତୀତ ବୃଦ୍ଧି ହୋଇନାହିଁ। ଏହାର କାରଣ ଖୋଜ କଲେ ମିଳିବ ପ୍ରକୃତ ହିଁ ଏଠାରେ କର୍ଣ୍ଣଧାର ଛୋଟ ଜୀବଙ୍କ ଦ୍ରୁତ ବଂଶ ବୃଦ୍ଧିକୁ ବଡ଼ ଜୀବଙ୍କ ସମୟାଧିକରେ ମନ୍ଥର ସଂଖ୍ୟା, ବୃଦ୍ଧିର ନିୟନ୍ତ୍ରକ। ମାନବ ଗଣରେ ଏପରି ଧନୀ, ଦରିଦ୍ର, ଶାସକ, ଶାସିତ ରାଜା ପ୍ରଜା ଏସବୁରେ ବି କର୍ଣ୍ଣଧାର ଆଜିର ଭୋଜନ ଚିନ୍ତା ବହୁ ଆଗକୁ ଭୋଜନ ଚିନ୍ତା, କିଏ ନିଜ ପେଟ ପାଇଁ ତ କିଏ ଅନେକ ପେଟ ପାଇଁ ଭାବନାରେ ସଦା ରହିଛି। କର୍ଣ୍ଣ ହେଉଛି ଏକ ବିଶେଷ ଇନ୍ଦ୍ରିୟ ଯାହା ଜୀବକୁ ଭଗବାନଙ୍କ ଅପୂର୍ବ ଦାନ। ହେଲେ ସଂସାରରେ ଏକ କର୍ଣ୍ଣ ଚୁଗୁଲି ଖୋରଙ୍କ ଯୋଗୁ ପ୍ରେମୀ ଯୁଗଳଙ୍କ ନିବିଡ଼ ସମ୍ପର୍କ ଭାଙ୍ଗୁଛି, ଭାଇଭଉଣୀ, ଭାଇ ଭାଇ ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ ପରର କଥା ଶୁଣି ତିକ୍ତ ହେଉଛି ଭାଙ୍ଗି ଯାଉଛି, ପ୍ରତିବେଶି ବା ପଡ଼ୋଶୀଙ୍କ ସହ କଳି ମନୋମାଳିନ୍ୟ। ଏଇ କର୍ଣ୍ଣ କୁହା ଖଳଙ୍କ ଆଧାରରେ ହେଉଛି। ଦୁରାଗତକୁ ଚିହ୍ନଟ, ଚକ୍ଷୁ ହୀନମାନେ କଣ୍ଠ ସ୍ୱରରୁ ଲୋକ ପରିଚିତ, ଏଇ କର୍ଣ୍ଣ ଆଧାରରେ ହେଉଛି। ଗୁରୁ, ଶିଷ୍ୟଙ୍କୁ ଏଇ କର୍ଣ୍ଣଆଧାରରେ ମନ୍ତ୍ରଦାନ କରୁଛନ୍ତି।

ବିପ୍ର ବାଳକଙ୍କ ଉପନୟନ କର୍ମସହ ନୟନ ଶବ୍ଦ ଯୋଡ଼ି ହେଲେ ବି ସାବିତ୍ରୀ। ମନ୍ତ୍ର କର୍ଣ୍ଣର ଆଧାର। ସେହି ସମୟରୁ ମୂତ୍ରମଳ ବର୍ଜନ ବେଳେ ପଇତା ଧାରଣ କର୍ଣ୍ଣଧାର। ଗାନ ବାଜଣା ମସ୍ତିଷ୍କରେ ତରଙ୍ଗ ଖେଳାଇ ବ୍ୟକ୍ତିକୁ ଆନନ୍ଦ ଦେଉଛି ଏହାର ଆଧାର କର୍ଣ୍ଣ। ଦୂର ଶବ୍ଦ ଶ୍ରବଣ ପାଇଁ ସାଧନା ରହିଛି, ଦୂର ଶ୍ରବଣ ଏକ ସିଦ୍ଧି, ମାତ୍ର ଆଧୁନିକ ଯୁଗ ରେଡ଼ିଓ ଦ୍ୱାରା ଟେଲିଫୋନ, ସମ୍ପୂର୍ଣ୍ଣ କର୍ଣ୍ଣ ପାଇଁ ଆବଶ୍ୟକ ଆଧାର। ଉଡ଼ାଖବରରେ କୋକୁଆ ଭୟ ଯହିଁରେ ବଳବାନ ଶିକ୍ଷିତ ଏକ ଗୋଷ୍ଠୀର ପୁରୁଷମାନେ ଏଇ କର୍ଣ୍ଣ ଆଧାରରେ ପରସ୍ପରକୁ ଅବିଶ୍ୱାସ କରି, ମରାମରି ହୋଇ ଶେଷ ହେବା ଆମ ପୁରୁଣା ପ୍ରମାଣ। ଅଡ଼ିଓ ଭିଜୁଆଲ କର୍ଣ୍ଣ, ଚକ୍ଷୁ ସମ୍ବନ୍ଧ। ବିଦ୍ୟା ଅର୍ଜନ କାଳରେ ପାଠପଢ଼ା ଶିକ୍ଷକଙ୍କ ଦ୍ୱାରା କଳାପଟାର ଲେଖା ଛାତ୍ରଛାତ୍ରୀଙ୍କ ଖାତା ଟିପଣି ସହ କର୍ଣ୍ଣ ଆଧାର ଶିକ୍ଷକ ମୁଖର ବାଣୀ ସହାୟକ ହୋଇଥାଏ। ଟିଭି ମୋବାଇଲ ଫୋନ କର୍ଣ୍ଣ ଓ ଚକ୍ଷୁର ଆଧାର ଯନ୍ତ୍ର।


ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ :
୯୪୩୭୦୩୧୨୫୩



# ଭାରତ ଉପରେ ଶୁଳ୍କ ଲଗାଇବାକୁ ଟ୍ରମ୍ପ ଖୋଜୁଛନ୍ତି ବାହାନା

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ଆମେରିକାର ବରିଷ୍ଠ କଂଗ୍ରେସ ସଦସ୍ୟ ବ୍ରାଡ ଶେର୍ମ୍ୟାନ ଗୁରୁବାର କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷୀୟ ତୈଳ କ୍ରୟ ପାଇଁ ଭାରତ ଉପରେ ବଡ଼ ଧରଣର ଶୁଳ୍କ ଲଗାଇବା ପାଇଁ ବାହାନା ଖୋଜୁଛନ୍ତି । ଆମେରିକାର ସାଂସଦ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଏଭଳି ଲେଖିଛନ୍ତି । ସେ କହିଛନ୍ତି, ହଙ୍ଗେରୀ ୯୦% ଅଶୋଧିତ ତୈଳ ରୁଷିଆରୁ



ଆମଦାନୀ କୌଣସି ଶୁଳ୍କ ବିନା କରିଥାଏ । ରୁଷର ସବୁଠାରୁ ବଡ଼ ତୈଳ କ୍ରେତା ଚୀନ୍, ରୁଷୀୟ ତେଲ କ୍ରୟ ସହିତ ଜଡ଼ିତ କଟକଣାର ଶିକାର ହୋଇନାହିଁ । ଯଦିଓ ଚୀନ୍ ଅନ୍ୟ କାରଣ ପାଇଁ ପ୍ରଭାବିତ ହୋଇଛି । ଅପରପକ୍ଷରେ ଭାରତ ୨୧% ଅଶୋଧିତ ତୈଳ ରୁଷରୁ ପାଏ । କିନ୍ତୁ ଭାରତ ଉପରେ ଅଧିକ ଶୁଳ୍କ ଲାଗୁ କରାଯାଇଛି । ରାଷ୍ଟ୍ରପତିଙ୍କୁ ଏହି ନୀତିକୁ ତୁରନ୍ତ ପ୍ରତ୍ୟାହାର କରିବା ଉଚିତ ବୋଲି ଶେର୍ମାନ କହିଛନ୍ତି । ଭାରତ-ଆମେରିକା ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ପାଇଁ ଏକ ଢାଞ୍ଚାରେ ପହଞ୍ଚିଥିବା ଘୋଷଣା କରିଛନ୍ତି । ଟ୍ରମ୍ପ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରି ଭାରତ ରୁଷୀୟ ତୈଳ କ୍ରୟ ପାଇଁ ଲାଗୁ ହୋଇଥିବା ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କକୁ ହଟାଇ ଦେଇଛନ୍ତି । ମସ୍କୋରୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଶକ୍ତି ଆମଦାନୀ ତଥା ଆମେରିକୀୟ ଶକ୍ତି ଉତ୍ପାଦ କ୍ରୟ ବନ୍ଦ କରିବା ପାଇଁ ନୂଆଦିଲ୍ଲୀର ପ୍ରତିଶ୍ରୁତିବଦ୍ଧତାକୁ ଆମେରିକା ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି । ବାଣିଜ୍ୟ ଚୁକ୍ତି ଅନୁଯାୟୀ, ୱାଶିଂଟନ୍ ନୂଆଦିଲ୍ଲୀଠାରୁ ଏକ ହ୍ରାସ ହୋଇଥିବା ପାରସ୍ପରିକ ଶୁଳ୍କ ଆଦାୟ କରିବ । ଏହାକୁ ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବେ ବୋଲି ଟ୍ରମ୍ପ କହିଛନ୍ତି ।

## ଭାରତର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ
# ସିଲିଗୁଡ଼ି କରିଡରରେ ଭୂତଳ ରେଳ ସୁଡ଼ଙ୍ଗ ନିର୍ମାଣ କରିବାକୁ ଯୋଜନା

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ଭାରତରେ କେଉଁଠି ଅଛି ଚିକେନ୍ ନେକ୍ ? ଏହା ଭାରତ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ? ରଣନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ସିଲିଗୁଡ଼ି କରିଡରରେ ଏକ ଭୂତଳ ରେଳ ସୁଡ଼ଙ୍ଗ ନିର୍ମାଣ କରିବାକୁ ଯୋଜନା କରୁଛି ଭାରତ । ଏହି ସଂକୀର୍ଣ୍ଣ ଭୂମି ପ୍ରାୟ ୨୦ ରୁ ୨୨ କିଲୋମିଟର ଚଉଡ଼ା, ଉତ୍ତର-ପୂର୍ବ ଭାରତକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରୁଥିବା ଏକମାତ୍ର ସ୍ଥଳ ସଂଯୋଗ । ଏହାର ଭୌଗୋଳିକ ଏବଂ ରଣନୈତିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି, ପ୍ରସ୍ତାବିତ ଭୂତଳ ରେଳ କରିଡରକୁ ଜାତୀୟ ସୁରକ୍ଷା ଏବଂ ସଂଯୋଗୀକରଣକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବିବେଚନା କରାଯାଉଛି । ସିଲିଗୁଡ଼ି କରିଡର ହେଉଛି ପଶ୍ଚିମବଙ୍ଗର ଏକ ସଂକୀର୍ଣ୍ଣ ଭୂମି ଯାହା ଭାରତର ମୁଖ୍ୟଭୂମିକୁ ଉତ୍ତର-ପୂର୍ବର ୮ଟି ରାଜ୍ୟ ସହିତ ସଂଯୋଗ କରେ । ଏହା ନେପାଳ, ଭୁଟାନ ଏବଂ ବାଂଲାଦେଶକୁ ସୀମାନ୍ତ କରେ ଏବଂ ଚୀନର ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଚୁମ୍ବି ଉପତ୍ୟକାର ବହୁତ ନିକଟରେ ଅବସ୍ଥିତ । ଏହି ସୁଡ଼ଙ୍ଗ ପ୍ରକଳ୍ପ ପଛରେ ରଣନୈତିକ ସୁରକ୍ଷା ଏକ ପ୍ରମୁଖ କାରଣ । ପୃଷ୍ଠ ରେଳ ଲାଇନଗୁଡ଼ିକ ଖୋଲା ରହିଥାଏ ଏବଂ ଯୁଦ୍ଧ ସମୟରେ ରାଡାର, ଡ୍ରୋନ କିମ୍ବା ଉପଗ୍ରହ ଦ୍ୱାରା ଟ୍ରାକ୍ କରାଯାଇପାରିବ । ଏହା ସାମରିକ ଉତ୍ତେଜନା ପରିସ୍ଥିତିରେ ସମ୍ଭାବ୍ୟ ଆକ୍ରମଣ ପାଇଁ ସେମାନଙ୍କୁ ଦୁର୍ବଳ କରିଥାଏ । ଏହି ସୁଡ଼ଙ୍ଗ ଏକ ପ୍ରତିରକ୍ଷା କବଚ ଭାବରେ କାର୍ଯ୍ୟ କରିବ । ସିଲିଗୁଡ଼ି କରିଡର କେବଳ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଅତ୍ୟଧିକ ଭିଡ଼ ମଧ୍ୟ । ଏହା ବନ୍ୟା ଏବଂ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାର ସମ୍ଭାବନା ଅଧିକ, ଯାହା ରେଳ ଯାତାୟାତକୁ ବାଧାପ୍ରାପ୍ତ କରିପାରେ । ଭୂତଳ ରେଳ ଲାଇନ ଉତ୍ତର-ପୂର୍ବ ସହିତ ନିରବଚ୍ଛିନ୍ନ ସଂଯୋଗୀକରଣ ସୁନିଶ୍ଚିତ କରିବ । ପ୍ରତିକୂଳ ପାଗ କିମ୍ବା ଜରୁରୀକାଳୀନ ପରିସ୍ଥିତି ସମୟରେ ମଧ୍ୟ, ଅତ୍ୟାବଶ୍ୟକୀୟ ସାମଗ୍ରୀ, ଖାଦ୍ୟ ଯୋଗାଣ, ଇନ୍ଧନ ଏବଂ ଚିକିତ୍ସା ସହାୟତାର ପରିବହନ ସୁଗମ ଭାବରେ ଜାରି ରହିପାରିବ । ପ୍ରସ୍ତାବିତ ସୁଡ଼ଙ୍ଗ ମାର୍ଗଟି ବାଗଡୋଗ୍ରା ବାୟୁସେନା ଷ୍ଟେସନ ଏବଂ ଭାରତୀୟ ସେନାର ୩୩ କର୍ପସ ଅବସ୍ଥିତ ସେନାର ବେଙ୍ଗଡୁବି କ୍ୟାଣ୍ଟନମେଣ୍ଟ ନିକଟରୁ ଯାଇଛି । ଏହି ନିକଟତା ବାୟୁ ଏବଂ ରେଳ ଲଜିଷ୍ଟିକ୍ସ ମଧ୍ୟରେ ସମନ୍ୱୟକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ । ଭୂତଳ ରେଖା କୌଣସି ବିପଦ ବିନା ସୈନ୍ୟ, ଭାରୀ ସାମରିକ ଉପକରଣ ଏବଂ ପ୍ରତିରକ୍ଷା ଯୋଗାଣକୁ ଗୁପ୍ତ ଏବଂ ଶୀଘ୍ର ଗତି କରିବାକୁ ସକ୍ଷମ ହେବ । ଏହା ଭାରତର ଉତ୍ତର-ପୂର୍ବ ସୀମାରେ ପ୍ରସ୍ତୁତିକୁ ମଜବୁତ କରିବ ଯବର୍ତ୍ତମାନ କରିଡରରେ ରେଳ ଚଳାଚଳ କମ୍ ଏବଂ ପ୍ରାୟତଃ ଅଧିକ ଭିଡ଼ ହୋଇଥାଏ ଯ ନୂତନ ପ୍ରକଳ୍ପରେ କରିଡରକୁ -ଲାଇନ୍ କ୍ଷମତା ପର୍ଯ୍ୟନ୍ତ ବିସ୍ତାର କରିବାର ପ୍ରସ୍ତାବ ଦିଆଯାଇଛି, ଯେଉଁଥିରେ ଚାରୋଟି ଭୂପୃଷ୍ଠ ଟ୍ରାକ୍ ଏବଂ ଦୁଇଟି ଭୂତଳ ଟ୍ରାକ୍ ଛଅ ରହିବ ।

## ମୁକେଶ ଅମ୍ବାନୀଙ୍କ ଘୋଷଣା
# ଡାଟା ଭଳି ଶସ୍ତା ହେବ ଏଆଇ

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟରେ ଘୋଷଣା କରିଛନ୍ତି ଯେ, ଜିଓ ଯେଉଁଭଳି ଭାବରେ ଦେଶରେ ଡାଟାକୁ ଶସ୍ତା କରିଥିଲା, ଠିକ ସେହିପରି ଏବେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) କୁ ମଧ୍ୟ ସାଧାରଣ ଭାରତୀୟଙ୍କ ପାଖରେ ସୁଲଭ ଦରରେ ଉପଲବ୍ଧ କରାଯିବ । ଏଥିସହିତ ସେ କହିଛନ୍ତି ଯେ, 'ଭାରତ ବୁଦ୍ଧିମତ୍ତାକୁ ଭଡାରେ ନେଇପାରିବ ନାହିଁ' ଏବଂ ଜିଓ ଦେଶକୁ ଇଣ୍ଟରନେଟ୍ ଯୁଗ ପରେ ବର୍ତ୍ତମାନ ଇଣ୍ଟେଲିଜେନ୍ସ ଯୁଗ' ସହିତ ଯୋଡ଼ିବ । ଏହି ଦିଗରେ ଜିଓ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଗାମୀ ସାତ ବର୍ଷରେ ୧୦ ଲକ୍ଷ କୋଟି ଟଙ୍କା ନିବେଶ କରିବେ । ଏହି ନିବେଶ ଭାରତରେ ଶକ୍ତିଶାଳୀ ଏଆଇ ଭିତ୍ତିଭୂମି ସୃଷ୍ଟି କରିବା ସହ ଆଗାମୀ ଦଶକଗୁଡ଼ିକ ପାଇଁ ଆର୍ଥିକ ଦୃଢ଼ତା ସୁନିଶ୍ଚିତ କରିବାର ଉଦ୍ଦେଶ୍ୟରେ କରାଯିବ ବୋଲି ସେ କହିଛନ୍ତି । କମ୍ପାନୀ ଜାମନଗରରେ ପର୍ଯ୍ୟାୟକ୍ରମେ ମଲ୍ଟି-ଗିଗାୱାଟ୍ ଏଆଇ-ରେଡି ଡାଟା ସେଣ୍ଟର ପାର୍କ ବିକଶିତ କରୁଛି । ୨୦୨୬ ଶେଷ ମଧ୍ୟରେ ୧୨୦ ମେଗାୱାଟ୍ କ୍ଷମତା ଆରମ୍ଭ କରିବାର ଲକ୍ଷ୍ୟ ରହିଛି, ଯାହାକୁ ପରବର୍ତ୍ତୀକାଳରେ ଗିଗାୱାଟ୍ ସ୍ତର ପର୍ଯ୍ୟନ୍ତ ବଢ଼ାଯିବ । ଏହି ସମ୍ପୂର୍ଣ୍ଣ ଭିତ୍ତିଭୂମି ସବୁଜ ଶକ୍ତି (ଗ୍ରିନ୍ ଏନର୍ଜି) ଉପରେ ଆଧାରିତ ହେବ । ସେହିପରି ଜିଓ ଏହାର ନେଟୱର୍କ ଜରିଆରେ ସମଗ୍ର ଦେଶରେ ଏଭଳି କମ୍ପ୍ୟୁଟିଂ କ୍ଷମତା ଉପଲବ୍ଧ କରାଇବ, ଯାହା ଦ୍ୱାରା ଏଆଇ ସେବାଗୁଡ଼ିକ ଅଳ୍ପ ଖର୍ଚ୍ଚରେ ଏବଂ ଦ୍ରୁତ ଗତିରେ ଲୋକମାନଙ୍କ ପାଖରେ ତଥା ଦୋକାନ, କ୍ଷୁଦ୍ର ବ୍ୟବସାୟ, ସ୍କୁଲ୍, ହସ୍ପିଟାଲ୍ ଓ ଚାଷଜମି ପର୍ଯ୍ୟନ୍ତ ପହଞ୍ଚିପାରିବ । ଅମ୍ବାନୀ ଜୋର ଦେଇ କହିଛନ୍ତି ଯେ ଜିଓ ଏଆଇ ଭାରତୀୟ ଭାଷାମାନଙ୍କରେ କାମ କରିବ, ଯାହା ଫଳରେ ଚାଷୀ, ଯୁବକ, ଛାତ୍ରଛାତ୍ରୀ ଓ ଛୋଟ ବ୍ୟବସାୟୀମାନେ ନିଜ ଭାଷାରେ ଏହାର ଲାଭ ନେଇପାରିବେ । ଏହି କ୍ରମରେ ଶିକ୍ଷା ପାଇଁ ଜିଓ ଶିକ୍ଷା ଏଆଇ, ସ୍ୱାସ୍ଥ୍ୟ ପାଇଁ ଜିଓ ଆରୋଗ୍ୟ ଏଆଇ, କୃଷି ପାଇଁ ଜିଓ କୃଷି ଏବଂ ସାଧାରଣ ବ୍ୟବହାର ପାଇଁ ଜିଓ ଭାରତ ଆଇକ୍ୟୁ ପରି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି, ଯାହା ସ୍ଥାନୀୟ ଭାଷାରେ ଏଆଇ ଆଧାରିତ ସହାୟତା ଉପଲବ୍ଧ କରାଇବ ।

# ଇଡିକୁ କେନ୍ଦ୍ରର ଅସ୍ତ୍ର କହିଲା ପଶ୍ଚିମବଙ୍ଗ

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ପଶ୍ଚିମବଙ୍ଗରେ ପଲିଟିକାଲ୍ କନ୍ସଲଟାନ୍ସି ଫାର୍ମ ଆଇ-ପିଏସି ସହ ଜଡ଼ିତ ଚଢାଉ ମାମଲା ନେଇ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା । ଏହି ସମୟରେ ମମତା ସରକାର ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ବିରୋଧୀଙ୍କ ଶାସିତ ରାଜ୍ୟରେ ଇଡିକୁ କେନ୍ଦ୍ର ଅସ୍ତ୍ର ଭାବେ ବ୍ୟବହାର କରୁଥିବା ପଶ୍ଚିମବଙ୍ଗ ସରକାର ଅଭିଯୋଗ ଆଣିଥିଲେ । ଜବାବରେ ଇଡି ପକ୍ଷରୁ ଏଜେନ୍ସି କାହାର ଅସ୍ତ୍ର ହୋଇନଥିବା ଦର୍ଶାଯାଇଥିଲା । ଓଲଟା ରାଜ୍ୟରେ ଏଜେନ୍ସିକୁ ଧମକା ଯାଇଥିବା କୁହାଯାଇଥିଲା । ମାମଲାଟି ଏହିପରି । ଇଡି ପକ୍ଷରୁ ଆଇ- ପିଏସି ଚଢାଉ ମାମଲାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ଅଣାଯାଇଥିବା ବାଧାର ସିବିଆଇ ତଦନ୍ତ ଦାବି କରି ସୁପ୍ରିମକୋର୍ଟରେ ଏକ ପିଟିସନ୍ ହୋଇଥିଲା । ସେଥିରେ ଏଜେନ୍ସି ଦର୍ଶାଇଥିଲା ଯେ, ଜାନୁଆରୀ ୮ ତାରିଖରେ ଆଇ-ପିଏସିର ଅଫିସ୍ ଉପରେ ଚଢାଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ରାଜ୍ୟ ପୁଲିସ ଅଧିକାରୀମାନେ ଏଜେନ୍ସିର କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ସର୍ଚ୍ଚ ଅପରେସନ୍ ସମୟରେ ମମତା ନିଜେ ଟିଏମ୍ସିର ଅନ୍ୟ ନେତାଙ୍କ ସହ ଆଇ-ପିଏସି ଅଫିସ୍ ପହଞ୍ଚିଥିଲେ । ଏହାପରେ ଖୁବ୍



ହଙ୍ଗାମା ହୋଇଥିଲା । ସେ ଅଫିସରୁ ଅନେକ ଫାଇଲ୍ ନେଇ ବାହାରକୁ ବାହାରିଥିଲେ । ଇଡିର ସେହି ପିଟିସନ୍ ନେଇ ଆଜି ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ କେଭି ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠରେ ଶୁଣାଣି ହୋଇଥିଲା । ଏହି ସମୟରେ ରାଜ୍ୟ ସରକାରଙ୍କ ଓକିଲ ସିଦ୍ଧାର୍ଥ ଲୁଥ୍ରା କହିଥିଲେ, ବିରୋଧୀଙ୍କ ଶାସିତ ରାଜ୍ୟରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦମନ କରିବାକୁ ଇଡିକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି । ଏଜେନ୍ସି ଏଥିନେଇ ଜବାବ ରଖିବା ଆବଶ୍ୟକ । ପରେ ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ୍(ଏଏସ୍ଜି) ଏସ୍ ଭି ରାଜୁ ଏହାର କଡ଼ା ବିରୋଧ କରିଥିଲେ । ସେ କହିଥିଲେ ଯେ, ଇଡିକୁ ଅସ୍ତ୍ର କରାଯାଉନାହିଁ । ବରଂ ଏଜେନ୍ସିକୁ ଆତଙ୍କିତ କରାଯାଉଛି । ଉଭୟ ପକ୍ଷର ଯୁକ୍ତିକୁ ଶୁଣିବା ପରେ ସୁପ୍ରିମକୋର୍ଟ କାହାକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି, କାହାକୁ ଧମକାଯାଉଛି ଆମେ ତାହା ସ୍ଥିର କରିବୁ ବୋଲି କହିଥିଲେ । ଏଥିସହ ମାମଲା ଶୁଣାଣିକୁ ମାର୍ଚ୍ଚ ୧୮ ଯାଏ ସ୍ଥଗିତ ରଖିଥିଲେ । ସୂଚନାଥାଉକି, ଆଇ-ପିଏସି ଅର୍ଥାତ ଇଣ୍ଡିଆନ୍ ପଲିଟିକାଲ୍ ଆକ୍ସନ କମିଟି ଏକ ରାଜନୈତିକ କନ୍ସଲଟାନ୍ସି କମ୍ପାନୀ । ଏହା ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ ସହିତ କାମ କରିଥାଏ । ତେବେ କମ୍ପାନି ଏବଂ ତାର ସହ-ପ୍ରତିଷ୍ଠାତା ପ୍ରତୀକ ଜୈନ୍‌ଙ୍କ ବିରୋଧରେ ବହୁ କୋଟିର କୋଇଲା ଦୁର୍ନୀତି ମାମଲାରେ ମନି ଲଣ୍ଡରିଂର ଅଭିଯୋଗ ରହିଛି ।

# ୪୨ ବିଧାୟକଙ୍କୁ ପାଟନା ହାଇକୋର୍ଟଙ୍କ ନୋଟିସ୍

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନରେ ଭୋଟ ଚୋରି ଓ ମିଥ୍ୟା ଶପଥପତ୍ର ଦାଖଲ ମାମଲା ଏବେ ପାଟନା ହାଇକୋର୍ଟରେ ପହଞ୍ଚିଛି । କୋର୍ଟ ୪୨ ଜଣ ନିର୍ବାଚିତ ବିଧାୟକଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି । ସମ୍ପୃକ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ପରାଜିତ ପ୍ରାର୍ଥୀମାନେ ପାଟନା ହାଇକୋର୍ଟରେ ନିର୍ବାଚିତ ବିଧାୟକମାନଙ୍କ ବିରୁଦ୍ଧରେ ଏକ ଆବେଦନ ଦାଖଲ କରିଛନ୍ତି । ଆବେଦନରେ ଅଭିଯୋଗ କରାଯାଇଛି ଯେ ନିର୍ବାଚନ ସମୟରେ ଭୋଟ୍ କିଣାଯାଇଥିଲା ଏବଂ ନାମାଙ୍କନ ସମୟରେ ଦାଖଲ ହୋଇଥିବା ଶପଥପତ୍ରରେ ମିଥ୍ୟା ସୂଚନା ଦିଆଯାଇଥିଲା । ଏନଡିଏ ଉପରେ ଭୋଟରଙ୍କୁ ଦଶ ହଜାର ଟଙ୍କା ଦେଇ ଭୋଟ୍ କିଣିବାର ମଧ୍ୟ ଅଭିଯୋଗ ହୋଇଛି । ଆବେଦନରେ ନାମିତ ପ୍ରମୁଖ ନେତାମାନଙ୍କ ମଧ୍ୟରେ ବିଧାନସଭା ବାଚସ୍ପତି ପ୍ରେମ କୁମାର, ଶକ୍ତି ମନ୍ତ୍ରୀ ବିଜେନ୍ଦ୍ର ଯାଦବ, ପୂର୍ବତନ ମନ୍ତ୍ରୀ ଜୀବେଶ ମିଶ୍ର ଓ ବିଧାୟକ ଚେତନ ଆନନ୍ଦ ପ୍ରମୁଖ ଅଛନ୍ତି । ଏହି ମାମଲା ବର୍ତ୍ତମାନ ହାଇକୋର୍ଟରେ ବିଚାରାଧୀନ ଅଛି ଏବଂ ସମସ୍ତ ବିଧାୟକଙ୍କଠାରୁ ଜବାବ ତଲବ କରାଯାଇଛି ।

## ବମ୍ବେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ
# ସିଙ୍ଗଲ୍ ମଦର୍ଙ୍କ ସନ୍ତାନଙ୍କୁ ପିତାଙ୍କ ପରିଚୟ ପଚରା ଯାଇ ପାରିବନି

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ବମ୍ବେ ହାଇକୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯଦି କୌଣସି ଶିଶୁକୁ କେବଳ ତାଙ୍କ ମାଆ ପାଳନ କରୁଛନ୍ତି, ତେବେ ତାଙ୍କୁ ତାଙ୍କ ପିତାଙ୍କ ନାମ, ଉପନାମ କିମ୍ବା ଜାତି ସମ୍ପର୍କରେ ପଚରାଯାଇ ପାରିବ ନାହିଁ । କୋର୍ଟ କହିଛନ୍ତି, ପୁରୁଣା ପରମ୍ପରା ଉପରେ ଆଧାରିତ ଶିଶୁ ଉପରେ ପରିଚୟ ଲଦିବା ସମ୍ବିଧାନର ପରିପନ୍ଥୀ ହେବ । ଔରଙ୍ଗାବାଦ ଖଣ୍ଡପୀଠଙ୍କର ବିଚାରପତି ବିଭା କାଙ୍କନୱାଡି ଓ ହିତେନ ଭେନେଗାଓଁକର ତାଙ୍କ ରାୟରେ କହିଛନ୍ତି, ଜଣେ ସିଙ୍ଗଲ୍ ମଦର୍ଙ୍କୁ ପୂର୍ଣ୍ଣ ଅଭିଭାବକ ଭାବରେ ଗ୍ରହଣ କରିବା ସହାନୁଭୂତି ନୁହେଁ, ବରଂ ଏକ ସାମ୍ବିଧାନିକ ଅଧିକାର । କୋର୍ଟ କହିଛନ୍ତି, ଏହି ରାୟ ପିତୃକୈନ୍ଦ୍ରିକ ଚାପରୁ ସାମ୍ବିଧାନିକ ପସନ୍ଦ ଆଡ଼କୁ ପରିବର୍ତ୍ତନର ସଙ୍କେତ ଦେଉଛି । ଉତ୍ତରାଧିକାରକୁ ଭାଗ୍ୟ ଭାବରେ ପରିତ୍ୟାଗ କରାଯାଇ ମର୍ଯ୍ୟାଦାକୁ ଏବେ ଏକ ଅଧିକାର ଭାବରେ ବିବେଚନା କରାଯାଉଛି । ଏକ ବିକାଶଶୀଳ ସମାଜରେ, ଏହା ଅନୁମାନ କରାଯାଇପାରିବ ନାହିଁ ଯେ ପିଲାର ପରିଚୟ ତାଙ୍କ ଜୀବନରେ ଉପସ୍ଥିତ ନଥିବା ପିତାଙ୍କ ସହିତ ଜଡ଼ିତ, ଯେତେବେଳେ ମା ପିଲାର ପାଳନ ପୋଷଣର ସମ୍ପୂର୍ଣ୍ଣ ଭାର ବହନ କରିଥାନ୍ତି । ସ୍କୁଲ ରେକର୍ଡରେ ନାମ ଓ ଜାତି ପରିବର୍ତ୍ତନ ପାଇଁ ଜଣେ ୧୨ ବର୍ଷୀୟା ଝିଅ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ସେ ଚାହୁଁଥିଲେ ଯେ ତାଙ୍କ ଜାତିକୁ ମରାଠାରୁ ପରିବର୍ତ୍ତନ କରାଯାଇ ଅନୁସୂଚିତ ଜାତି ମାହାର ଭାବରେ ତାଲିକାଭୁକ୍ତ କରାଯାଉ । ଆବେଦନ ଅନୁଯାୟୀ, ଝିଅଟିର ମାଆ ଜଣେ ସିଙ୍ଗଲ୍ ମଦର୍ । ସେ ତାଙ୍କର ପ୍ରାକୃତିକ ଅଭିଭାବକ । ସେ ବାପାଙ୍କ ଉପରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ, କିନ୍ତୁ ପରେ ଦୁଇ ପକ୍ଷ ଏକ ସମାଧାନ ଚୁକ୍ତିରେ ପହଞ୍ଚିଥିଲେ, ଯେଉଁଥିରେ ମା ଝିଅଟିର ସ୍ଥାୟୀ ହେପାଜତ ରଖିବାକୁ ସର୍ତ୍ତ ରଖାଯାଇଥିଲା । ସ୍କୁଲ ଗତ ବର୍ଷ ଝିଅଟିର ନାମ ଓ ଜାତି ପରିବର୍ତ୍ତନ କରିବା ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା । ଯାହା ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ କହିଛନ୍ତି ଯେ ଯେତେବେଳେ ମହାରାଷ୍ଟ୍ର ସରକାରଙ୍କ ନୀତି ସ୍ୱୀକାର କରେ ଯେ, ପରିଚୟ ପତ୍ରରେ ମା'ଙ୍କ ନାମ ପ୍ରାଥମିକ ହୋଇପାରେ, କୌଣସି ସରକାରୀ କର୍ମଚାରୀ କିମ୍ବା ଅଧୀନସ୍ଥ ପ୍ରତିଷ୍ଠାନଙ୍କର ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ନାହିଁ । ହାଇକୋର୍ଟ କହିଛନ୍ତି, ସମ୍ବିଧାନ ସମ୍ମାନର ସହିତ ବଞ୍ଚିବାର ଅଧିକାରକୁ ଗ୍ୟାରେଣ୍ଟି ଦିଏ । ଏଥିରେ ଏପରି ଏକ ପରିଚୟ ଅନ୍ତର୍ଭୁକ୍ତ ଯାହା ଅନୁପସ୍ଥିତ ପିତାଙ୍କ ସହିତ ଯୋଡା ଯାଇନାହିଁ । ବିଶେଷକରି ଯେତେବେଳେ ଏହା କୌଣସି କଲ୍ୟାଣମୂଳକ ଉଦ୍ଦେଶ୍ୟ ସାଧନ କରେ ନାହିଁ । ଏହା ଦ୍ୱାରା ସାମାଜିକ କ୍ଷତି ହୋଇପାରେ ।

# ଦିଲ୍ଲୀ-ମୁମ୍ବାଇ ସମେତ ଦେଶର ଅନେକ ବିମାନବନ୍ଦରରେ ଚେକ୍ -ଇନ୍ ସିଷ୍ଟମ୍ ଫେଲ୍

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦର ସମେତ ଦେଶର ଅନେକ ବିମାନବନ୍ଦରରେ ଗୁରୁବାର ସକାଳେ ହଠାତ୍ ଚେକ୍-ଇନ୍ ସିଷ୍ଟମ୍ ଫେଲ୍ ହୋଇଯାଇଥିଲା । ଫଳରେ ଯାତ୍ରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ବିମାନବନ୍ଦରରେ ଅପେକ୍ଷା କରି ରହିବାକୁ ପଡ଼ିଥିଲା । କେତେକ ଯାତ୍ରୀ ବିଳମ୍ବ ଯୋଗୁଁ ସେମାନଙ୍କ ବିମାନ ଧରି ପାରିନଥିବା ଅଭିଯୋଗ ହୋଇଛି । ନାଭିଟେୟାର୍ ସର୍ଭରରେ ବୈଷୟିକ ତ୍ରୁଟି ଯୋଗୁଁ ସମସ୍ୟା ଦେଖାଯାଇଥିଲା ।



ବିମାନ ସଂରକ୍ଷଣ ଏବଂ ପ୍ରସ୍ଥାନ ନିୟନ୍ତ୍ରଣ କରୁଥିବା ନାଭିଟେୟାର ସମସ୍ୟା ଯୋଗୁ ସକାଳ ୬ଟା ୪୫ ମିନିଟରୁ ୭ଟା ୨୮ ମିନିଟ ଓ ପରେ ସକାଳ ୮ଟା ୧୦ ମିନିଟରୁ ୮ଟା ୨୫ ମିନିଟ୍ ପର୍ଯ୍ୟନ୍ତ ସମସ୍ୟା ରହିଥିଲା । ଭାରତରେ ଏୟାର ଇଣ୍ଡିଆ ବ୍ୟତୀତ ଅନ୍ୟ ସମସ୍ତ ଏୟାରଲାଇନ୍ସ ଏହି ସିଷ୍ଟମ୍ ବ୍ୟବହାର କରୁଛନ୍ତି । ଇଣ୍ଡିଗୋ, ଅକାସା ଏୟାର, ସ୍ପାଇସ୍ଜେଟ୍ ଏୟାରଲାଇନ୍ସର ବିମାନଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ । ଆମାଡିୟସ୍ ମାଲିକାନାରେ ଥିବା ନାଭିଟେୟାର, ମୁଖ୍ୟତଃ ବିଶ୍ୱବ୍ୟାପୀ କମ୍ ମୂଲ୍ୟର ଏବଂ ହାଇବ୍ରିଡ୍ ବାହକମାନଙ୍କୁ ସଂରକ୍ଷଣ, ଇନଭେଣ୍ଟାରି ଏବଂ ପ୍ରସ୍ଥାନ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରଦାନ କରେ । ଏହି ସମସ୍ୟା ଯୋଗୁଁ ଦିଲ୍ଲୀ ବିମାନବନ୍ଦରରେ ପ୍ରବଳ ଭିଡ଼ ଦେଖାଯାଇଥିଲା । ଦିଲ୍ଲୀରେ ଏଆଇ ସମ୍ମିଳନୀ ଚାଲିଥିବା ଯୋଗୁଁ ବହୁ ହାଇପ୍ରୋଫାଇଲ ପ୍ରତିନିଧିଙ୍କ ଆଗମନକୁ ନେଇ ବିମାନବନ୍ଦର ଖୁବ୍ ଚଳଚଞ୍ଚଳ ରହିଥିଲା ।

# ୧୫ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ବ୍ୟାନ କରାଯାଉ

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ବିଶ୍ୱର ଅନେକ ପ୍ରମୁଖ ନେତା ଯୋଗଦେଇଛନ୍ତି । ଏହି ମଞ୍ଚରୁ ଅନେକ ଦେଶର ରାଷ୍ଟ୍ରମୁଖ୍ୟ ଓ ପ୍ରତିନିଧିମାନେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଭବିଷ୍ୟତ ଉପରେ ନିଜର ମତ ରଖିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ୍ୟ ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଛନ୍ତି ଏବଂ ୧୫ ବର୍ଷରୁ କମ ବୟସର ପିଲାଙ୍କ ପାଇଁ ସୋସିଆଲ୍ ମିଡ଼ିଆ ବ୍ୟାନ୍ କରିବା ପାଇଁ ଅପିଲ କରିଛନ୍ତି । ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬କୁ ସମ୍ବୋଧିତ କରି ଫ୍ରାନ୍ସ ରାଷ୍ଟ୍ରପତି କହିଥିଲେ, ଆପଣଙ୍କ ସୁନ୍ଦର ଦେଶରେ ଆମକୁ ଭବ୍ୟ ସ୍ୱାଗତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବହୁତ ବହୁତ ଧନ୍ୟବାଦ । ଆପଣଙ୍କ ଦ୍ୱାରା ଆୟୋଜିତ ଏହି ଏଆଇ ଇମ୍ପାକ୍ଟ ସମିଟରେ ଉପସ୍ଥିତ ହେବା ବଡ଼ ଖୁସିର କଥା । ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବହୁତ କିଛି ପରିବର୍ତ୍ତନ ହୋଇଛି । ଦଶ ବର୍ଷ ପୂର୍ବେ, ମୁମ୍ବାଇର ଜଣେ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ବିକ୍ରେତା




ପାଇଁ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପ୍ରାୟତଃ ଅସମ୍ଭବ ଥିଲା । ତାଙ୍କର କୌଣସି ଠିକଣା ନଥିଲା, କୌଣସି କାଗଜପତ୍ର ନଥିଲା, କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି । ବର୍ତ୍ତମାନ ସେହି ବିକ୍ରେତା ଯେକୌଣସି ବ୍ୟକ୍ତିଙ୍କଠୁ ଫୋନ ମାଧ୍ୟମରେ ତୁରନ୍ତ ପେମେଣ୍ଟ ଗ୍ରହଣ କରିପାରୁଛନ୍ତି । ଏହା ଏକ ବିରାଟ ପରିବର୍ତ୍ତନ । ମାକ୍ରୋନ୍ କହିଛନ୍ତି ଯେ ଭାରତ ପ୍ରତିବର୍ଷ ଲକ୍ଷ ଲକ୍ଷ ଏଆଇ ଇଞ୍ଜିନିୟରଙ୍କୁ ତାଲିମ ଦିଏ । ୫ଲକ୍ଷ ଇଞ୍ଜିନିୟରଙ୍କ ସହିତ, ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଡେଭଲପର କମ୍ୟୁନିଟି ଅଛି । ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାକୁ ଇଣ୍ଡିଆ ଏଆଇ ଶିଖର ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିବେଦନ କରିଥିଲେ । ସେ ଆହ୍ୱାନ ଦେଇ କହିଥିଲେ, ଫ୍ରାନ୍ସ ପୂର୍ବରୁ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇସାରିଛି । ଆମେ ଏହି ପଥ ଆରମ୍ଭ କରିସାରିଛୁ, ଏବଂ ଆମେ ଆଶା କରୁଛୁ ଯେ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଏହାକୁ ଅନୁସରଣ କରିବେ । ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଦୁଇପାଦ ଆଗକୁ ବଢ଼ିବେ ।

# ବିଶାଖାପାଟଣାଠାରେ ଗୁଗୁଲ୍ ପକ୍ଷରୁ ଏକ ଏଆଇ ହବ୍ ସ୍ଥାପନ କରାଯିବ

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ଭାରତୀୟ ବଜାର ଉପରେ ଗୁଗୁଲ୍ ଅଧିକ ମନୋନିବେଶ କରିବ । ବିଶାଖାପାଟଣାଠାରେ ଗୁଗୁଲ୍ ପକ୍ଷରୁ ଏକ ଏଆଇ ହବ୍ ସ୍ଥାପନ କରାଯିବ । ନୂଆଦିଲ୍ଲୀଠାରେ ଚାଲିଥିବା ଏଆଇ ସମ୍ମିଳନୀରେ ବକ୍ତବ୍ୟ ରଖିବା ଅବସରରେ ଗୁଗୁଲର ସିଇଓ ସୁନ୍ଦର ପିଚାଇ ଏହି ସୂଚନା ଦେଇଛନ୍ତି । ସମ୍ମିଳନୀର ଏକ ଅଧିବେଶନରେ ଚାଲିଥିବା ଆଲୋଚନାରେ ଅଂଶଗ୍ରହଣ କରି ପିଚାଇ କହିଲେ ଯେ ଭାରତୀୟ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଏଆଇର ଉପଯୋଗିତା ଉପରେ ସେ




ଗୁରୁତ୍ୱ ଆରୋପ କରିଛନ୍ତି । ବିଶେଷକରି ଅନିଶ୍ଚିତ ମୌସୁମୀ ଦୃଷ୍ଟିରୁ ଚାଷୀମାନଙ୍କୁ ଠିକ୍ ସମୟରେ ପାଣିପାଗ ସଂକ୍ରାନ୍ତ ସୂଚନା ଦେବା ପାଇଁ ଏଆଇର ବ୍ୟାପକ ବ୍ୟବହାର କରାଯାଇପାରିବ । ଅନ୍ୟପକ୍ଷରେ କୃତ୍ରିମ ବୁଦ୍ଧିମତା(ଏଆଇ) ଯେଭଳି ବିଶ୍ୱରେ କିମ୍ବା କୌଣସି ରାଷ୍ଟ୍ର ଭିତରେ ଅର୍ଥନୈତିକ ଅସମାନତାକୁ ଆହୁରି ବୃଦ୍ଧି ନ କରେ ସେ ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ସେ ଜୋର ଦେଇଛନ୍ତି । ଡିଜିଟାଲ ଡିଭାଇଡ୍ ଯେଭଳି ଦୁଇ ପ୍ରକାର ସମାଜ ସୃଷ୍ଟି କରିଛି ଏଆଇ ବ୍ୟବହାରକୁ ନେଇ ମଧ୍ୟ ଯେଭଳି ସମାନ ସ୍ଥିତି ନ ଉପୁଜିବ ସେ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ତେବେ ଏହି ଅସମାନତା ଯେଭଳି ବୃଦ୍ଧି ନହୁଏ ସେ ଦିଗରେ ପ୍ରସ୍ତୁତ ରହିବାକୁ ହେଲେ ଏଆଇରେ ଅଧିକ ପୁଞ୍ଜିନିବେଶ କରାଯିବା ଜରୁରୀ ବୋଲି ପିଚାଇ କହିଛନ୍ତି ।

# ରାହୁଲ ଗାନ୍ଧୀଙ୍କ ବିରୋଧରେ ନିଶିକାନ୍ତ ଦୁବେଙ୍କ ସ୍ୱତନ୍ତ୍ର ପ୍ରସ୍ତାବ ବିବାଦ

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ସଂସଦର ବଜେଟ୍ ଅଧିବେଶନ ଖୁବ୍ ସରଗରମ୍ ରହିଥିଲା । ଉଭୟ ଶାସକ ଓ ବିରୋଧୀ ପରସ୍ପରକୁ ଦୋଷାରୋପ କରିଥିଲେ । ପୂର୍ବତନ ସେନା ମୁଖ୍ୟ ଏମ୍ଏମ୍ ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନୀକୁ ନେଇ ସଂସଦ ହୁଲସ୍ଥୁଲ ହୋଇଥିବାବେଳେ ସରକାରୀ ଦଳ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସ୍ୱାଧୀକର ଭଙ୍ଗ ନୋଟିସ ଆଣିବାକୁ ଯୋଜନା କରୁଛନ୍ତି । ଏପରିସ୍ଥଳେ ଲୋକସଭାରେ ଗତ ଦୁଇ ବର୍ଷ ହେଲା ନା ସ୍ୱାଧୀକର ସମିତି ରହିଛି ନା ଏଥିକ୍ସ କମିଟି (ଆଚରଣ ବିଧି ସମିତି) ରହିଛି । ବିଜେପି ସାଂସଦ ନିଶିକାନ୍ତ ଦୁବେ ରାହୁଲ ଗାନ୍ଧୀଙ୍କ ଭାଷଣକୁ ନେଇ ଆପତ୍ତି କରିବାସହିତ ରାହୁଲ ମିଥ୍ୟା କହି ସଂସଦକୁ ଭ୍ରମିତ କରିବାକୁ ଚେଷ୍ଟା କରୁଥିବାରୁ ତାଙ୍କ ସାଂସଦ ପଦ ରଦ୍ଦ କରିବାକୁ ଦୁବେ ଏକ ସ୍ୱତନ୍ତ୍ର ପ୍ରସ୍ତାବ ଆଗତ କରିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ବାଚସ୍ପତିଙ୍କ ଦ୍ୱାରା ପ୍ରସ୍ତାବ ଗୃହୀତ ହେବା ପରେ, ମାର୍ଚ୍ଚ ୯ ରୁ ଆରମ୍ଭ ହେଉଥିବା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଏହି ମାମଲାକୁ ସ୍ୱାଧିକର କମିଟି, ଆଚରଣ ବିଧି କମିଟିକୁ ପଠାଯିବା ଉଚିତ କି ସିଧାସଳଖ ଗୃହରେ ଆଲୋଚନା କରାଯିବା ଉଚିତ ସେ ବିଷୟରେ ଲୋକସଭା ବାଚସ୍ପତିଙ୍କ ସହିତ ପରାମର୍ଶ କରି ନିଷ୍ପତ୍ତି ନିଆଯିବ । ବିଶେଷଜ୍ଞମାନେ କୁହନ୍ତି ଯେ ଏହି ପ୍ୟାନେଲଗୁଡ଼ିକ ଗଠନ ନ ହେବା ପ୍ରକ୍ରିୟାଗତ ଏବଂ ରାଜନୈତିକ ଦୃଷ୍ଟିକୋଣରୁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଲୋକସଭାରେ ସ୍ୱାଧୀକର ସମିତି ହେଉଛି ଏକ ସ୍ଥାୟୀ କମିଟି, ଯେଉଁଥିରେ ବାଚସ୍ପତିଙ୍କ ଦ୍ୱାରା ମନୋନୀତ ୧୫ ଜଣ ସଦସ୍ୟ ଥାଆନ୍ତି, ଯାହା ସଦନ ଏବଂ ଏହାର ସଦସ୍ୟଙ୍କ ସ୍ୱାଧୀକର ଉଲ୍ଲଂଘନ କିମ୍ବା ଅବମାନନା ସମ୍ବନ୍ଧୀୟ ମାମଲାଗୁଡ଼ିକର ଯାଞ୍ଚ କରେ । ସାମ୍ବିଧାନିକ ବିଶେଷଜ୍ଞମାନେ କୁହନ୍ତି ଯେ, ଏହା ଏକ ଅର୍ଦ୍ଧ-ନ୍ୟାୟିକ କ୍ଷମତା ଭାବେ କାର୍ଯ୍ୟ କରେ, ସଦନର ଅବମାନନାର ତଦନ୍ତ କରେ ଏବଂ ସଦସ୍ୟମାନଙ୍କୁ ଭର୍ତ୍ସନା କିମ୍ବା ନିଲମ୍ବନ ଭଳି କାର୍ଯ୍ୟାନୁଷ୍ଠାନ ସୁପାରିସ କରେ । ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସକୁ ଲୋକସଭାର ପୂର୍ବତନ ସେକ୍ରେଟାରୀ ଜେନେରାଲ ତଥା ସମ୍ବିଧାନ ବିଶେଷଜ୍ଞ ପି ଡି ଟି ଆଚାରୀ ଏହି କମିଟି ଗଠନରେ ବିଳମ୍ବକୁ ଅସାଧାରଣ ବୋଲି କହିଛନ୍ତି । ସେ କହିଛନ୍ତି, ନୂତନ ସରକାର ଆସିବା ମାତ୍ରେ କମିଟିଗୁଡ଼ିକ ଗଠନ କରାଯାଏ ।

# ମାଗଣା ଯୋଜନା ନେଇ ତାମିଲନାଡୁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ତୀବ୍ର ଭର୍ତ୍ସନା

**ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ନିର୍ବାଚନ ପୂର୍ବରୁ ରାଜ୍ୟ ରାଜକୋଷ ଉପରେ ଚାପ ପକାଉଥିବା ଭଳି ମାଗଣା ଯୋଜନା (ଫ୍ରିବିଜ୍) ଘୋଷଣା କରିବା ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତରକୁ ନେଇ ବିଭିନ୍ନ ରାଜ୍ୟର ରାଜନେତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି । ସୁପ୍ରିମକୋର୍ଟ ଡିଏମକେ ସରକାର ନେତୃତ୍ୱାଧୀନ ତାମିଲନାଡୁ ପାୱାର ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ ଲିମିଟେଡର ଏକ ଆବେଦନର ଶୁଣାଣି କରି ଦେଶରେ ନିର୍ବାଚନ ପୂର୍ବରୁ ମାଗଣା ଯୋଜନା ଓ ନଗଦ ହସ୍ତାନ୍ତର କରାଯିବାର ଟ୍ରେଣ୍ଡ ବିବାଦରେ ଲାଗିଛି ବୋଲି କହିଥିଲେ । ଏହା କୌଣସି ଗୋଟିଏ ରାଜ୍ୟରେ ସୀମିତ ନାହିଁ । ଏହାଦ୍ୱାରା ଦେଶର ଆର୍ଥିକ ବିକାଶରେ ବାଧା ସୃଷ୍ଟି ହେବ ଓ ଲୋକମାନେ କାମ କରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ତାମିଲନାଡୁ ବିଦ୍ୟୁତ ନିଗମ ଆବେଦନର ଶୁଣାଣି କରି କାହିଁକି ଶେଷ ମୁହୂର୍ତ୍ତରେ ଏକ ମାଗଣା ବିଦ୍ୟୁତ ଯୋଜନା ଘୋଷଣା କରାଯାଇଥିଲା ବୋଲି ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ । ଏହି ଯୋଜନା ଫଳରେ ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକ (ଡିସ୍କମ୍) ଶୁଳ୍କ ଏବଂ ବଜେଟ୍ ହିସାବକୁ ସଜାଡ଼ିବାକୁ ବାଧ୍ୟ ହୋଇଥିଲେ ବୋଲି ସୁପ୍ରିମକୋର୍ଟ କହିଥିଲେ । ଉପଭୋକ୍ତାଙ୍କ ଆର୍ଥିକ ସ୍ଥିତି ଉପରେ ଧ୍ୟାନ ନ ଦେଇ ସମସ୍ତଙ୍କୁ ମାଗଣା ବିଦ୍ୟୁତ ଦେବା ଘୋଷଣାକୁ ନେଇ କୋର୍ଟ ତୀବ୍ର ସମାଲୋଚନା କରିଥିଲେ । ମାଗଣା ସେବା ସଂସ୍କୃତିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି । ଖଣ୍ଡପୀଠ କହିଥିଲେ ଯେ, ଏହା ଅର୍ଥନୈତିକ ବିକାଶରେ ବାଧା ଦିଏ ଏବଂ ଏପରି ନୀତିଗୁଡ଼ିକୁ ପୁନଃବିଚାର କରିବାର ସମୟ ଆସିଛି । ଟିକସଦାତାଙ୍କ ବ୍ୟତୀତ ଅନ୍ୟ କିଏ ଏହି ଯୋଜନାର ବ୍ୟୟଭାର ଉଠାଉଛି କି ? ସରକାର ଏସବୁ ମାଗଣା ଯୋଜନା କରିବା ଅପେକ୍ଷା ରୋଜଗାର ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ । ରାଜ୍ୟରେ ବିକାଶ ଉପରେ କମ୍ ଖର୍ଚ୍ଚ କରାଯାଉଛି ବୋଲି ପ୍ରଧାନ ବିଚାରପତି କହିଛନ୍ତି । ସରକାରଙ୍କ ଉପରେ ବହୁ ପରିମାଣର ଋଣ ଥିବା ସତ୍ତ୍ୱେ ଏହା ମାଗଣା ଯୋଜନା ଆଣିବାକୁ ନେଇ ପ୍ରଧାନ ବିଚାରପତି ଚିନ୍ତା ପ୍ରକାଶ କରିଛନ୍ତି । ନଗଦ ଟଙ୍କା ବାଣ୍ଟିବା ଏବଂ ମାଗଣା ସୁବିଧା ପ୍ରଦାନ ନେଇ ଆର୍ଥିକ ବୁଦ୍ଧିମତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଅନେକ ରାଜ୍ୟ ରାଜସ୍ୱ କ୍ଷତିରେ ସମ୍ମୁଖୀନ ହେଉଛି । କର୍ମଚାରୀଙ୍କ ଦରମା ଓ ମାଗଣା ଯୋଜନାର ବୋଝ ଏତେ ବିଗଲାଣି ଯେ, ରାଜ୍ୟର ବିକାଶ ପାଇଁ ପାଣ୍ଠିର ଅଭାବ ଦେଖାଗଲାଣି । ବର୍ଷକରେ ରାଜସ୍ୱର ୨୫ ପ୍ରତିଶତ ବିକାଶ କାର୍ଯ୍ୟରେ କାହିଁକି ନ ଲଗାଯିବ ବୋଲି କୋର୍ଟ ପ୍ରଶ୍ନ କରିଥଲେ ।



# ଜାୱା ୪୨ ଏବେ ଆଇଭୋରି ରଙ୍ଗରେ ଉପଲବ୍ଧ

**ଭୁବନେଶ୍ୱର, ୧୯।୨ (ନି.ପ୍ର) :** ନିଓ-କ୍ଲାସିକ ସେଗମେଂଟରେ ଅଗ୍ରଣୀ, ଜାୱା ୟେଜଦି ମୋଟରସାଇକେଲ୍ସ ପକ୍ଷରୁ ଏହାର ଲୋକପ୍ରିୟ ମଡେଲ 'ଜାୱା ୪୨'କୁ ଏକ ସମ୍ପୂର୍ଣ୍ଣ ନୂତନ 'ଆଇଭୋରି' ରଙ୍ଗରେ ଶୁଭାରମ୍ଭ କରାଯାଇଛି। ନୂଆଦିଲ୍ଲୀ ଏକ୍ସ-ସୋରୁମ୍ ହିସାବରେ ଏହାର ମୂଲ୍ୟ ୧,୮୪,୯୫୦ ଟଙ୍କା ରଖାଯାଇଛି। ଏହି ନୂଆ ପାଷ୍ଟେଲ ସେଡ ଏବଂ ରେଟ୍ରୋ ଡିଜାଇନ୍ ବିଶେଷ କରି ଯୁବପିଢ଼ିଙ୍କୁ ଆକର୍ଷିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ନିଓ-କ୍ଲାସିକ୍ ସେଗମେଂଟରେ ଏକ ନୂତନ ଅଧ୍ୟାୟ ଯୋଡିବ।




ନୂତନ ଜାୱା ୪୨ ଆଇଭୋରି କେବଳ ଦେଖିବାକୁ ସୁନ୍ଦର ନୁହେଁ, ବରଂ ଏଥିରେ ଦମଦାର୍ ଇଞ୍ଜିନିୟରିଂ ମଧ୍ୟ ରହିଛି। ଏଥିରେ ୨୯୪ ସିସିର ଲିକ୍ୱିଡ୍-କୁଲ୍ଡ ଜେ-ପାନ୍ଥର ଇଞ୍ଜିନ ରହିଛି, ଯାହା ୨୭.୩୨ ପିଏସ ପାୱାର ଏବଂ ୨୬.୮୪ ଏନଏମ ଟର୍କ ପ୍ରଦାନ କରେ। ଏଥିରେ ୬-ସ୍ପିଡ୍ ଗିଅରବକ୍ସ, ଆସିଷ୍ଟ ଆଣ୍ଡ ସ୍ଲିପର (ଏଆଣ୍ଡଏସ)କ୍ଲଚ୍ ଏବଂ ଭାରତୀୟ ରାସ୍ତା ପାଇଁ ଉପଯୁକ୍ତ ସ୍ୱତନ୍ତ୍ର ସସପେନସନ ରହିଛି। ବାଇକର ଟାଙ୍କିରେ ଥିବା ଚେକର୍ଡ-ଫ୍ଲାଗ୍ ଗ୍ରାଫିକ୍ସ, ବୋଲ୍ଡ ଡେକାଲ୍ସ ଏବଂ କ୍ଲାସିକ୍ ବ୍ୟାଜିଂ ଏହାକୁ ଏକ ରେଟ୍ରୋ-ସ୍ପୋର୍ଟି ଲୁକ୍ ଦେଉଛି, ଯାହା ୧୯୬୦ ଦଶକର ରେସିଂ ଐତିହ୍ୟକୁ ମନେ ପକାଇଦିଏ। ଏହି ଶୁଭାରମ୍ଭ ଅବସରରେ ଜାୱା ୟେଜଦି ମୋଟରସାଇକେଲ୍ସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି ଯେ, 'ଜାୱା ୪୨ ସର୍ବଦା କ୍ଲାସିକ୍ ପ୍ଲେବୁକ୍‌କୁ ପୁନଃନିର୍ଦ୍ଧାରିତ କରିଛି ଏବଂ ଏହା ଭାରତୀୟ ଗ୍ରାହକଙ୍କ ଆଶା ମୁତାବକ ପ୍ରଦର୍ଶନ କରିଆସୁଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେଉଁମାନେ ଭିଡ଼ରୁ ଅଲଗା ହୋଇ ନିଜସ୍ୱ କାହାଣୀ ତିଆରି କରିବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ଏହି ବାଇକ୍ ଉଦ୍ଦିଷ୍ଟ। ନୂଆ ଆଇଭୋରି ରଙ୍ଗ ଗ୍ରାହକଙ୍କୁ ବାଇକ୍ ଚଲାଇବାର ଏକ ଶାନ୍ତ, ସ୍ୱତନ୍ତ୍ର ଏବଂ ଆତ୍ମବିଶ୍ୱାସପୂର୍ଣ୍ଣ ଅନୁଭବ ଦେବ। ଗ୍ରାହକଙ୍କ ମାଲିକାନା ଅଭିଜ୍ଞତାକୁ ଅଧିକ ସୁବିଧାଜନକ କରିବା ପାଇଁ କମ୍ପାନୀ ପକ୍ଷରୁ ଏକ ବିଶେଷ 'ମାଲିକାନା ନିଶ୍ଚିତକରଣ କାର୍ଯ୍ୟକ୍ରମ' ଘୋଷଣା କରାଯାଇଛି। ଏହା ଅଧୀନରେ ପ୍ରତ୍ୟେକ ଗ୍ରାହକଙ୍କୁ ୪ ବର୍ଷ କିମ୍ବା ୫୦,୦୦୦ କିମି ପର୍ଯ୍ୟନ୍ତ ଷ୍ଟାଣ୍ଡାର୍ଡ ୱାରେଂଟି ମିଳିବ।

# ନିସାନ ପକ୍ଷରୁ ୫.୬୫ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ନୂଆ ଗ୍ରାଭିଟେ'ର ଶୁଭାରମ୍ଭ

**ଭୁବନେଶ୍ୱର, ୧୯।୨ (ନି.ପ୍ର) :** ନିସାନ ମୋଟର ଇଣ୍ଡିଆ ପକ୍ଷରୁ ୫.୬୫ ଲକ୍ଷ ଟଙ୍କାର ଏକ ଆକର୍ଷଣୀୟ ପ୍ରାରମ୍ଭିକ ମୂଲ୍ୟରେ ଅଲ୍-ନ୍ୟୁ ନିସାନ ଗ୍ରାଭିଟେର ଶୁଭାରମ୍ଭ ଘୋଷଣା କରାଯାଇଛି। ଏକ ବୋଲ୍ଡ ଓ ଗେମ୍-ଚେଞ୍ଜିଂ ୭ ସିଟର ଏମ୍‌ପିଭି ଭାବେ ନୂଆ ଗ୍ରାଭିଟେ ନିସାନ ଇଣ୍ଡିଆର ଯାତ୍ରାରେ ଏକ ନୂତନ ଅଧ୍ୟାୟର ଆରମ୍ଭକୁ ଚିହ୍ନିତ କରିଛି। ଭାରତ ଦ୍ୱାରା ଅନୁପ୍ରାଣିତ, ଭାରତରେ ନିର୍ମିତ ଓ ଭାରତ ପାଇଁ ନିର୍ମିତ ନୂଆ ଗ୍ରାଭିଟେ ହେଉଛି ନିସାନ ମୋଟର ଇଣ୍ଡିଆର ନବୀକରଣ ଉତ୍ପାଦ ରଣନୀତି ଅଧୀନରେ ଆରମ୍ଭ କରାଯାଇଥିବା ପ୍ରଥମ ଉତ୍ପାଦ । ଏହାର ବର୍ଦ୍ଧିତ ଅନୁପାତ, ମସ୍କୁଲାର ବଡି ଲାଇନ, ଉନ୍ନତ ହ୍ୱିଲ ଆର୍ଚ୍ଚ ଓ ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସ ଭାରତର ବିଭିନ୍ନ ଚାଳନା ସ୍ଥିତି ସହ ମେଳ ଖାଉଥିବା ଏକ ଉଲ୍ଲେଖନୀୟ ସଡକ ଉପସ୍ଥିତି ସୃଷ୍ଟି କରୁଛି। ଗ୍ରାଭିଟେ ହେଉଛି ଏକ ପୃଥକ ହୁଡ ବ୍ରାଣ୍ଡିଂ ସହ ସ୍ୱତନ୍ତ୍ର ରିୟର-ଡୋର ବ୍ୟାଜିଙ୍ଗ ଥିବା ନିଜ ବର୍ଗର ଏକମାତ୍ର ଯାନ। ଏହାର ପରିଚୟର କେନ୍ଦ୍ର ହେଉଛି ଫ୍ରଂଟ ଓ ରିୟରରେ ଥିବା ନିସାନର ସିଗ୍ନେଚର ସି-ସେପ୍‌ଡ ଡିଜାଇନ ଏକତ୍ରିକରଣ। ଏହାର ଏକ୍ସଟେରିୟର ହାଇଲାଇଟଗୁଡିକରେ ଅଲ୍-ରାଉଣ୍ଡ ଏଲଇଡି ଟ୍ରିଟମେଂଟ, ସିଗ୍ନେଚର ଏଲଇଡି ହେଡଲ୍ୟାମ୍ପ ସହ ଇଂଟିଗ୍ରେଟେଡ ଡିଆରଏଲ, କ୍ରିଷ୍ଟାଲ ଏଜ୍ ଏଲଇଡି ଟେଲ ଲ୍ୟାମ୍ପ, ଏଲଇଡି ଫଗ୍ ଲ୍ୟାମ୍ପ, ସ୍ୱତନ୍ତ୍ର ପିଆନୋ ବ୍ଲାକ୍ ୨ଡି ଗ୍ରିଲ, ଫଙ୍କ୍ଶନାଲ ରୁଫ୍ ରେଲ, ୱାଇଡ-ଓପ୍‌ନିଂ ଡୋର୍ ରହିଛି। ଏଥିରେ ୫-ସିଟର କନ୍‌ଫିଗରେଶନରେ ୬୨୫ ଲିଟରର ଲଗେଜ କ୍ଷମତା ରହିଛି। ଏହା ଲୋୟର କୁଲ୍‌ଡ ଗ୍ଲୋଭ ବକ୍ସ, ଅପର ଗ୍ଲୋଭ ବକ୍ସ, କୁଲ୍‌ଡ ସେଂଟର କନ୍‌ସୋଲ ଷ୍ଟୋରେଜ, ଏକାଧିକ କମ୍ପାର୍ଟମେଂଟ ଦେଉଛି।




ଏହି ଶୁଭାରମ୍ଭ ଅବସରରେ ନିସାନ ଓ ଇନ୍‌ଫିନିଟିର ମିଡିଲ ଇଷ୍ଟ, କେଏସଏ, ସିଆଇଏସ ଓ ଇଣ୍ଡିଆର ବିଭାଗୀୟ ଉପାଧ୍ୟକ୍ଷ ଓ ଅଧ୍ୟକ୍ଷ ଥିଏରୀ ସାବାଘ କହିଛନ୍ତି, 'ଭାରତ ନିସାନର ଆନ୍ତର୍ଜାତୀୟ ଲକ୍ଷ୍ୟର କେନ୍ଦ୍ରବିନ୍ଦୁ ଅଟେ। ନୂଆ ନିସାନ ଗ୍ରାଭିଟେ କେବଳ ଏକ ଉତ୍ପାଦ ଲଂଚ୍ ନୁହେଁ; ଏହା ଭାରତରେ ନିସାନ ପାଇଁ ଏକ ସ୍ଥାୟୀ ଅଭିବୃଦ୍ଧି ପର୍ଯ୍ୟାୟର ଆରମ୍ଭକୁ ଚିହ୍ନିତ କରିଛି। ଚେନ୍ନାଇରେ ଆମର ସହଯୋଗୀ ପାର୍ଟନର ଫ୍ୟାସିଲିଟିରେ ସ୍ଥାନୀୟ ଉତ୍ପାଦନ ଏବଂ ଏକ ଭବିଷ୍ୟତ-ପ୍ରସ୍ତୁତ ପ୍ରଡକ୍ଟ ରୋଡମ୍ୟାପ ସହିତ ଆମେ ଗୁରୁତ୍ୱପୂର୍ଣ୍ଣ ସେଗମେଂଟଗୁଡ଼ିକରେ ପ୍ରତିଦ୍ୱନ୍ଦିତା କରିବା, ଆଗକୁ ବଢ଼ିବା ଓ ନେତୃତ୍ୱ ନେବା ପାଇଁ ଏଠାକୁ ଆସିଛୁ।

ନିସାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରଭ ବତ୍ସା କହିଛନ୍ତି, 'ନୂଆ ନିସାନ ଗ୍ରାଭିଟେ ଭାରତୀୟ ପରିବାରଗୁଡିକର ବିବିଧତା, ବ୍ୟାପକତା ଓ ମହତ୍ୱାକାଂକ୍ଷା ଦ୍ୱାରା ଅନୁପ୍ରାଣିତ। ଏହାର ମଡ୍ୟୁଲାର ସିଟିଂଗଠାରୁ ଆରମ୍ଭ କରି ଏହାର ଆକର୍ଷଣୀୟ ଉପସ୍ଥିତି ପର୍ଯ୍ୟନ୍ତ ଏହାର ପ୍ରତ୍ୟେକ ବିବରଣୀ ଭାରତୀୟ ଗ୍ରାହକଙ୍କର ଜୀବନ, ଭ୍ରମଣ ଓ ଏକାଠି ବଢ଼ିବା ଶୈଳୀକୁ ପ୍ରତିଫଳନ କରୁଛି। ଏଥିରେ ଫ୍ଲୋଟିଂ ୨୦.୩୨ ସିଏମ ଇନ୍‌ଫୋଟେନମେଂଟ ସହ ୱାୟାରଲେସ ଆଣ୍ଡ୍ରଏଡ ଅଟୋ ଓ ଆପଲ କାରପ୍ଲେ କନେକ୍ଟିଭିଟି, ୧୭.୭୮ ସିଏମ ଫୁଲ ଡିଜିଟାଲ ଆଡ୍‌ଭାନ୍ସଡ ମଲ୍ଟି-ଫଙ୍କଶ୍‌ନାଲ କ୍ଲଷ୍ଟର, ୱାୟାରଲେସ ଚାର୍ଜର, ଅଟୋ ଏଲଇଡି ହେଡଲ୍ୟାମ୍ପ ସହ ଫଲୋ ମି ହୋମ ଫଙ୍କଶନ, ୱାକଆୱେ ଲକ୍ ଓ ଆପ୍ରୋଚ ଅନଲକ, ଫ୍ରଂଟ ଓ ରିୟର ପାର୍କିଂ ସେନ୍ସର, ୧.୦ଲିଟର, ୩-ସିଲିଣ୍ଡର ପେଟ୍ରୋଲ ଇଞ୍ଜିନ, ୬ଟି ଏୟାରବ୍ୟାଗ, ଟ୍ରାକ୍ସନ କଂଟ୍ରୋଲ ସିଷ୍ଟମ, ହିଲ-ଷ୍ଟାର୍ଟ ଆସିଷ୍ଟ, ବ୍ରେକ ଆସିଷ୍ଟ ସିଷ୍ଟମ ଭଳି ଫିଚର ରହିଛି।

# ଭାଲେଂଟାଇନ ଡେରେ ନିଜ ପ୍ରିୟଜନଙ୍କ ପାଇଁ ସ୍ୱାସ୍ଥ୍ୟକର ଉପହାର

**ଭୁବନେଶ୍ୱର, ୧୯।୨ (ନି.ପ୍ର):** ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଭ୍ୟାଲେଂଟାଇନ ଡେ' କେବଳ ପ୍ରେମୀଯୁଗଳଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହା ଏବେ ନିଜର ପ୍ରିୟଜନଙ୍କୁ ସମ୍ମାନ ଓ ଭଲପାଇବା ଜଣାଇବାର ଏକ ମାଧ୍ୟମ ପାଲଟିଛି। ଏହି ବଦଳୁଥିବା ସମୟରେ ଲୋକମାନେ ଚକୋଲେଟ୍ ଏବଂ ଫୁଲ ଭଳି ପାରମ୍ପରିକ ଉପହାରରୁ ଆଗକୁ ବଢ଼ି କିଛି ନୂଆ ଓ ଭଲ ବିକଳ୍ପ ଖୋଜୁଛନ୍ତି। ଏହି କ୍ରମରେ କାଲିଫର୍ନିଆ ଆଲମଣ୍ଡ ଏକ ସୁନ୍ଦର ଉପହାର ଭାବେ ଉଭା ହୋଇଛି। ଏହା କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ପ୍ରତିଦିନ ସ୍ୱାସ୍ଥ୍ୟର ଯତ୍ନ ନେବାରେ ମଧ୍ୟ ସାହାଯ୍ୟ କରିଥାଏ। ପ୍ରାକୃତିକ ଭାବରେ ପୋଷକ ତତ୍ୱରେ ପୂର୍ଣ୍ଣ ଏବଂ ବିଭିନ୍ନ ଉପାୟରେ ଉପଯୋଗୀ, କାଲିଫର୍ନିଆ ଆଲମଣ୍ଡ ସହଜରେ ଦୈନନ୍ଦିନ ରୁଟିନରେ ସାମିଲ ହୋଇପାରେ । ନୂଆ ଦିଲ୍ଲୀ ମ୍ୟାକ୍ସ ହେଲ୍ଥକେୟାରର ଡାଇଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ, ରତିକା ସମଦ୍ଦାର କହିଛନ୍ତି, 'ମୁଁ ପ୍ରାୟତଃ କାଲିଫର୍ନିଆ ଆଲମଣ୍ଡ ସହିତ ଦିନର ଆରମ୍ଭ କରିବାକୁ ପରାମର୍ଶ ଦେଇଥାଏ, କାରଣ ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଏବଂ ଫାଇବର୍ ଥାଏ। ସକାଳେ ନିୟମିତ ଆଲମଣ୍ଡ ଖାଇବା ଦ୍ୱାରା ରକ୍ତରେ ସୁଗାର ସ୍ତର ନିୟନ୍ତ୍ରଣରେ ରହେ ଏବଂ ଇନସୁଲିନ ସ୍ତର ସନ୍ତୁଳିତ ରହିଥାଏ। ଭ୍ୟାଲେଂଟାଇନ ଡେ'ରେ ପ୍ରିୟଜନଙ୍କୁ ଉପହାର ସ୍ୱରୂପ ଏବେ ସ୍ୱାସ୍ଥ୍ୟପ୍ରଦ ଜିନିଷକୁ ଗୁରୁତ୍ୱ ଦିଆଯାଉଛି।



ଲୋକପ୍ରିୟ ସ୍ୱାସ୍ଥ୍ୟ ପରାମର୍ଶଦାତା, ଶିଲା କୃଷ୍ଣସ୍ୱାମୀଙ୍କ ମତରେ, କାଲିଫର୍ନିଆ ଆଲମଣ୍ଡ ହେଉଛି ଏକ 'ଅତ୍ୟନ୍ତ ଭଲ ଉପହାର' ଯାହା ଆତ୍ମୀୟଙ୍କ ମଙ୍ଗଳ ଓ ସୁସ୍ଥତାକୁ ସୁନିଶ୍ଚିତ କରେ। ବଲିଉଡ୍ ଅଭିନେତ୍ରୀ ସୋହା ଅଲୀ ଖାନ କହିଛନ୍ତି, 'ଭାଲେଂଟାଇନ ଡେ'ପାଇଁ କାଲିଫର୍ନିଆ ଆଲମଣ୍ଡ ର ଏକ ସୁନ୍ଦର ପ୍ୟାକେଟ୍ ଏକ ଶ୍ରେଷ୍ଠ ଉପହାର ହୋଇପାରେ। ଏହି ପ୍ରାକୃତିକ ଓ ପୋଷକ ତତ୍ୱରେ ଭରପୂର ଆଲମଣ୍ଡ ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭଦାୟକ, ବିଶେଷ କରି ଚର୍ମର ଯତ୍ନ ପାଇଁ ମଧ୍ୟ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଆଲମଣ୍ଡରେ ପ୍ରଚୁର ପରିମାଣରେ ସୁସ୍ଥ ଚର୍ବି ଏବଂ ଭିଟାମିନ୍ ଇ ଥାଏ, ଯାହା ଚର୍ମକୁ ବାର୍ଦ୍ଧକ୍ୟରୁ ରକ୍ଷା କରିବା ପାଇଁ ଉପଯୋଗୀ।

# ସେଞ୍ଚୁରିୟନ ୟୁନିଭର୍ସିଟିରେ କ୍ରାଫ୍ଟନ ଇଣ୍ଡିଆର ଜାତୀୟସ୍ତରୀୟ କଲେଜ କ୍ୟାମ୍ପସ ଟୁର

**ଭୁବନେଶ୍ୱର, ୧୯।୨ (ନି.ପ୍ର) :** କ୍ରାଫ୍ଟନ ଇଣ୍ଡିଆ ଆସ'। ଫେବୃଆରୀ ୨୦ ଓ ୨୧ ତାରିଖରେ ଭୁବନେଶ୍ୱରସ୍ଥିତ ସେଂଚୁରିୟନ ୟୁନିଭର୍ସିଟିକୁ ଏହାର ଜାତୀୟସ୍ତରୀୟ କଲେଜ କ୍ୟାମ୍ପସ ଟୁର୍ ଆଣୁଛି, ଯାହା ସ୍ଥାନୀୟ ଇସ୍ପୋର୍ଟସ ସମୁଦାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହାର ପ୍ରମୁଖ ତୃଣମୂଳ ପ୍ରୟାସର ଦ୍ୱିତୀୟ ସଂସ୍କରଣର ଏକ ଅଂଶ ଭାବରେ, ଏହି କ୍ୟାମ୍ପସ୍ କାର୍ଯ୍ୟକ୍ରମ ସିଧାସଳଖ 'ଗଜଜ୍ୟୋତି'ରେ ପେସାଦାର ଢଙ୍ଗରେ ଆୟୋଜିତ ଟୁର୍ଣ୍ଣାମେଂଟଗୁଡ଼ିକୁ ସାମିଲ କରିବ, ଯାହା ଛାତ୍ରଛାତ୍ରୀମାନଙ୍କୁ ଏକ ସୁସଙ୍ଗଠିତ ପ୍ରତିଯୋଗିତାମୂଳକ ପରିବେଶରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସେମାନଙ୍କୁ ପ୍ରଥମ ସୁଯୋଗ ପ୍ରଦାନ କରିବ। ସେଂଚୁରିଆନ୍ ୟୁନିଭର୍ସିଟିରେ ଛାତ୍ରଛାତ୍ରୀମାନେ ଏକ ମାନକ ଫର୍ମାଟ, ଅଭିଜ୍ଞ ଟୁର୍ଣ୍ଣାମେଂଟ ପରିଚାଳନା ଏବଂ ଆଗକୁ ବଢ଼ିବାର ସ୍ୱଷ୍ଟ ସୁଯୋଗ ସହିତ ବିଜିଏମ୍‌ଆଇ ଏବଂ ରିଅଲ କ୍ରିକେଟ ଟୁର୍ଣ୍ଣାମେଂଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। କାଜୁଆଲ ଗେମିଂ ପରିବର୍ତ୍ତେ ଅଂଶଗ୍ରହଣକାରୀମାନେ ପେସାଦାର ଇସ୍ପୋର୍ଟସର ଢାଂଚା ଓ ପ୍ରତିଯୋଗିତାମୂଳକ ତୀବ୍ରତାକୁ ଅନୁଭବ କରିପାରିବେ।

ଏସମ୍ପର୍କରେ କ୍ରାଫ୍ଟନ ଇଣ୍ଡିଆର ଇସ୍ପୋର୍ଟସ ବିଭାଗର ସହନିର୍ଦ୍ଦେଶକ କରନ ପାଠକ କହିଛନ୍ତି, 'କ୍ୟାମ୍ପସଗୁଡିକରେ ଆମେ ଯାହା ଦେଖୁଛୁ ତାହା ହେଉଛି ଗମ୍ଭୀର ପ୍ରତିଯୋଗିତା ଓ ସ୍ୱୀକୃତି ପାଇଁ ଏକ ସ୍ୱଷ୍ଟ ଆଗ୍ରହ। ଆମର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ ଭେଟିବା ଯେଉଁଠାରେ ସେମାନେ ପୂର୍ବରୁ ଅଛନ୍ତି ଏବଂ ସେମାନଙ୍କର ଆଗ୍ରହକୁ ଏକ ଅଧିକ ସାର୍ଥକ ଦିଗ ପ୍ରଦାନ କରିବା। କ୍ୟାମ୍ପସ ଟୁର ଭଳି ପଦକ୍ଷେପଗୁଡିକ ଆମକୁ ଶିଖିବା, ଶୁଣିବା ଓ ସମୁଦାୟ ସହିତ ତୃଣମୂଳ ସ୍ତରରୁ ଇସ୍ପୋର୍ଟସର ନିର୍ମାଣ କରିବା ପାଇଁ ଅନୁମତି ଦେଇଥାଏ।' ୧୨୮ଟି କଲେଜକୁ କରାଯାଉଥିବା ଦେଶବ୍ୟାପୀ ସମ୍ପ୍ରସାରଣ ମଧ୍ୟରେ ଭୁବନେଶ୍ୱର ରହିଛି । ଏହି ଟୁରର ପ୍ରଥମ ସଂସ୍କରଣରେ ସମଗ୍ର ଭାରତରୁ ୫୦,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି। ପ୍ରାରମ୍ଭରେ ଏହି କାର୍ଯ୍ୟକ୍ରମଟିକୁ ୬୪ଟି କଲେଜ ପାଇଁ ଯୋଜନା କରାଯାଇଥିଲା, କିନ୍ତୁ ବର୍ତ୍ତମାନର ବ୍ୟାପକ ସ୍ତରରେ ପହଂଚିବା ପୂର୍ବରୁ ଏହା ୮୫ଟି କଲେଜକୁ ସମ୍ପ୍ରସାରିତ ହୋଇଛି। ଏହି ବୃଦ୍ଧି, ବିଶେଷକରି ମେଟ୍ରୋ ସହରଗୁଡ଼ିକ ବାହାରେ ଥିବା ଉଦୀୟମାନ ଇ-ସ୍ପୋର୍ଟସ୍ କେନ୍ଦ୍ରଗୁଡ଼ିକରେ, କଲେଜ ସ୍ତରରେ ଏକ ବିଶ୍ୱସନୀୟ ପ୍ରତିଯୋଗିତାମୂଳକ ପ୍ଲାଟଫର୍ମ ପାଇଁ ବଢୁଥିବା ଆଗ୍ରହ ଓ ଉତ୍ସାହକୁ ଦର୍ଶାଉଛି।

# ଚନ୍ଦ୍ରଶେଖରପୁରରେ ଖୋଲିଲା ଶ୍ରୀଲେଦର୍ସର ନୂତନ ଶୋ'ରୁମ

**ଭୁବନେଶ୍ୱର, ୧୯।୨ (ନି.ପ୍ର) :** ଦୀର୍ଘ ୭୦ ବର୍ଷର ପୁରାତନ ଫୁଟ୍‌ୱେୟାର୍ ତଥା ଜୋତା ଶିଳ୍ପ ବ୍ୟବସାୟରେ ଏକ ନିର୍ଭରଯୋଗ୍ୟ ବ୍ରାଣ୍ଡ ଭାବେ ପରିଚିତ ଶ୍ରୀଲେଦର୍ସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଖୋଲିଛି ନୂତନ ଶୋ'ରୁମ । ଏଠାରେ ଓଡ଼ିଶାର ଗ୍ରାହକଙ୍କ ପାଇଁ ରହିଛି ଉତ୍ତମ ମାନର, ଆରାମଦାୟକ ତଥା ଷ୍ଟାଇଲିସ୍ ସାମଗ୍ରୀ। ଏହି ନୂତନ ଶୋ'ରୁମରେ ବିଶ୍ୱସ୍ତରୀୟ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ୍ ବ୍ୟାଗ୍, ସ୍ପୋର୍ଟ ଜୋତା, ଆକ୍ଟିଭ୍ ୱେର୍ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହେବ । ଦେଶବାସୀଙ୍କୁ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟରେ ଆରାମଦାୟକ ଜୋତା ଯୋଗାଇଦେବା ପାଇଁ ୧୯୫୨ ମସିହାରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେ, 'ଶ୍ରୀଲେଦର୍ସ' ବ୍ୟବସାୟ ଆରମ୍ଭ କରିଥିଲେ । ୭୦ ବର୍ଷ ପୁରାତନ ଏହି ବ୍ରାଣ୍ଡ ଜୋତା ବଜାରରେ ଗୁଣାତ୍ମକ ଉତ୍ପାଦ ଏବଂ ଗ୍ରାହକ ସଂତୁଷ୍ଟୀକରଣ କ୍ଷେତ୍ରରେ ନିଜର ପ୍ରତିଷ୍ଠା ବଜାୟ ରଖିଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲେଦର୍ସର ଅଂଶୀଦାର ଶ୍ରୀ ଶେଖର ଦେ କହିଛନ୍ତି ଯେ, 'ପ୍ରତ୍ୟେକ ନୂତନ ଉତ୍ପାଦର ଗୁଣବତ୍ତା ଏବଂ ଗ୍ରାହକଙ୍କ ଗ୍ରହଣୀୟତା ବିଷୟରେ ନିଶ୍ଚିତ ହେବା ପରେ ହିଁ ଆମେ ଏହାକୁ ଆମର ଅନ୍ୟାନ୍ୟ ଫ୍ରାଞ୍ଚାଇଜରେ ବଣ୍ଟନ କରୁ।'




ସମସ୍ତ ବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା, ବ୍ୟାଗ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ 'ଶ୍ରୀଲେଦର୍ସ' ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। 'ଏସ୍‌ଏଲ୍ ପ୍ରିମିୟମ୍' ହେଉଛି ଏହାର ଏକ ନୂତନ ବର୍ଗ, ଯାହାକୁ ଗ୍ରାହକମାନଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି ।

ଶ୍ରୀଲେଦର୍ସ ଏବେ ପିଲାମାନଙ୍କ ପାଇଁ ନେଇଆସିଛି ସ୍ୱତନ୍ତ୍ର 'ଛୋଟା ଭୀମ୍ କଲେକ୍ସନ୍'। ସମଗ୍ର ଦେଶରେ ଏହି କଲେକ୍ସନ୍ ଉନ୍ମୋଚନ ହେବାରେ ଭୁବନେଶ୍ୱର ହେଉଛି ପ୍ରଥମ ସହର। ଏହି ଅବସରକୁ ଆହୁରି ଉତ୍ସାହଜନକ କରିବା ପାଇଁ ଫେବୃଆରୀ ୨୦ ତାରିଖ ଦିନ ଚନ୍ଦ୍ରଶେଖରପୁର ଷ୍ଟୋର୍‌ରେ 'ଛୋଟା ଭୀମ୍' ମାସ୍କଟ୍‌ମାନେ ଉପସ୍ଥିତ ରହିବେ ଯେଉଁଠି ପିଲାମାନେ ସେମାନଙ୍କ ପ୍ରିୟ କାର୍ଟୁନ୍ ଚରିତ୍ରଙ୍କ ସହ ଫୋଟୋ ଉଠାଇବାର ମଜା ପାଇପାରିବେ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରାଣ୍ଡର ଭବିଷ୍ୟତ ବିଷୟରେ ଅଭିବ୍ୟକ୍ତି ପ୍ରକାଶ କରି ପରିବାରର ତୃତୀୟ ପିଢି ତଥା ଅଂଶୀଦାର ଶ୍ରୀ ସୁଶାନ୍ତୋ ଦେ କହିଛନ୍ତି ଯେ, 'ବର୍ତ୍ତମାନ ଆମେ କ୍ରୀଡ଼ା ଭିତ୍ତିକ ଜୋତା ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଛୁ । ଜୋତାର ଗୁଣବତ୍ତା ବିଶ୍ୱସ୍ତରୀୟ ହେବା ସହ ଏହାର ମୂଲ୍ୟ ଗ୍ରାହକଙ୍କୁ ସୁହାଇଲା ଭଳି ହେବ।' ଏହି ସମସ୍ତ କ୍ରୀଡ଼ା ଭିତ୍ତିକ ଜୋତା, ସ୍ପୋର୍ଟସ ୱେର୍ ଏବଂ ଆକ୍ଟିଭ୍ ୱେର୍, ଏସ୍‌ଏଲ୍ ସ୍ପୋର୍ଟସ ବ୍ରାଣ୍ଡରେ ବିକ୍ରି ହୋଇଥାଏ। ଗତ ଏକ ବର୍ଷ ମଧ୍ୟରେ 'ଶ୍ରୀଲେଦର୍ସ' ପୂର୍ବ ଓ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟ ଯଥା ଝାଡଖଣ୍ଡ, ବିହାର, ଓଡ଼ିଶା ଆଦି ସ୍ଥାନରେ ପ୍ରାୟ ୧୦ରୁ ଅଧିକ ଷ୍ଟୋର ସଫଳତାର ସହ ପରିଚାଳନା କରୁଛି। ଆଞ୍ଚଳିକ ଷ୍ଟୋର୍ ପ୍ରତିଷ୍ଠା, ଦେଶ ବ୍ୟାପୀ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବାର ଆମ ପ୍ରୟାସକୁ ସମୃଦ୍ଧ କରିବାରେ ସହାୟକ ହେବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପୂଜାରିଣୀ ଦେ ଙ୍କ ସମେତ ଶ୍ରୀଲେଦର୍ସ ମାର୍କେଟିଂ ମୁଖ୍ୟ ସୌରଭ ବିଶ୍ୱାସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫ୍ରାଞ୍ଚାଇଜ୍ ମାଲିକ ମାନିକ୍ ହଂସ ଏବଂ ପପୁ ହଂସ ଉପସ୍ଥିତ ଥିଲେ । ଦେଶର ସମସ୍ତ ଗ୍ରାହକ ମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ନୂତନ ଷ୍ଟୋର ଖୋଲିବା ପାଇଁ ଶ୍ରୀଲେଦର୍ସର ଯୋଜନା ରହିଥିବା ବେଳେ ଫ୍ରାଞ୍ଚାଇଜ୍ ଭାଗିଦାରୀକୁ ମଜଭୁତ କରିବା ଦିଗରେ ଏହା କାର୍ଯ୍ୟ କରୁଛି। ଗ୍ରାହକଙ୍କ ବିଶ୍ୱସ୍ତତା ପାଇଁ ବେଶ୍ ଗର୍ବିତ ଥିବା ଏହି ବ୍ରାଣ୍ଡ ଗତ ୩ ପିଢି ଧରି ନିଜର ଗ୍ରାହକଙ୍କ ସହ ଏହି ସଂଯୋଗ ବଜାୟ ରଖିପାରିଛି । ସେପ୍ଟେମ୍ବର ୨୦୨୦ରେ ଆରମ୍ଭ ହୋଇଥିବା ୱେବ୍‌ସାଇଟ୍ ଦ୍ୱାରା ଅନ୍‌ଲାଇନ୍ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଏହା ନିଜ ସ୍ଥାନ ସୁଦୃଢ଼ କରିପାରିଛି। ଭାରତର ବିଭିନ୍ନ ସ୍ଥାନରେ ଶ୍ରୀଲେଦର୍ସର ଫ୍ରାଞ୍ଚାଇଜ୍ ଖୋଲିବା ରଣନୀତି ହିଁ ଏହି ବ୍ରାଣ୍ଡର ସଫଳତାର ମୂଳମନ୍ତ୍ର ।

# ଆଇଆଇଟି ଭୁବନେଶ୍ୱରରେ ମାଇକ୍ରୋଏଲଇଡି ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ଗ୍ୟାସ ସେନ୍ସର ଉପରେ ଆଲୋଚନା

**ଭୁବନେଶ୍ୱର, ୧୯।୨ (ନି.ପ୍ର):** ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପ୍ୟୁଟର ସାଇନସ୍ସେ ଏବଂ ଆଇଇଇ, ଭୁବନେଶ୍ୱର ସେକ୍ସନ ପକ୍ଷରୁ ମିଳିତ ଭାବରେ, ୧୯ ଫେବୃଆରୀ ୨୦୨୬ ରେ ଉଦୀୟମାନ ଇଲେକ୍ଟ୍ରୋନିକ୍ ଏବଂ ସେନ୍ସିଂ ପ୍ରଯୁକ୍ତିବିଦ୍ୟା ଉପରେ ଏକ ବୈଷୟିକ ଆଲୋଚନା ଆୟୋଜିତ ହୋଇଯାଇଛି। 'ପ୍ରଦର୍ଶିତ ଏବଂ ଅଣ-ପ୍ରଦର୍ଶିତ ପ୍ରୟୋଗ ପାଇଁ ମାଇକ୍ରୋଏଲ୍‌ଇଡି' ଉପରେ ନ୍ୟୁୟର୍କର କଲମ୍ବିଆ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଏବଂ ନବସୃଜନର ଭାଇସ୍ ଡିନ୍ ପ୍ରଫେସର ଇଓଆନିସ୍ (ଜନ୍) କିମିସିସ୍ ଏବଂ ବୈଦ୍ୟୁତିକ ଇଞ୍ଜିନିୟରିଂର ପ୍ରଫେସର କେନେଥ୍ ବ୍ରାୟର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର କିମିସିସ୍ ମାଇକ୍ରୋଏଲଇଡିର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ, ଯେଉଁଥିରେ ଉଚ୍ଚ ଦକ୍ଷତା, ଆଲୋକ ଏବଂ ସ୍ଥାୟୀତ୍ୱ ଅନ୍ତର୍ଭୁକ୍ତ। ସେ ଡିସପ୍ଲେ ବ୍ୟତୀତ ସେମାନଙ୍କର ଉଦୀୟମାନ ପ୍ରୟୋଗଗୁଡ଼ିକ ଉପରେ ଆଲୋକପାତ କରିଥିଲେ, ସେଗୁଡିକ ମଧ୍ୟରେ ବାୟୋମେଡିକାଲ୍ ଇମେଜିଂ, ଦୃଶ୍ୟମାନ ଆଲୋକ ଯୋଗାଯୋଗ, ମାଇକ୍ରୋସ୍କୋପି, ଏବଂ ଆଇଓଟି-ସକ୍ଷମ ସିଷ୍ଟମ୍ ଆଦି ଉଲ୍ଲେଖନୀୟ ଥିଲା। ସେ ଥର୍ମାଲ୍ ପରିଚାଳନା, ଡିଭାଇସ୍ ଇଣ୍ଟିଗ୍ରେସନ୍ ଏବଂ ସିଷ୍ଟମ୍-ସ୍ତରୀୟ ଅପ୍ଟିମାଇଜେସନ୍ ସହିତ ଜଡିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜ ଏବଂ ଚାଲୁଥିବା ଗବେଷଣା ପ୍ରୟାସକୁ ମଧ୍ୟ ଉଲ୍ଲେଖ କରିଥିଲେ। ଏହି ଅଧିବେଶନରେ ଆଇଆଇଟି ଖଡ଼ଗପୁରର ଡକ୍ଟରେଟ ଗବେଷକ ଅଭିଜିତ ନାରାୟଣ ଇଶୋର ମଧ୍ୟ ଯୋଗ ଦେଇଥିଲେ, ଯେଉଁମାନେ ଜଳବାୟୁ-ସମ୍ବନ୍ଧୀୟ ବାୟୁମଣ୍ଡଳୀୟ ପ୍ରଦୂଷକଙ୍କ ତଦାରଖ ପାଇଁ ଅଜୈବ ପେରୋଭସ୍କାଇଟ୍-ଆଧାରିତ ଗ୍ୟାସ୍ ସେନ୍ସର ଉପରେ ବକ୍ତବ୍ୟ ରଖିଥିଲେ। ତାଙ୍କର ଆଲୋଚନାରେ ସେ ପରିବେଶଗତ ତଦାରଖ ପ୍ରୟୋଗ ପାଇଁ ତ୍ରୁଟି ଇଞ୍ଜିନିୟରିଂ, ସେନ୍ସର ଚୟନ ଏବଂ ମେସିନ୍ ଲର୍ଣ୍ଣିଂ-ସହାୟିତ ଗ୍ୟାସ୍ ଚିହ୍ନଟରେ ସାମ୍ପ୍ରତିକ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପ୍ୟୁଟର ସାଇନସ୍ସେର ସହକାରୀ ପ୍ରଫେସର ଡକ୍ଟର ସାୟନ ଦେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ ଏବଂ ଛାତ୍ରଛାତ୍ରୀମାନଙ୍କର ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ଏହା ଇଲେକ୍ଟ୍ରୋନିକ୍ସ, ସେନ୍ସିଂ ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ-ପ୍ରାସଙ୍ଗିକ ଇଞ୍ଜିନିୟରିଂ ସମାଧାନ କ୍ଷେତ୍ରରେ ଅତ୍ୟାଧୁନିକ ବିକାଶ ଉପରେ ଶୈକ୍ଷିକ ପାରସ୍ପରିକ କ୍ରିୟା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା।



# ଜଣାଶୁଣା ଫଟୋଗ୍ରାଫର ତ୍ରିନାଥ ସାହୁଆଙ୍କ ପରଲୋକ

**ଖଣ୍ଡପଡ଼ା, ୧୯/୧ (ନିପ୍ର):** ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୬ନଂ ୱାର୍ଡ଼ ବଜାରସାହିର ବାସିନ୍ଦା ତ୍ରିନାଥ ସାହୁଆ। (୬୮)ଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ଖଣ୍ଡପଡ଼ା ତଥା ଆଖପାଖ ଅଞ୍ଚଳରେ ଜଣାଶୁଣା ଫଟୋଗ୍ରାଫର ଭାବେ ସୁନାମ ଅର୍ଜନ କରିଥିଲେ। ଗତକାଲି ଜଗନ୍ନାଥ ମନ୍ଦିର ପରିସରରେ ତ୍ରିନାଥ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବରପାଇ ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ସାହୁଆ। ବୃତ୍ତିରେ ଜଣେ ଫଟୋଗ୍ରାଫର ହୋଇଥିବା ବେଳେ ଫଟୋ ଉଠାରେ ଉତ୍କର୍ଷତା ନିମନ୍ତେ ବିଭିନ୍ନ ସ୍ଥାନରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ରବିନାରାୟଣ ସାହୁଆ। ମୁଖାଗ୍ନି ଦେଇଥିବା ସୂଚନା ମିଳିଛି।



# ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଜିଓ ପକ୍ଷରୁ 'ନେସନ୍-ଫର୍ଷ୍ଟ ଏଆଇ ଷ୍ଟାକ୍'ର ରୂପରେଖ ପ୍ରଦର୍ଶିତ

**ନୂଆଦିଲ୍ଲୀ, ୧୯।୨ (ନି.ପ୍ର):** ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଜିଓ ଏହାର 'ନେସନ୍-ଫର୍ଷ୍ଟ ଏଆଇ ଷ୍ଟାକ୍' ର ରୂପରେଖ ପ୍ରଦର୍ଶିତ କରିଛି। କମ୍ପାନୀ ପ୍ରାୟୋଗିକ ଭାବରେ ଏହାକୁ 'ଜିଓ ଏଆଇ ଷ୍ଟାକ୍' ଭାବେ ନାମକରଣ କରିଛି ଏବଂ କମ୍ପାନୀ ଅନୁଯାୟୀ ଏହାକୁ ଭାରତର ଆବଶ୍ୟକତା ଏବଂ ବିଶାଳ ଚାହିଦାକୁ ଧ୍ୟାନରେ ରଖି ବିକଶିତ କରାଯାଉଛି। 'ଜିଓ ଇଣ୍ଟେଲିଜେନ୍ସ' ଅଧୀନରେ ବିକଶିତ ହେଉଥିବା ଏହି ଷ୍ଟାକ୍ କେବଳ ଡାଟା ସେଣ୍ଟର ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ (ଫୁଲ୍-ଷ୍ଟ୍ୟାକ୍) ଏଆଇ ଇକୋସିଷ୍ଟମ୍ ଭାବେ ପ୍ରସ୍ତୁତ ହେଉଛି। 'ଜିଓ ଏଆଇ ଷ୍ଟାକ୍'ରେ ଗିଗାୱାଟ୍ ସ୍ତରର ଗ୍ରୀନ୍ ଡାଟା ସେଣ୍ଟର, ଉଚ୍ଚ କ୍ଷମତାସମ୍ପନ୍ନ କମ୍ପ୍ୟୁଟିଂ ବ୍ୟବସ୍ଥା, ପ୍ଲାଟଫର୍ମ ଏବଂ ଫ୍ରେମୱାର୍କ, ଭାରତୀୟ ଭାଷା ଆଧାରିତ ଡାଟା ଫାଉଣ୍ଡେସନ୍, ବହୁଭାଷୀ ଇଣ୍ଟେଲିଜେନ୍ସ ଲେୟର୍ ଏବଂ ବିଭିନ୍ନ କ୍ଷେତ୍ର ପାଇଁ ଆପ୍ଲିକେଶନ୍ ସମ୍ମିଳିତ ଅଛି। ଦେଶରେ ମଲ୍ଟି-ଗିଗାୱାଟ୍ ଏଆଇ ଡାଟା ସେଣ୍ଟର ବିକଶିତ କରାଯାଉଛି, ଯାହା ଶତ ପ୍ରତିଶତ ଗ୍ରୀନ୍ ଏନର୍ଜିରେ ଚାଲିବ ଏବଂ ଯାହାଦ୍ୱାରା ଜାତୀୟ ସ୍ତରରେ ଦୀର୍ଘସ୍ଥାୟୀ ଏଆଇ କ୍ଷମତା ଗଠନ କରାଯିବ।'ଜିଓ ଏଆଇ ଷ୍ଟାକ୍'କୁ ଏକ 'ସ୍ୱାଧୀନ' ଏଆଇ ଇକୋସିଷ୍ଟମ୍ ଭାବେ ପ୍ରସ୍ତୁତ କରାଯାଇଛି, ଅର୍ଥାତ ଏହା ଦେଶରେ ବିକଶିତ ହେବ ଏବଂ ଜାତୀୟ ଆବଶ୍ୟକତାନୁସାରେ ପରିଚାଳିତ ହେବ।




କମ୍ପାନୀର ସୂଚନା ଅନୁଯାୟୀ, ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, କ୍ଷୁଦ୍ର ବ୍ୟବସାୟ ଏବଂ ଦୈନନ୍ଦିନ ସେବାରେ ଏଆଇ ଆଧାରିତ ସମାଧାନ ବିକଶିତ କରାଯାଇପାରିବ। କମ୍ପାନୀ ଅନୁଯାୟୀ, ଜିଓ ଏଆଇ ଷ୍ଟାକ୍ ର ମୁଖ୍ୟ ଲକ୍ଷ୍ୟ ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାକୁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ, ଯେପରିକି ଏଣ୍ଟରପ୍ରାଇଜ୍ ଏବଂ ସରକାରୀ ସଂସ୍ଥାମାନଙ୍କ ପାଇଁ ସୁଲଭ ଏବଂ ସହଜଲଭ୍ୟ କରିବା। ଏହା ଅଧୀନରେ ଭାରତୀୟ ଭାଷାଗୁଡ଼ିକୁ ବୁଝିବା ଏବଂ ସ୍ଥାନୀୟ ଆହ୍ୱାନଗୁଡ଼ିକର ସମାଧାନ ପ୍ରସ୍ତୁତ କରିବାରେ ସକ୍ଷମ ଏଆଇ କ୍ଷମତା ଉପରେ ବିଶେଷ ଜୋର ଦିଆଯାଉଛି। ସ୍ଥାନୀୟ ପରିପ୍ରେକ୍ଷୀରେ ବିକଶିତ ଇଣ୍ଟେଲିଜେନ୍ସ ପାଇଁ ବ୍ୟାପକ ଭାରତୀୟ ଭାଷାର ଡାଟା ସେଟ୍ ପ୍ରସ୍ତୁତ କରାଯାଉଛି। ସେହିପରି ସୁରକ୍ଷିତ, ବହୁଭାଷୀ ଓଏସ୍ ଏଆଇ ଏବଂ ଏଜେଣ୍ଟିକ୍ ପ୍ଲାଟଫର୍ମ ଉପରେ କାମ ଚାଲିଛି, ଯାହା ଦ୍ୱାରା ବ୍ୟବହାରକାରୀ ନିଜ ଭାଷାରେ ସହଜ ଏଆଇ ସମ୍ବାଦ କରିପାରିବେ। ବିଶେଷଜ୍ଞମାନଙ୍କ ଅନୁଯାୟୀ, ଭାରତରେ ଏଆଇ ଅଗ୍ରଗତି କେବଳ ପ୍ରଯୁକ୍ତି କ୍ଷମତାରେ ସୀମିତ ନୁହେଁ; ବରଂ ଡାଟା ସ୍ୱାଧୀନତା, ଶକ୍ତି କ୍ଷମତା, ଭାଷାଗତ ବିବିଧତା ଏବଂ ବ୍ୟାପକ ଉପଲବ୍ଧତା ଭଳି ପ୍ରମୁଖ ବିଷୟଗୁଡିକ ସହ ଜଡ଼ିତ। ଏପରି ପରିସ୍ଥିତିରେ, ଜିଓ ଏଆଇ ଷ୍ଟାକ୍ ପରି ମଡେଲଗୁଡ଼ିକର ଦେଶର ଦୀର୍ଘମିଆଦୀ ଡିଜିଟାଲ୍ ଏବଂ ଆର୍ଥିକ ଉନ୍ନତିରେ ଅବଦାନ ରହିବ ବୋଲି ଆଶା କରାଯାଉଛି।

# ଆଲେନ ଭୁବନେଶ୍ୱରର ୧୦୦ ପର୍ସେଂଟାଇଲ ହାସଲ

**ଭୁବନେଶ୍ୱର, ୧୯।୨ (ନି.ପ୍ର) :** ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଜେଇଇ ମେନ୍ ୨୦୨୬ ଜାନୁଆରି ଅଧିବେଶନର ଫଳ ପ୍ରକାଶ କରାଯାଇଛି। ଏହି ଫଳରେ ଏନଟିଏ ଘୋଷଣା କରିଛି ଯେ ୧୨ ଜଣ ଛାତ୍ରଛାତ୍ରୀ ୧୦୦ ଏନଟିଏ ସ୍କୋର ହାସଲ କରିଛଁ। ସେମାନଙ୍କ ମଧ୍ୟରୁ ଆଲେନ ଓଡ଼ିଶାର ଛାତ୍ର ଭବେଶ ପାତ୍ର ୧୦୦ ପର୍ସେଂଟାଇଲ ହାସଲ କରି ରାଜ୍ୟ ଟପର ହୋଇଛନ୍ତି।

ଆଲେନ କ୍ୟାରିୟର ଇନଷ୍ଟିଚ୍ୟୁଟ ଭୁବନେଶ୍ୱରର କେନ୍ଦ୍ର ମୁଖ୍ୟ ରଜନୀଶ ଶ୍ରୀବାସ୍ତବ ଘୋଷଣା କରିଛନ୍ତି ଯେ ଆଲେନ ଭୁବନେଶ୍ୱରର ଜଣେ ୫-ବର୍ଷିଆ କ୍ଲାସରୁମ ଛାତ୍ର ଭବେଶ ପାତ୍ର ୧୦୦ ପର୍ସେଂଟାଇଲ ସ୍କୋର ସହ ଓଡ଼ିଶା ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ଏଥି ସହିତ କାର୍ଯ୍ୟକ୍ରମରୁ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ୯୯ରୁ ଅଧିକ ପର୍ସେଂଟାଇଲ ହାସଲ କରିଥିବା ଆଶା କରାଯାଉଛି। ୪୦୦ରୁ ଅଧିକ ଛାତ୍ରଛାତ୍ରୀ ୯୦ ପର୍ସେଂଟାଇଲରୁ ଅଧିକ ହାସଲ କରିଥିବା ଆମେ ଆଶା କରୁଛୁ ବୋଲି ସେ କହିଛନ୍ତି। ଜାତୀୟ ଫଳ ସମ୍ପର୍କରେ ଆଲେନ କ୍ୟାରିୟର ଇନଷ୍ଟିଚ୍ୟୁଟର ସିଇଓ ନିତୀନ କୁକରେଜା କହିଛନ୍ତି ଯେ ୧୨ ଜଣ ଛାତ୍ରଛାତ୍ରୀ ୧୦୦ ପର୍ସେଂଟାଇଲ ରଖିଥିବା ଘୋଷଣା କରାଯାଇଥିବା ବେଳେ ସେଥିରୁ ୮ ଛାତ୍ରଛାତ୍ରୀ ହେଉଛଁ ଆଲେନର। ଏଥି ସହିତ ୧୮ ଜଣ ରାଜ୍ୟ ଟପର ମଧ୍ୟ ଆଲେନ କ୍ୟାରିୟର ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀ। ୨୦୨୬ର ପ୍ରଥମ ପ୍ରମୁଖ ପରୀକ୍ଷା ଫଳ ଭାବେ ଆଲେନର କୋଟା କ୍ଲାସରୁମ ଛାତ୍ର କବୀର ଛିଲର ଶ୍ରେଷ୍ଠ ସ୍କୋର କରିଛନ୍ତି। ୧୦୦ ପର୍ସେଂଟାଇଲ ସହିତ କବୀର ୩୦୦ରୁ ୩୦୦ ମାର୍କ ରଖିଛନ୍ତି। ତାଙ୍କ ସହିତ କ୍ଲାସରୁମ କାର୍ଯ୍ୟକ୍ରମର ଛାତ୍ର ଅର୍ଣ୍ଣବ ଗୌତମ, ଶୁଭମ କୁମାର, ଭବେଶ ପାତ୍ର, ଅନୟ ଜୈନ, ନିମୟ ପୁରୋହିତ ଓ ଚିରିବୀ କର ୧୦୦ ପର୍ସେଂଟାଇଲ ରଖିଛନ୍ତି। ଆଲେନ ଅନଲାଇନ ରେକର୍ଡେଡ ଓ ଟେଷ୍ଟ ସିରିଜର ଛାତ୍ର ଶ୍ରେୟସ ମିଶ୍ର ୧୦୦ ପର୍ସେଂଟାଇଲ ରଖିଛନ୍ତି। ମୋଟ ୧୮ ରାଜ୍ୟ ଟପର ହେଉଛନ୍ତି ଆଲେନର ଛାତ୍ରଛାତ୍ରୀ। ସେମାନେ ରାଜସ୍ଥାନ, ବିହାର, ଗୁଜରାଟ, ହରିୟାଣା, ଓଡ଼ିଶା, ଦିଲ୍ଲୀ-ଏନସିଟି, ମଧ୍ୟପ୍ରଦେଶ, ପଂଜାବ, ଛତିଶଗଡ଼, ଆସାମ, ପୁଡୁଚେରି, ସିକିମ, ତ୍ରିପୁରା, ମେଘାଳୟ, ମଣିପୁର ଓ ମିଜୋରାମରେ ରାଜ୍ୟ ଟପର ହୋଇଛଁ। ପରୀକ୍ଷା ଫଳର ଅସଲିପଣ ଓ ସ୍ୱଚ୍ଛତାକୁ ବଜାୟ ରଖି ଆଲେନ ଏଥର ମଧ୍ୟ ଦେଶର ଅଗ୍ରଣୀ ଅଡିଟ ସଂସ୍ଥା ଇୱାଇ ଇଣ୍ଡିଆ ଜରିଆରେ ଏହାର ଫଳାଫଳକୁ ଯାଂଚ କରାଇଛି।



ଓଡ଼ିଶାର ବାସିନ୍ଦା ତଥା ଆଲେନ କ୍ୟାରିୟର ଇନଷ୍ଟିଚ୍ୟୁଟ୍‌ର କ୍ଲାସରୁମ୍ ଛାତ୍ର ଭବେଶ ପାତ୍ର ଦେଶର ସବୁଠୁ ସମ୍ମାନଜନକ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ ମେନ ଜାନୁଆରି ୨୦୨୬ ଅଧିବେଶନରେ ୧୦୦ ପର୍ସେଂଟାଇଲ ହାସଲ କରିଛନ୍ତି। ଆଗୁଆ ଶ୍ରେଣୀରୁ ଭବେଶ ନିଜର ପ୍ରସ୍ତୁତି ଆରମ୍ଭ କରିଥିଲେ ଏବଂ ନିରନ୍ତର କଠିନ ପରିଶ୍ରମ, ଶୃଙ୍ଖଳା ଓ ଉପଯୁକ୍ତ ମାର୍ଗଦର୍ଶନ ଜରିଆରେ ସେ ଏହି ମାଇଲଖୁଂଟ ହାସଲ କରିଛନ୍ତି। ଗତ ଛଅ ବର୍ଷ ଧରି ସେ ଆଲେନର ଜଣେ କ୍ଲାସରୁମ ଛାତ୍ର ଥିଲେ। ପୂର୍ବରୁ ଦଶମ ଶ୍ରେଣୀରେ ସେ ୯୭.୬ ପର୍ସେଂଟାଇଲ ରଖିଥିଲେ। ନିଜର ପ୍ରସ୍ତୁତି ରଣନୀତି ସମ୍ପର୍କରେ ଆଲୋଚନା କରି ଭବେଶ କହିଛନ୍ତି ଯେ ଚିନ୍ତାଧାରାକୁ ଦୃଢ଼ କରିବା ଉପରେ ମୁଖ୍ୟତଃ ସେ ପ୍ରାଥମିକତା ଦେଉଥିଲେ। ସେ ନିୟମତି କ୍ଲାସ କରୁଥିଲେ ଏବଂ ଆଲେନର ଫାକଲଟିମାାନ ଦେଉଥିବା ଆସାଇନମେଂଟ ଓ ପାଠ୍ୟ ଉପକରଣକୁ ପଢୁଥିଲେ। ସେ ପ୍ରତିଟି ପରୀକ୍ଷାକୁ ଗମ୍ଭୀରତାର ସହ ନେଉଥିଲେ। ତାଙ୍କ ମତରେ ନିୟମିତ ପରୀକ୍ଷା ଦୁର୍ବଳତାକୁ ଚିହ୍ନଟ କରିବା ଏବଂ ସେଥିରେ ଉନ୍ନତି ଆଣିବାରେ ସୁଯୋଗ ଦେବାରେ ସହାୟକ ହୋଇଥିଲା। ସମୟକୁ ଉଚିତ ଢଙ୍ଗରେ ପରିଚାଳନା କରି ସେ ନିଜେ ନିଜେ ପାଠପଢ଼ିବାକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦେଉଥିଲେ ଏବଂ ବାରମ୍ବାର ରିଭିଜନ କରି କଠିନ ବିଷୟକୁ ପଢୁଥିଲେ।



## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଜଳେଶ୍ୱର,୧୯/୨(ନି.ପ୍ର):** ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଶାନ୍ତିଆ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ସେମାନଙ୍କୁ ସରକାରୀ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଏହି ବିଶାଳ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ ଅଧକ୍ଷ ମାନସ କୁମାର ଜେନା, ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ବ୍ଲକ ଉପାଧକ୍ଷା ସଞ୍ଜିତା ସେନାପତି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମିନତି ରାଣୀ ସିଂ ଏବଂ ଆଇଆଇସି ଅଶୋକ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କର ଭିନ୍ନକ୍ଷମତା ଚିହ୍ନଟ କରିଥିଲେ। ମୋଟ ୩୮୨ ଜଣ ହିତାଧିକାରୀ ଏହି ଶିବିରରେ ନିଜ ନାମ ପଞ୍ଜିକରଣ କରିଥିଲେ। ଅସ୍ଥିଶଲ୍ୟ, ରକ୍ତହୀନତା ଓ ସ୍ନାୟୁ ବିଭାଗ: ୨୫୩ ଜଣଦୃଷ୍ଟିବାଧିତ ବିଭାଗ: ୬୧ ଜଣ ମାନସିକ ଅଗ୍ରସର ବିଭାଗ: ୬୮ ଜଣସାମୂହିକ ସହଭାଗିତା ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀଙ୍କ ସମେତ ଶାନ୍ତିଆ। ସରକାରୀ ଉ.ପ୍ରା. ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ସକ୍ରିୟ ସହଯୋଗ କରିଥିଲେ। ଶିବିର ମାଧମରେ ଭିନ୍ନକ୍ଷମ ମାନଙ୍କୁ ଆବଶ୍ୟକୀୟ ପ୍ରମାଣପତ୍ର ଓ ସହାୟକ ଉପକରଣ ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

### ପ୍ଲଟ ବ୍ୟବସାୟୀଙ୍କ କାର୍ଯ୍ୟାଳୟରେ ଆତଙ୍କ ରାଜ ଘଟଣା

## ଜଣେ ଗିରଫ : ଲୁହା ରୋଡ୍, ଲାଠି ବାଡ଼ି ଜବତ

**କୁକୁଡାଖଣ୍ଡି,୧୯।୨ (ନି.ପ୍ର) :** ନିମଖଣ୍ଡି ଥାନା ଅନ୍ତର୍ଗତ ଜି. ଜଗନ୍ନାଥପୁର ଗ୍ରାମରେ ଗତକାଲି ରାତିରେ ପ୍ଲଟ ବ୍ୟବସାୟୀଙ୍କ କାର୍ଯ୍ୟାଳୟରେ ଆତଙ୍କରାଜ ଖେଳାଇଥିବା ଗ୍ରାମର ବିକି ପାତ୍ର(୨୭)ଙ୍କୁ ପୁଲିସ ଗିରଫ କରିଛି। ଘଟଣା ସ୍ଥଳରୁ ପୁଲିସ ଲୁହା ଛଡ, ଠେଙ୍ଗା ଓ ଭଙ୍ଗା କାଚ ଜବତ କରିଛି । ଏହି ମାମଲାରେ ଜଡିତ ଥିବା ପ୍ଲଟ ବ୍ୟବସାୟୀ ଶିଶିର ପାତ୍ରଙ୍କ ସମେତ ଅନ୍ୟମାନଙ୍କୁ କାବୁ କରିବାକୁ ପୁଲିସ ଚଢଉ ଜାରି ରଖିଛି ଜି. ଜଗନ୍ନାଥପୁର ଗ୍ରାମରେ ଥିବା ମଠ ଜମିକୁ କେନ୍ଦ୍ର କରି ୨ ପ୍ଲଟ ବ୍ୟବସାୟୀ ଗୋଷ୍ଠୀ ମଧ୍ୟରେ ରହିଥିବା ଶତ୍ରୁତାରୁ ଏଭଳି କାଣ୍ଡ ଘଟିଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ସୂଚନାପ୍ରକାରେ, ଗ୍ରାମର ରଘୁନାଥ ମଠ ଜମି ପ୍ଲଟିଂକୁ କେନ୍ଦ୍ର କରି ଏନ. ଗଙ୍ଗାଧର ପାତ୍ର ଏବଂ ସିଏଚ୍ ଶିଶିର ପାତ୍ରଙ୍କ ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଲାଗି ରହିଥିଲା। ଏହି ଜମି ଉପରେ କୋର୍ଟଙ୍କ ସ୍ଥିତାବସ୍ଥା ଆଦେଶ ଥିଲେ ମଧ ଶିଶିର ପାତ୍ରଙ୍କ ଗୋଷ୍ଠୀ ଏଥିପାଇଁ ଗଙ୍ଗାଧରଙ୍କୁ ଦାୟୀ କରି ଆସୁଥିଲେ। ଗତ ବୁଧବାର ସନ୍ଧ୍ୟା ପ୍ରାୟ ୭.୧୫ ମିନିଟ ସମୟରେ ଅଭିଯୁକ୍ତ



ଶିଶିର ପାତ୍ର, ଦୀପକ କୁମାର ପାତ୍ର ଏବଂ ବିକି ପାତ୍ର ମାରଣାସ୍ତ୍ର ଧରି ଗଙ୍ଗାଧରଙ୍କ ଅଫିସରେ ପଶି ଗାଳିଗୁଲଜ କରିବା ସହ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ଅଭିଯୁକ୍ତ ବିକି ପାତ୍ର ଏକ ଲାଠି ସାହାଯ୍ୟରେ ଗଙ୍ଗାଧରଙ୍କ ପୁଅ ଦୀପକ ରଞ୍ଜନ ପାତ୍ରଙ୍କ ମୁଣ୍ଡକୁ ଆଘାତ କରିବାକୁ ଚେଷ୍ଟା କରିଥିଲେ ।ଦୀପକ ଅଳ୍ପକେ ବର୍ତ୍ତି ଯାଇଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ରୁଣ୍ଡ ହୋଇଯିବାରୁ ଅଭିଯୁକ୍ତ ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଫେରାର ହେବା ସମୟରେ ଅଭିଯୁକ୍ତ ବିକି ପାତ୍ର ରାସ୍ତାରେ ପଡ଼ି ଆହତ ହୋଇଥିଲେ। ପୁଲିସ ତାଙ୍କୁ କାବୁ କରିବା ପରେ ଚିକିତ୍ସା କରି କୋର୍ଟ ଚାଲାଣ କରିଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ଗୁରୁତର

**ବୁଗୁଡା , ୧୯।୨ (ନି.ପ୍ର) :** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଚଢିଆପଲ୍ଲୀ ଗାଁ ଛକରେ ଗୁରୁବାର ରାତି ପ୍ରାୟ ସାଢେ ନଅଟା ସମୟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଚାଳକ ଦ୍ୱୟ ଆହତ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଗୁରୁତର ଜଣକ ହେଲେ ବୁଗୁଡା ଥାନା ଅନ୍ତର୍ଗତ ପଙ୍କଳସାହି ଗ୍ରାମର ଆମ୍ବାଜୀ ଗୌଡ (୩୬) ଏବଂ ଆହତ ଜଣକ ନୟାଗଡର ବିଜୟ କୁମାର ପ୍ରଧାନ (୨୯)ୟ ଘଟଣାରୁ ପ୍ରକାଶ ଯେ, ଆମ୍ବାଜୀ ଭୁବନେଶ୍ୱରରୁ ଗାଁକୁ ଫେରୁଥିବା ବେଳେ ବିଜୟ ପୁରୁଷୋତ୍ତମପୁରକୁ ଯାଉଥିଲେ। ଚଢିଆପଲ୍ଲୀ ଗାଁ ଛକରେ ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଆମ୍ବାଜୀଙ୍କ ବାମ ଗୋଡର ଜଙ୍ଘ ଓ ପେଣ୍ଡା ହାଡ ଭାଙ୍ଗି ଯାଇଥିଲା ବେଳେ ବିଜୟଙ୍କ ଦେହସାରା ଖଣ୍ଡିଆଖାବରା ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ସେ ଦୁହିଁଙ୍କ ପ୍ରାଥମିକ ଚିକିତ୍ସା ପରେ ଆମ୍ବାଜୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପୁଣି ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

## ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ନୟାଗଡ଼, ୧୯।୨ (ନି.ପ୍ର):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜଣେ ଅଣ କର୍ମଚାରୀ ଗତ ସୋମବାର ପୂର୍ବାହ୍ନରେ ଇସିଜି କରିବା ବେଳେ ମହିଳାଙ୍କୁ ଅସଦାଚରଣ କରିଥିବା କର୍ମଚାରୀଙ୍କ ବିରୋଧରେ ଅସଦାଚରଣର ଶିକାର ହୋଇଥିବା ଇଟାମାଟି ଅଞ୍ଚଳର ମହିଳା ଜଣକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ( ସିଡିଏମ୍‌ଓ) ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖରେ ବୁଧବାର ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଣ କର୍ମଚାରୀ ପ୍ରାୟ ୧ବର୍ଷ ହେଲା ମୁଖ୍ୟ ଚିକିତ୍ସାଳୟର ଆପାତକାଳୀନ ସେବା କକ୍ଷରେ ଇଞ୍ଜେକ୍ସନ ଓ ବ୍ଲଡ଼ପ୍ରେସର ଚେକ କରି ଆସୁଥିବାବେଳେ ନର୍ସମାନେ ବିଶ୍ରାମ ନେଉଥିବା ବେଳେ କେତେକ ଅଣ କର୍ମଚାରୀ ନିୟୋଜିତ ହୋଇ ପ୍ରାଦୁର୍ଭାବ ବଢିଚାଲିଛି। ଆପାତକାଳୀନ ସେବା କକ୍ଷରେ ମହିଳାଙ୍କ ଅଭିଯୋଗ ଅନୁସାରେ ଇଞ୍ଜେକ୍ସନ ଦେଇ ପରେ ଇସିଜି ପରୀକ୍ଷା ପାଇଁ ନେଇଥିଲେ କେତେକ ଅସୁବିଧା ଦର୍ଶାଇ ପରୀକ୍ଷା କେନ୍ଦ୍ରରେ ଶାଶୁ ଓ ପରିବାର ଲୋକଙ୍କୁ ରହିବାକୁ ସୁଯୋଗ ଦେଇନଥିଲେ। ଘଟଣା ସମ୍ପର୍କରେ ସିଡିଏମ୍‌ଓ ପୁଷ୍ପା ନୀଳିମା ଲାକ୍ରା କୁହନ୍ତି, ଇସିଜି ବେଳେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ମିଳିଛି। ହେଲେ କେଉଁ ପରିସ୍ଥିତିରେ କରୁଥିଲେ, ତାଙ୍କୁ କିଏ ପରୀକ୍ଷା ପାଇଁ ଦାୟିତ୍ୱ ଦେଇଥିଲେ ତାର ତଦନ୍ତ କରାଯିବ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କ ଓ ମ୍ୟାନେଜରଙ୍କ ସୂଚନାକୁ ଅନୁଧ୍ୟାନ କଲେ ଅସଦାଚରଣ ଘଟଣାକୁ ଚାପି ଦେବାକୁ ଉଦ୍ୟମ ଚାଲିଥିବା ସ୍ପଷ୍ଟ ହେଉଛିୟ ମୁଖ୍ୟ ଚିକିତ୍ସାଳୟ ମ୍ୟାନେଜର ରଶ୍ମୀ ରଞ୍ଜନ ସାହୁଙ୍କ ସୂଚନା ଅନୁସାରେ ମହିଳାଙ୍କ ଅସଦାଚରଣ କରିଥିବା ଯୁବକ ଅଶ୍ୱିନୀ କୁମାର ସେଠୀ ଜଣେ ଫାର୍ମାସିଷ୍ଟ ସେ କିଛି ମାସ ହେଲା ଅପାତ କାଳୀନ ସେବା କକ୍ଷରେ ନିୟୋଜିତ ଅଛନ୍ତି, ଇସିଜି ପରୀକ୍ଷା କରିବାରେ ଅସୁବିଧା ନାହିଁ। ତେବେ ସିଡିଏମଓ ଙ୍କ ହସ୍ତକ୍ଷେପ ପରେ ମ୍ୟାନେଜର କଥା ବଦଳାଇ ଫାର୍ମାସିଷ୍ଟ ନୁହଁ, ସେ ଇସିଜି କରିପାରିବେ ନାହିଁ ସଫେଇ ଦେଇ ତଦନ୍ତ କରାଯିବା ଘଟଣାକୁ ସ୍ୱାଗତ କରିଥିଲେ। ଜିଲା ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ବେହେରା କୁହନ୍ତି, ମହିଳାଙ୍କୁ ଇସିଜି ବେଳେ ଅସଦାଚରଣ ଅଭିଯୋଗର ତଦନ୍ତ କରାଯାଉଛି ! ତେବେ ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ମହିଳା ଇସିଜି କେନ୍ଦ୍ରକୁ ଆସି ନ ଥିବା ଜଣାପଡିଛି। ପରୀକ୍ଷା ରିପୋର୍ଟ ନ ଥିବାବେଳେ ଇସିଜି କରାଇବା ନେଇ ଖାତାରେ ଲେଖା ହୋଇନି ଜିଲା ମୁଖ୍ୟ ଚିକିତ୍ସାଳୟ ସୁପରିଟେଣ୍ଡେଣ୍ଟଙ୍କ ସହ କଥା ମିଶାଇ ଜଣେ ଷ୍ଟାଫନର୍ସ ସହମତି ପ୍ରକାଶ କରିଥିଲେ। ତେବେ ପୀଡିତା ଇସିଜି ଚିହ୍ନଟ କରି ଅସଦାଚରଣ ଦୋହରାଇବା ପରେ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଇସିଜି ଦାୟିତ୍ୱରେ ଥିବା କର୍ମଚାରୀ ଛୁଟିରେ ଥିବାରୁ ତଦନ୍ତ ଆଗେଇ ପାରି ନଥିବା କହିଛନ୍ତି ଇସିଜି କେନ୍ଦ୍ରରେ ମହିଳା ରୋଗୀଙ୍କର ପରିବାର ସଦସ୍ୟ କିମ୍ବା ଜଣେ ମହିଳା, ପୋଲିସ ଉପସ୍ଥିତ ନ ରହିଲେ ଇସିଜି କରାଯାଉ ନାହିଁ। ଇସିଜି କେନ୍ଦ୍ରରେ ୨ ପୁରୁଷ କର୍ମଚାରୀ ନିୟୋଜିତ ଥିବାରୁ ଏଭଳି ସମସ୍ୟା ହୋଇ ଆସୁଛି। ତେବେ ଇସିଜି କେନ୍ଦ୍ରର ଦୁଇ କର୍ମଚାରୀ'ନଥାଇ ଅଣ କର୍ମଚାରୀ କିପରି ମହିଳାଙ୍କର ପରୀକ୍ଷା କଲେ ଅଣ କର୍ମଚାରୀ ଇସିଜି କେନ୍ଦ୍ରର ଚାବି କେଉଁଠାରୁ ଆଣିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ରୋଗୀଙ୍କୁ ପରୀକ୍ଷା କରୁଥିବା ଅନେକ କର୍ମଚାରୀ କହୁଥିବାବେଳେ ନିୟୋଜିତ କିଏ କରିଛନ୍ତି, କ୍ଷେଥୋ ପକାଇ ଅଧିକାରୀମାନେ ମନା କରିବା ପଛର କାରଣ କ'ଣ ହୋଇପାରେ।

## କାକଟପୁର ନୋଡାଲ ସେଣ୍ଟର ଅଧୀନରେ ମାତୃଭାଷା ପରୀକ୍ଷା ଦେଲେ ୧୫୪୭ ପରୀକ୍ଷାର୍ଥୀ

**କାକଟପୁର, ୧୯।୨ (ନି.ପ୍ର):** ବାର୍ଷିକ ପରୀକ୍ଷାରୁ ପ୍ରଥମ ଦିନ, ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ସମୟରେ ଡର ଥିଲା। କିନ୍ତୁ ପ୍ରଶ୍ନପତ୍ର ପଢିବା ପରେ ଆଶ୍ୱସ୍ତି ଲାଗିଲା। କାରଣ ପ୍ରଶ୍ନ ସରଳ ଥିଲା ଏବଂ ସିଲାବସ ଭିତରୁ ଆସିଥିଲା ବୋଲି ପରୀକ୍ଷା କେନ୍ଦ୍ରରୁ ବାହାରିବା ପରେ ଛାତ୍ର ଛାତ୍ରୀ ଙ୍କ ମୁହଁରୁ ଶୁଣିବାକୁ ମିଳିଲା। ଆହୁରି ମଧ କେତେକ ଛାତ୍ର ଛାତ୍ରୀ, ଭଲ ପ୍ରସ୍ତୁତି କରିଥିବାରୁ ଭୟ ନଥିଲା, ସାମାନ୍ୟ ଅନୁଭବ ହେଉଥିଲା, ପ୍ରଶ୍ନ ପଢିବା ଓ ଉତ୍ତର ଲେଖିବା ଆରମ୍ଭ ପରେ ସବୁ ଠିକ ହୋଇଗଲାବୋଲି ପ୍ରକାଶ କରିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ ପରୀକ୍ଷା କେନ୍ଦ୍ରରୁ ବାହାରିବା ପରେ ଛାତ୍ର, ଛାତ୍ରୀ ଙ୍କ ମତ ଏଭଳି ରହିଥିଲା।

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାର ଠାରୁ ଅନୁଷ୍ଠିତ ହୋଇଛି।



ଚଳିତ ବର୍ଷ ପୁରୀ ଜିଲ୍ଲା କାକଟପୁର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନ ୮ଗୋଟି ପରୀକ୍ଷା କେନ୍ଦ୍ର କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୨୮୦ ଜଣ ପରୀକ୍ଷା ଦେଇଥିବା ବେଳେ କେହି ଅନୁପସ୍ଥିତ ନଥିଲେ । ସତ୍ୟନାରାୟଣ ବିଦ୍ୟାପୀଠ, ବାଲିଆ। ୧୮୬ ଜଣ, ନୟାହକ୍ଷଟ ହାଇସ୍କୁଲ ରେ ୨୩୫ ରୁ ୨୩୨ ଜଣ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ଥିଲେ। ଗୋପିକାନ୍ତ ପୁର ହାଇସ୍କୁଲ ରେ ୧୬୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫ ଜଣ ଅନୁପସ୍ଥିତ ଥିଲେ। ସେହିପରି ବରୁଣେଇ ହାଇସ୍କୁଲ, ପାଟପୁର ରେ ୧୫୬ ଜଣ ପରୀକ୍ଷା ଦେଇଥିବା ବେଳେ ୩ ଅନୁପସ୍ଥିତ, କାକଟପୁର ଗ୍ୟାର୍ଲସ ନୋଡାଲ ହାଇସ୍କୁଲ ୨୧୪ ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ଅନୁପସ୍ଥିତ, ବୀରଭଦ୍ର ନୋଡାଲ ବିଦ୍ୟାପୀଠ, ବାଙ୍ଗୁରୀଗାଁ ୧୩୬ ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ଅନୁପସ୍ଥିତ, ଲତାହରଣ ହାଇସ୍କୁଲ ରେ ୧୭୮ ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ଅନୁପସ୍ଥିତ ରହିଥିଲେ। ଏହିପରି ସମସ୍ତ କେନ୍ଦ୍ର ମାନଙ୍କରେ ୧୫୪୭ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ବେଳେ ୧୪ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷାର୍ଥୀ ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଦେଇଛନ୍ତି। କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ରୁ କଡା ସୁରକ୍ଷା ବଳୟ ମଧ୍ୟରେ ପରୀକ୍ଷା କେନ୍ଦ୍ରମାନଙ୍କରେ ପ୍ରଶ୍ନପତ୍ର ପହଂଚିଥିଲା। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ଦିନ ୧୧ଟା ୩୦ମିନିଟ ପର୍ଯ୍ୟନ୍ତ ଚାଲିଥିଲାୟ ପରୀକ୍ଷାର୍ଥୀ ମାନଙ୍କୁ ସକାଳ ୭ଘ ୩୦ସୁଦ୍ଧା ପରୀକ୍ଷା କେନ୍ଦ୍ରରେ କଡା ଯାଞ୍ଚ ପରେ ପରୀକ୍ଷାର୍ଥୀ ଙ୍କୁ ଭିତରକୁ ଛଡାଯାଇଥିଲା। ଅପରପକ୍ଷେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ପରୀକ୍ଷାରେ ଯେଭଳି କୌଣସି ତ୍ରୁଟି ନ ରୁହେ ସେ ଉପରେ କଡା ନଜର ରଖିବାକୁ ବିଭିନ୍ନ ପରୀକ୍ଷା କେନ୍ଦ୍ର ଦାୟିତ୍ୱ ରେ ଥିବା ଉଚ୍ଚ ସ୍ତରୀୟ ଅଧିକାରୀ ମାନେ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ।

## ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ପ୍ରକୃତି ମହୋତ୍ସବ ଅନୁଷ୍ଠିତ

**ସାଲେପୁର, ୧୯।୨ (ନି.ପ୍ର) :** କଟକ ଜିଲ୍ଲା ସାଲେପୁର ବ୍ଲକ ଗୋପୀନାଥପୁର ସେଣ୍ଟ ଜାଭିୟରସ ହାଇସ୍କୁଲ ଆନୁକୂଲ୍ୟରେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସହଯୋଗରେ ଏକ ଦିବସବ୍ୟାପୀ ପ୍ରକୃତି ମହୋତ୍ସବ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ଅଧକ୍ଷତାରେ ଉଦଘାଟକ ଭାବେ କେନ୍ଦ୍ରାପଡା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟ୍ ଲିଃର ସଭାପତି ପ୍ରମୋଦ କୁମାର ସାହୁ, ମୁଖ୍ୟଅତିଥି ଭାବେ ସର୍ବଶକ୍ତି ଓ କୃଷକ ସମ୍ବାଦର ସଂପାଦକ ଭାସ୍କର ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ସୁନାମଧନ୍ୟ ଶିକ୍ଷକ ଡ. ଗୌତମ ମହାରଣା, ବିଶିଷ୍ଟ ଅତିଥି ଭାବେ ସାମ୍ବାଦିକ ଅକ୍ଷୟ କୁମାର ଦାସ ଓ ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ଡ. ପ୍ରସନ୍ନ କୁମାର ଦାସ ପ୍ରମୁଖ ଯୋଗଦାନ କରି ପରିବେଶର ସୁସ୍ଥତା ତଥା ପ୍ରକୃତିର ସମ୍ମୁଥାନ ନିମିତ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ନିମିତ ବିବିଧ ସକରାତ୍ମକ ଓ ବାସ୍ତବବାଦୀ ମତ ପ୍ରଦାନ କରିଥିଲେ। ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସିଇଏସ୍ ଯୋଜନା ସହାୟକ ଭରତ ଚନ୍ଦ୍ର ଜେନାଙ୍କ



ପ୍ରବର୍ତ୍ତନାକ୍ରମେ ଏହି ଅବସରରେ ବିଦ୍ୟାଳୟ ନିକଟସ୍ଥ ରାମେଶ୍ୱର ଗ୍ରାମର ଏକ ଦଳରେ ପୂର୍ଣ୍ଣ ହୋଇଥିବା ପୋଖରୀକୁ ସଂପୂର୍ଣ୍ଣ ସଫେଇ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପରିବେଶ ସଚେତନତା ପ୍ଲାଏକାର୍ଡ ଏବଂ ସ୍ଲୋଗାନ ମାଧ୍ୟମରେ ଏକ ରାଲି ଅନୁଷ୍ଠିତ ହୋଇଥିଲା । ଜଳ ସଂରକ୍ଷଣ ସଂପର୍କୀତ ଏକ ଆନ୍ତଃବିଦ୍ୟାଳୟ ସ୍ତରୀୟ ଜୁନିୟର ଓ ସିନିୟର ବିଭାଗର ଚିତ୍ରାଙ୍କନ ପ୍ରତିଯୋଗିତା ଓ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ସିଲ୍ଡ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟ ଅଧକ୍ଷା ଦେବସ୍ମିତା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ।

## ପରୀକ୍ଷା ପାଇଁ ନୋ ଏଣ୍ଟ୍ରି ଲାଗୁ କଲେ ଜିଲ୍ଲାପାଳ

**ଅନୁଗୋଳ, ୧୯।୨ (ନି.ପ୍ର):** ଚଳିତ ଯୁକ୍ତ ଦୁଇ ଓ ମ୍ୟାଟ୍ରିକ ପରୀକ୍ଷା କୁ ଦୃଷ୍ଟିରେ ରଖି ଛାତ୍ର ଛାତ୍ରୀ ଙ୍କ ଯାତାୟାତ ର ସୁବିଧା ପାଇଁ ଅନୁଗୋଳ ଜିଲ୍ଲାପାଳ ୧୯.୨ .୨୬ ଠାରୁ ୧୯.୩.୨୬ ଯାଏଁ ବିଭିନ୍ନ ରାସ୍ତା ପାଇଁ ନୋ ଏଣ୍ଟ୍ରି ଲାଗୁ କରିଛନ୍ତି । ଓ.ଏମ .ଭି ରୁଲ ୧୯୭୫ ଅନୁଯାୟୀ ଜିଲ୍ଲାପାଳ ଅବ୍ଦାଲ ଏମ ଅଖତର୍ ୫୫ ନମ୍ବର୍ ଜାତୀୟ ରାଜପଥର ବଅଁରପାଳ ରୁ ଅନୁଗୋଳ ଏବଂ ଜାତୀୟ ରାଜପଥ ୧୪୯ ବନରପାଳ ରୁ ତାଳଚେର ରାସ୍ତା ଦେଇ ସକାଳ ୬ ଟା ରୁ ଦିନ ୧୦ ଟା ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ କୌଣସି ମାଲବାହୀ ଭାରିଯାନ କିମ୍ବା ଖାଲି ଭାରିଯାନ ଚଳାଚଳ ଉପରେ ନିଷେଧାଦେଶ ଜାରି କରିଛନ୍ତି।

## ଡାକ୍ତରଖାନାରୁ ଘରକୁ ଫେରୁଥିବା ବେଳେ ମହିଳାଙ୍କ ମୃତ୍ୟୁ

**ଯୋଡ଼ା, ୧୯।୨ (ନି.ପ୍ର):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସହି ସ୍ଥିତ ଭୁଶୁଙ୍ଗା ନିକଟରେ ବୁଧବାର ଦୁଇ ଦମ୍ପତି ଘରକୁ ଫେରୁଥିବା ସମୟରେ ଏକ ଅଜଣା ଟ୍ରକ ଧକ୍କା ରେ ମହିଳା ଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ତେବେ ମୃତ ମହିଳା ଜଣଙ୍କ ହେଲେ ଚମ୍ପୁଆ। ବ୍ଲକ ଭଣ୍ଡା ଅଞ୍ଚଳର ମଧୁସ୍ମିତା ମହାନ୍ତ ଏବଂ ସେ ଗର୍ଭାବସ୍ଥାରେ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ମଧୁସ୍ମିତା ମହାନ୍ତ ଓ ତାଙ୍କ ସ୍ୱାମୀ ମନୋରଞ୍ଜନ ମହାନ୍ତ ଗର୍ଭ ସମ୍ବନ୍ଧୀୟ ନିୟମିତ ଚିକିତ୍ସା ପାଇଁ ଯୋଡ଼ା ଡାକ୍ତରଖାନାକୁ ଯାଇଥିଲେ। ପରୀକ୍ଷା ପରେ ସେମାନେ ମୋଟର ସାଇକେଲରେ ଯୋଗେ ବଡ଼ବିଲ ଅଭିମୁଖେ ଫେରୁଥିବା ବେଳେ ଭାଦ୍ରାସାହି ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ଅଜଣା ବାହନ ପଛପଟୁ ଧକ୍କା ଦେବା ଫଳରେ ଧ ଦୁହେଁ ରାସ୍ତାରେ ପଡ଼ିଯାଇଥିଲେ।

ଦୁର୍ଘଟଣାରେ ମଧୁସ୍ମିତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାରୁ ସେ ଘଟଣାସ୍ଥଳରେ ପ୍ରାଣ ହାରାଇଥିବା ବେଳେ ସ୍ୱାମୀ ମନୋରଞ୍ଜନ ଗୁରୁତର ଆହତ ହୋଇଥିଲେ। ଖବର ପାଇ ବଡ଼ବିଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ତୁରନ୍ତ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛନ୍ତି ଏବଂ ମୃତଦେହକୁ ଜବତ କରି ଶବବ୍ୟବଚ୍ଛେଦପାଇଁ ପଠାଇଥିଲେ। ଦୁର୍ଘଟଣାକାରୀ ବାହନ ଓ ଚାଳକଙ୍କ କୌଣସି ସନ୍ଧାନ ମିଳିପାରିନଥିବା ବେଳେ ପୋଲିସ ଘଟଣାର ସବିଶେଷ ତଦନ୍ତ ଆରମ୍ଭ କରିବା ସହ ନିକଟସ୍ଥ ସିସିଟିଭି ଫୁଟେଜ୍ ଯାଞ୍ଚ ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଉକ୍ତ ସଡ଼କରେ ଭାରି ଖଣିଜ ବାହନର ଅତ୍ୟଧିକ ଚଳାଚଳ ଓ ଦ୍ରୁତଗତି ଦୁର୍ଘଟଣାର ମୂଳ କାରଣ। ଏହି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା ବ୍ୟବସ୍ଥା କଠୋର କରିବା, ଗତିନିୟନ୍ତ୍ରଣ ଅଭିଯାନ ଜୋରଦାର କରିବା ଓ ନିୟମିତ ପୋଲିସ ପ୍ରହରା ବୃଦ୍ଧି କରିବାକୁ ଦାବି ଉଠିଛି। ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି।

## ଜିଲ୍ଲା ମହୋତ୍ସବ ସ୍ମରଣିକା ନିମନ୍ତେ ଲେଖା ଆବଶ୍ୟକ

**ଅନୁଗୋଳ, ୧୯।୨ (ନି.ପ୍ର):** ଅନୁଗୋଳ ଜିଲ୍ଲା ମହୋତ୍ସବ-୨୦୨୬ ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଧାର୍ଯ୍ୟ କରିଛନ୍ତି। ଏହି ସ୍ମରଣିକା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଲେଖକ, ଗବେଷକ, ଶିକ୍ଷକ, ଛାତ୍ର ଛାତ୍ରୀ ଓ ସାହିତ୍ୟ ପ୍ରେମୀମାନଙ୍କୁ ରଚନା ପ୍ରେରଣ କରିବା ପାଇଁ ଆହ୍ୱାନ କରାଯାଉଛି। ଅନୁଗୋଳ ଜିଲ୍ଲା ସମ୍ବନ୍ଧୀୟ ସଂସ୍କୃତି, ଐତିହ୍ୟ, ଇତିହାସ, ସାହିତ୍ୟ, ଅର୍ଥନୈତିକ ଉନ୍ନତି, ପର୍ଯ୍ୟଟନ, ଲୋକ ପରମ୍ପରା, ପ୍ରସିଦ୍ଧ ବ୍ୟକ୍ତିତ୍ୱ, ଶିଳ୍ପ ଓ କୃଷି କ୍ଷେତ୍ରରେ ଅବଦାନ ଇତ୍ୟାଦି ବିଷୟରେ ଲେଖା ଆମନ୍ତ୍ରଣ କରାଯାଉଛି। ରଚନା ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ :- ରଚନା ଉଚ୍ଚମାନର ଓ ସଂକ୍ଷିପ୍ତ ହେବା ଆବଶ୍ୟକ। ଶବ୍ଦ ସୀମା : ୫୦୦ ଶବ୍ଦ ମଧ୍ୟରେ ୟ ରଚନାଗୁଡିକ ନିଜସ୍ୱ ଓ ଅପ୍ରକାଶିତ ହେବା ଉଚିତ୍। ଇଚ୍ଛୁକ ଲେଖକ, ଲେଖୁକାମାନେ ଚଳିତ ମାସ ୨୮ ତାରିଖ ସୁଦ୍ଧା ରଚନାର Soft Copy ନିର୍ଦ୍ଧାରିତ ଇ-ମେଲ (cultureofficeangulgmail.com) କୁ ପ୍ରେରଣ କରିବା ସହିତ Hard copy ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ଜମା କରିବାକୁ ଅନୁରୋଧ। ସମ୍ପାଦକ ମଣ୍ଡଳୀ ଦ୍ୱାରା ଉକ୍ତ ଲେଖାଗୁଡିକର ସମୀକ୍ଷା କରାଯାଇ ଶ୍ରେଷ୍ଠ ଲେଖାଗୁଡ଼ିକୁ ମନୋନୀତ କରାଯିବ।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା



**ଖଣ୍ଡପଡ଼ା, ୧୯/୧ (ନି.ପ୍ର):** ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛିୟ ଶିକ୍ଷା ବିଭାଗ ସୂଚନା ଅନୁଯାୟୀ ପ୍ରଥମ ଦିନ ଖଣ୍ଡପଡ଼ା ବ୍ଲକ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଦ୍ୱାରା ୧୧ଟି କେନ୍ଦ୍ର ପରିଚାଳିତ ହେଉଥିବା ବେଳେ ମୋଟ ୧୫୬୯ ଛାତ୍ରଛାତ୍ରୀଙ୍କ ୧୫୪୮ ଜଣ ପରୀକ୍ଷା ଦେଇଥିବା ବେଳେ ୨୧ଜଣ ଅନୁପସ୍ଥିତ ରହିଛନ୍ତି। କୋସକା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଓ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖଣ୍ଡପଡ଼ା କେନ୍ଦ୍ରରେ ୩ ଜଣ ଲେଖାଁଏ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ରାମଚଣ୍ଡି ଉଚ୍ଚ ବିଦ୍ୟାଳୟରେ ୪ ଜଣ, ସିଧାମୂଳା ଓ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ କେନ୍ଦ୍ରରେ ଜଣେ, ବଳଦିଆ। ନୂଆଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ରହିଛି। ସେହିପରି ଖଲିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ଓ ବାଇଗୁଣିଆ। ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ ଜଣ ଲେଖାଁଏ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ନୋଡାଲ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ତଥା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀଙ୍କ ଠାରୁ ସୂଚନା ମିଳିଛି।

## ଲାଞ୍ଜିଗଡ ବ୍ଲକ ଅଧକ୍ଷାଙ୍କ ସମେତ ବହୁ ରାଜନେତା ବିଜେଡି ଛାଡି ବିଜେପିରେ ହେଲେ ସାମିଲ

**ଭୁବନେଶ୍ୱର,୧୯।୨ (ନି.ପ୍ର) :** ବିକାଶର ଅନ୍ୟନାମ ବିଜେପି ଓଡ଼ିଶା ପ୍ରଦେଶର ୭୮ବର୍ଷର ଶାସନ ବ୍ୟବସ୍ଥା ପରିବର୍ତ୍ତନ ପରେ ବିଜେପି ଏକାକୀ ସରକାର ଗଠନ କରି ଗତ ୧୮ମାସ ମଧ୍ୟରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଛି। ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଂଜିନ ସରକାରଙ୍କ ଅନେକ ଜନହିତକାରି, ଗରିବ କଲ୍ୟାଣକାରୀ, ଜନକଲ୍ୟାଣକାରୀ, ସର୍ବବ୍ୟାପି, ସର୍ବସ୍ପର୍ଶୀ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି କଳାହାଣ୍ଡି ଜିଲ୍ଲାର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ଆଜି ଏହି ମିଶ୍ରଣ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ଦଳୀୟ ସଂଗଠନ ବୃଦ୍ଧି ପାଇଛି । ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବ



ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ଆଜି କଳାହାଣ୍ଡି ଜିଲ୍ଲା ଲିଗଡ ବ୍ଲକ ବ୍ଲକ ଅଧକ୍ଷା ଶ୍ରୀମତୀ କମଳା ପାତ୍ର ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀମତି ପାତ୍ରଙ୍କ ସମେତ ଲିଗଡ ରୋଡ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟା ଶ୍ରୀମତୀ ମୁକ୍ତା ଭୋଇ, ବେନଗାଁ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀମତୀ ଯଶବନ୍ତି ନାଏକ, ବେଡଗାଁ ଗ୍ରାମପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀ ତ୍ରିନାଥ ମାଝୀ, ବସନ୍ତପଡା ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀ ପୁଙ୍ଗରି ମାଝୀ, ଛତ୍ରପୁର ଗ୍ରାମପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀ ସନ୍ୟାସୀ ମାଝୀ, ଭଟାଙ୍ଗପଦର ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀ ରୂପେନ୍ଦ୍ର ଛତ୍ରିଆ, ଭୂତିଗଡ ଗ୍ରାମ ପଂଚାୟତର ସମାଜସେବୀ ଶ୍ରୀ ହରିଶଙ୍କର ପାତ୍ର, ଶ୍ରୀ ଦିଲୀପ କୁମାର ନାଏକ, ଶ୍ରୀ ସାନ ବାଗ୍ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେଡି ଛାଡି ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି।

ସେହିପରି ଥୁଆମୁଲ ରାମପୁର ବ୍ଲକର ସିନ୍ଦିପଦର ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ ଗୀତାଳି ମାଝୀ, ଥୁଆମୁଲ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟା ଶ୍ରୀମତୀ ରାଣୀ ନାଏକ, ସିନ୍ଦିପଦର ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ଶ୍ରୀ ବିକ୍ରମ ମାଝୀ, ପୂର୍ବତନ ବ୍ଲକ ବିଜେଡି ସଭାପତି ଶ୍ରୀ ଇଶ୍ୱର ରେଲି, ନକ୍ରୁନ୍ଦି ଗ୍ରାମ ପଂଚାୟତର ବିଜେଡି ଯୁବ ନେତା ଶ୍ରୀ ଅଜିତ ନାଏକ, ଶ୍ରୀ ମନୋଜ କୁମାର ନାଏକ, ଶ୍ରୀ ପୀତବାସ ନାଏକ; ନରଲା ବ୍ଲକର ସମାଜସେବୀ ଶ୍ରୀ ମାତିଲାଲ ଭୋଇ; ଭବାନୀପାଟଣା ବ୍ଲକ ବୋରଦା ଗ୍ରାମ ପଂଚାୟତର ବିଜେଡି ଯୁବ ନେତା ଶ୍ରୀ ଅବନି କୁମାର ଭୋଇ, ଛେଲିଆମାଲ ଗ୍ରାମ ପଂଚାୟତର ଶ୍ରୀ ସୁରେନ୍ଦ୍ର ପ୍ରଧାନ, କେନ୍ଦୁପାଟି ଗ୍ରାମ ପଂଚାୟତର ସରପଂଚ ଶ୍ରୀ ସୁଧୀର ଗହୀର, ନାଏବ ସରପଂଚ ଶ୍ରୀ ବରୁଣ ମାଝୀଙ୍କ ସମେତ କଂଗ୍ରେସର ସମାଜସେବୀ ବିଭୀଷଣ ମାଝୀ ପ୍ରମୁଖ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି।

ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ରାଜ୍ୟ ଉପସଭାପତି ତଥା କଳାହାଣ୍ଡି ଜିଲ୍ଲା ପ୍ରଭାରୀ ଶ୍ରୀ ଶିବାଜୀ ମହାନ୍ତି, ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରଦୀପ୍ତ କୁମାର ନାଏକ, ଧର୍ମଗଡ ବିଧାୟକ ଶ୍ରୀ ସୁଧୀର ରଞ୍ଜନ ପାଟଯୋଶୀ, ରାଜ୍ୟ ସଂପାଦକ ଶ୍ରୀ ସରୋଜ କର, କଳାହାଣ୍ଡି ଜିଲ୍ଲା ସଭାପତି ଶ୍ରୀ ଯୁଗଳ କିଶୋର ପୋଡ, ଜିଲ୍ଲା ଉପସଭାପତି ଶ୍ରୀ ରୁପେଶ ଜୈନ, ଜିଲ୍ଲା ସାଧାରଣ ସଂପାଦକ ଶ୍ରୀ ଲୋକନାଥ ଦୁର୍ଗା, ଶ୍ରୀ ସତ୍ୟ ବେହେରା, ଜିଲ୍ଲା ସଂପାଦକ ଶ୍ରୀ ବିଭୀଷଣ ସାହୁ, ଶ୍ରୀ ଭବାନୀଶଙ୍କର ନିଆଲ, ବରିଷ୍ଠ ନେତା ଶ୍ରୀ ବଂଟି ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

## ବନାଗ୍ନି ପ୍ରତିରୋଧ ସଚେତନତା ଶିବିର



**ବୁଗୁଡ଼ା, ୧୯।୨ (ନି.ପ୍ର) :** ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ବାଘୁଆ। ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର ପରିସରରେ ବନାଞ୍ଚଳ ସ୍ତରୀୟ ବନାଗ୍ନି ପ୍ରତିରୋଧ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଭାରତୀୟ ବନସେବା ପ୍ରଶିକ୍ଷଣ ଅଧିକାରୀ ଲାବଡି ଜୈନ, ମୁଖ୍ୟ ବକ୍ତା ଭାବେ ସହକାରୀ ବନ ସଂରକ୍ଷକ ପ୍ରଦୀପ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ବିଷୋୟୀ, ଗୋପାଳ ଚନ୍ଦ୍ର ପାତ୍ର, ବିଭୁତି ଭୂଷଣ ମିଶ୍ର, ଗୌରୀ ଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇ ବନାଗ୍ନି ପ୍ରତିରୋଧ ସମ୍ପର୍କେ ଆଲୋକପାତ ସହ ସଚେତନତା କରିଥିଲେ। ଉକ୍ତ ଶିବିରରେ ଭଗବାନପୁର, ତାକରଡା, କରଚୁଲି, ବିରଞ୍ଚିପୁର ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ୨୫ଟି ବନ ସଂରକ୍ଷଣ ସମିତିର ସଦସ୍ୟ, ବନସାଥି, ଫାୟାର ଗାର୍ଡ, ବନପାଳ, ବନରକ୍ଷୀ ଉପସ୍ଥିତ ରହିଥିଲେ।

# ତୃତୀୟ ଦିନରେ ଗୃହ ଅଚଳ



ଭୁବନେଶ୍ୱର,୧୯।୨(ନି.ପ୍ର.): ବିଧାନସଭା ବଜେଟ୍ ଅଧିବେଶନର ତୃତୀୟ ଦିନରେ ମଧ୍ୟ ପ୍ରଶ୍ନକାଳ ଧୋଇ ଯାଇଛି। ବିରୋଧୀଙ୍କ ହଟ୍ଟଗୋଳ ଏବଂ ନାରାବାଜି ଯୋଗୁଁ ବାଚସ୍ପତି ଗୃହକୁ ସାଢେ ଏଗାରଟା ଯାଏ ମୁଲତବୀ ଘୋଷଣା କରିଛନ୍ତି ।

ଗୃହର ତୃତୀୟ ଦିନର କାର୍ଯ୍ୟଦିବସରେ ଯାହା ଆଶା କରାଯାଉଥିଲା ତାହା ହୋଇଛି । ଉଭୟ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ହଟ୍ଟଗୋଳ କରିଛନ୍ତି । ପ୍ରଶ୍ନ କାଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଉତ୍ତର ରଖୁଥିଲେ । ମୁଖ୍ୟ ବିରୋଧୀ ବିଜେଡ଼ି ଧାନ ମଣ୍ଡି ଅବ୍ୟବସ୍ଥା, ଚାଷୀ ମାରଣନୀତି, କଟନୀ ଛଟନୀ ଆଦିକୁ ପ୍ରସଙ୍ଗ କରି ହଙ୍ଗାମା ଆରମ୍ଭ କରିଥିଲା । ସେହିପରି କଂଗ୍ରେସ ଚାଷୀ ସମସ୍ୟା ଏବଂ ୩୦୦ ୟୁନିଟ୍ ଯାଏ ବିଜୁଳି ବିଲ୍ ଛାଡ଼ ପ୍ରତିଶ୍ରୁତି ପାଳନକୁ ପ୍ରସଙ୍ଗ କରିଥିଲେ । ସମସ୍ତ ସଦସ୍ୟ ଗୃହର ମଧ୍ୟ ଭାଗକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ତଳେ ନାରାବାଜି କରି ଗୃହକୁ କମ୍ପାଇ ଥିଲେ । ବାଚସ୍ପତି ସମସ୍ତ ସଦସ୍ୟଙ୍କୁ ନିଜ ନିଜ ଆସନରେ ବସିବାକୁ କହିଥିଲେ । ତଥାପି କୌଣସି ସଦସ୍ୟ ନ ଶୁଣିବାରୁ ଗୃହ ଚଳାଇବା ଅସମ୍ଭବ ହୋଇପଡ଼ିଥିଲା । ଶେଷରେ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।

ଆସନ୍ତାକାଲି ବଜେଟ୍ ଉପସ୍ଥାପନ ହେବ। ଏହା ପୂର୍ବରୁ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ । ତେବେ ତୃତୀୟ ଦିନରେ ମଧ୍ୟ ଗୃହ ସରଗରମ ରହିବାର ସମ୍ଭାବନା ରହିଛି ।

# ଦକ୍ଷିଣ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ପ୍ରମୁଖ ରେଳ ଭିତ୍ତିଭୂମି ପ୍ରୋତ୍ସାହନ

ଭୁବନେଶ୍ୱର,୧୯।୨(ନି.ପ୍ର.): ଦକ୍ଷିଣ ଓଡ଼ିଶାରେ ରେଳ ଭିତ୍ତିଭୂମି ଏବଂ ଆଞ୍ଚଳିକ ବିକାଶକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ସ୍ୱରୂପ, ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ୯୩.୧୯ କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନଃବିକାଶକୁ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଷ୍ଟେସନକୁ ଏକ ଆଧୁନିକ, ଯାତ୍ରୀ ଅନୁକୂଳ, ସ୍ମାର୍ଟ ଏବଂ ସ୍ଥାୟୀ ପରିବହନ ହବ୍ ଭାବରେ ପରିଣତ କରିବା ଯାହା ଭବିଷ୍ୟତର ଅଭିବୃଦ୍ଧି ଆବଶ୍ୟକତାକୁ ଆରାମରେ ପୂରଣ କରିପାରିବ।

ଓଡ଼ିଶାର ସିଲ୍କ ସିଟି ଭାବେ ଜଣାଶୁଣା ବ୍ରହ୍ମପୁର ଏବଂ ଗୋପାଳପୁର ସମୁଦ୍ର ବେଳାଭୂମି ଏବଂ ତାରାତାରିଣୀ ମନ୍ଦିର ଭଳି ପ୍ରସିଦ୍ଧ ସ୍ଥାନଗୁଡ଼ିକର ପ୍ରବେଶ ଦ୍ୱାର ଭାବରେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ, ଏହି ଅଞ୍ଚଳର ସବୁଠାରୁ ପୁରୁଣା ଏବଂ ବ୍ୟସ୍ତବହୁଳ ରେଳ ଷ୍ଟେସନ ମଧ୍ୟରୁ ଗୋଟିଏ। ଅଦ୍ୟତନ କରାଯାଉଥିବା ଏହି ଷ୍ଟେସନଟି ପୀକ୍ ଆୱରରେ ୫,୦୦୦ରୁ ଅଧିକ ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଉଛି, ଯାହା ଫଳରେ ଭିଡ଼ ସମୟ ଏବଂ ପର୍ବପର୍ବାଣୀ ଭିଡ଼ ସମୟରେ ମଧ୍ୟ ସୁଗମ ଏବଂ ବାଧାମୁକ୍ତ ଗତିବିଧି ସୁନିଶ୍ଚିତ ହେବ।

ପ୍ରଥମ ପର୍ଯ୍ୟାୟ ଅଧିନସ୍ଥ ପୁନଃବିକାଶର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ

ପୁନଃବିକାଶ ପ୍ରକଳ୍ପରେ ଅନ୍ତର୍ଭୁକ୍ତ: ୧୨ ମିଟର ଓସାର ଫୁଟ ଓଭର ବ୍ରିଜର ନିର୍ମାଣ ଏବଂ ସମ୍ପ୍ରସାରଣ – ୬.୭୦ କୋଟି ଦ୍ରୁତ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥାପନ – ୮.୨୬ କୋଟି। ଷ୍ଟେସନ ବିଲ୍ଡିଂର ଦ୍ୱିତୀୟ ପ୍ରବେଶ ଦ୍ୱାରର ବିକାଶ ସହିତ ଏକ ନୂତନ ଏ+୨ ମୁଖ୍ୟ ଷ୍ଟେସନ ବିଲ୍ଡିଂର ନିର୍ମାଣ- ୯୩.୧୯ କୋଟି। ଭିଡ଼ ହ୍ରାସ କରିବା ପାଇଁ ପ୍ଲାଟଫର୍ମ ସମ୍ପ୍ରସାରଣ କାର୍ଯ୍ୟ



ଦୁଇ ଲେନ ବିଶିଷ୍ଟ ବସ୍ ଡ୍ରପ୍-ଅଫ୍ ଜୋନ୍। ଭବିଷ୍ୟତର ପାର୍କିଂ ଏବଂ/କିମ୍ବା ବାଣିଜ୍ୟିକ ବିକାଶ ପାଇଁ ୧୩,୧୦୦ ବର୍ଗ ମିଟର ସ୍ଥାନର ବ୍ୟବସ୍ଥା। ମୋଟ କ୍ୟାନୋପି ଏରିଆ: ୧,୭୬୩ ବର୍ଗ ମିଟର। ରୁଫ ପ୍ଲାଜା ସୁବିଧା: ୧,୦୯୮ ବର୍ଗ ମିଟର।

ଯାତ୍ରୀ ସୁବିଧା ମଧ୍ୟରେ ୫୦୦ ରୁ ଅଧିକ ଯାତ୍ରୀଙ୍କ ପାଇଁ ବସିବା କ୍ଷମତା ସହିତ ଏକ ପ୍ରଶସ୍ତ ପ୍ରତୀକ୍ଷାଳୟ, ୦୮ ଟି ଟିକେଟିଂ ୱିଣ୍ଡୋର ବ୍ୟବସ୍ଥା। ଲିଫ୍ଟ ୧୬ ଟି- ଏସ୍କାଲେଟର ୦୫ ଟି, ଦିବ୍ୟାଙ୍ଗ-ଅନୁକୂଳ ଭିତ୍ତିଭୂମି, ଭବିଷ୍ୟତ ଯାତାୟାତ ବୃଦ୍ଧିକୁ ଧ୍ୟାନରେ ରଖି ଉନ୍ନତ ପାର୍କିଂ ଏବଂ ଟ୍ରାଫିକ୍ ସଞ୍ଚାଳନ ବ୍ୟବସ୍ଥା।

ସ୍ମାର୍ଟ, ସବୁଜ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତ୍ତିଭୂମି-ଏହି ପୁନଃବିକଶିତ ଷ୍ଟେସନରେ ଆଧୁନିକ ଏବଂ ପରିବେଶ ଅନୁକୂଳ ବୈଶିଷ୍ଟ୍ୟଗୁଡ଼ିକ ଅନ୍ତର୍ଭୁକ୍ତ ହେବ ଯେପରିକି: ସବୁଜ ବିଲ୍ଡିଂ ମାନଦଣ୍ଡ, ଛାତ ଉପରେ ସୌର ପ୍ୟାନେଲ, ବର୍ଷାଜଳ ସଂଗ୍ରହ ଏବଂ ଏହାକୁ ପୁନଃବ୍ୟବହାର ବ୍ୟବସ୍ଥା, ଉପଯୁକ୍ତ ପୃଥକୀକରଣ ସହିତ ବୈଜ୍ଞାନିକ ପଦ୍ଧତି ଅନୁଯାୟୀ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଜରୁରୀକାଳୀନ ପାୱାର ବ୍ୟାକଅପ୍ ସହିତ ଅଗ୍ନି ନିର୍ବାପନ ବ୍ୟବସ୍ଥା।

କଳା ଏକ ପରିଚୟ - ସ୍ଥାନୀୟ ଐତିହ୍ୟକୁ ଗୁରୁତ୍ୱ:-ପୁନଃବିକାଶର ସବୁଠାରୁ ସ୍ୱତନ୍ତ୍ର ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି 'କଳା ଏକ ପରିଚୟ ' ଧାରଣା। ଷ୍ଟେସନରେ ବାହ୍ୟ ଭାଗ ଏବଂ ଆଭ୍ୟନ୍ତରୀଣ ସ୍ଥାନଗୁଡ଼ିକରେ ବ୍ରହ୍ମପୁରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବ, ବିଶେଷକରି ଏହାର ପ୍ରସିଦ୍ଧ ରେଶମ ପରମ୍ପରା। ସ୍ଥାନୀୟ କଳାରୂପରୁ ପ୍ରେରିତ ବିଭିନ୍ନ ଉପାଦାନଗୁଡ଼ିକୁ ଚିନ୍ତନମୂଳକ ଭାବରେ ଡିଜାଇନରେ ସମନ୍ୱିତ କରାଯିବ, ଯାହା ଷ୍ଟେସନକୁ କେବଳ ଏକ ପରିବହନ କେନ୍ଦ୍ର ସ୍ଥଳ ନୁହେଁ, ବରଂ ଏକ ଐତିହାସିକ ସ୍ଥାନ ଭାବରେ ଝଲସିବ ଯାହା ସହରର ସାଂସ୍କୃତିକ ଗର୍ବ ଏବଂ ପରିଚୟକୁ ପ୍ରତିନିଧିତ୍ୱ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତୀକାତ୍ମକ ସ୍ଥାନ ଭାବେ ପରିଣତ ହେବ।

ଦିନକୁ ପ୍ରାୟ ୧୬୨ଟି ଟ୍ରେନ୍‌ର ଚଳାଚଳ ସହ ଗଞ୍ଜାମ, କନ୍ଧମାଳ, ରାୟଗଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ଯାତ୍ରୀମାନଙ୍କୁ ସେବା ଯୋଗାଇଥିବା ବ୍ରହ୍ମପୁର ରେଳ ଷ୍ଟେସନ ଦକ୍ଷିଣ ଓଡ଼ିଶାର ଆର୍ଥିକ ଓ ସାମାଜିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛି। ଏହି ପୁନଃବିକାଶ ପ୍ରକଳ୍ପ ଭିଡ଼ ହ୍ରାସ କରିବା, ସୁରକ୍ଷା ବୃଦ୍ଧି, ଯାତ୍ରୀ ସୁବିଧାରେ ଉନ୍ନତି ଆଣିବ ଏବଂ ଏକ ପ୍ରମୁଖ ବାଣିଜ୍ୟିକ ଏବଂ ପର୍ଯ୍ୟଟନ କେନ୍ଦ୍ର ଭାବରେ ସହରର ସ୍ଥିତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

# 'ସିଟି ଇକୋନୋମିକ ରିଜିୟନ'ରେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ଅନୁରୋଧ

## ଟାର୍ଗେଟରେ ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଏବଂ ଅନୁଗୋଳ-ଢେଙ୍କାନାଳ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୨(ନି.ପ୍ର.): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟର ସନ୍ତୁଳିତ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଆଜି ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ କ୍ଲଷ୍ଟର ଏବଂ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟରକୁ ଦୁଇଟି ପୃଥକ 'ସିଟି ଇକୋନୋମିକ ରିଜିୟନ' ଭାବରେ ବିକଶିତ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଓଡ଼ିଶାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର) ମଡେଲରେ ଏହି ଇକୋନୋମିକ ରିଜିୟନ ଗଠନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ।

ଶ୍ରୀ ପ୍ରଧାନ ନିଜ ପତ୍ରରେ ପ୍ରଥମତଃ ଦର୍ଶାଇଛନ୍ତି ଯେ, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଅଞ୍ଚଳ ହୀରାକୁଦ ବନ୍ଧ ସହ ମହାନଦୀ ଓ ବ୍ରାହ୍ମଣୀ କୂଳରେ ଅବସ୍ଥିତ । ଏଠାରେ ପ୍ରଚୁର ଖଣିଜ ସମ୍ପଦ, ଶିଳ୍ପ ଭିତ୍ତିଭୂମି ରହିଛି । ବିବିଧ ପର୍ଯ୍ୟଟନ ସମ୍ଭାବନାରେ ପରିପୂର୍ଣ୍ଣ ଏହି କ୍ଲଷ୍ଟରରେ କୃଷି, ସେବା ଏବଂ ଉତ୍ପାଦନ କ୍ଷେତ୍ରକୁ ସଡ଼କ, ରେଳ ଏବଂ ବିମାନ ସଂଯୋଗୀକରଣ ମାଧ୍ୟମରେ ଅଭିବୃଦ୍ଧି କରିବାର କ୍ଷମତା ରହିଛି । ଏଠାରେ ଇସ୍ପାତ, ଆଲୁମିନିୟମ, କୋଇଲା ଏବଂ ଶକ୍ତି ଭଳି ବୃହତ ଶିଳ୍ପ ସହିତ କୃଷି ଭିତ୍ତିକ ଶିଳ୍ପ ଏବଂ ବିଶ୍ୱ ପ୍ରସିଦ୍ଧ ସମ୍ବଲପୁରୀ ହସ୍ତତନ୍ତର ସୁଦୃଢ଼ ଭିତ୍ତିଭୂମି ରହିଛି । ଏହି ସବୁ କ୍ଷେତ୍ର ମିଶି ଏଠାରେ ଏକ ସମନ୍ୱିତ ଆର୍ଥିକ ପରିବେଶ ସୃଷ୍ଟି କରୁଛନ୍ତି, ଯାହା ଆଗାମୀ ଦିନରେ ନୂତନ ନିଯୁକ୍ତି ଏବଂ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଅନେକ ସୁଯୋଗ ଆଣିଦେବ । ଏନଆଇଟି ରାଉରକେଲା, ଆଇଆଇଏମ ସମ୍ବଲପୁର, ଭିସୁଟ ବୁର୍ଲା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଯୋଗୁଁ ଏହା ଆଧୁନିକ ଜ୍ଞାନକୌଶଳ, ନବସୃଜନ ଏବଂ ନୂଆ ନୂଆ ଷ୍ଟାର୍ଟଅପ୍ କ୍ଷେତ୍ରରେ 'ନ୍ୟୁ ଏଜ୍ ଇକୋନୋମୀ'ର ଏକ କେନ୍ଦ୍ରବିନ୍ଦୁ ଭାବରେ ସ୍ଥାପିତ କରୁଛି । ଭୌଗୋଳିକ ଦୃଷ୍ଟିକୋଣରୁ ମଧ୍ୟ ଏହି ଅଞ୍ଚଳର ସ୍ଥିତି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହା ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାକୁ ଲାଗି ରହିଥିବା ବେଳେ ତିନୋଟି ରାଜ୍ୟର ରାଜଧାନୀ ଯଥା ଭୁବନେଶ୍ୱର, ରାୟପୁର, ରାଞ୍ଚି ଏବଂ ବଡ଼ ବନ୍ଦର ସହର ବିଶାଖାପାଟଣାର ୩୦୦ କିଲୋମିଟର ପରିଧି ମଧ୍ୟରେ ଅବସ୍ଥିତ । ଏହି ଉତ୍ତମ ସଂଯୋଗୀକରଣ ଏବଂ ପ୍ରଚୁର ସମ୍ପଦ ଯୋଗୁଁ ଏହାକୁ ଏକ 'ସିଟି ଇକୋନୋମିକ ରିଜିୟନ' ଭାବେ ଗଢ଼ିବା ପାଇଁ ସବୁ ପ୍ରକାର ଯୋଗ୍ୟତା ରହିଛି । ଏଠାରେ ସଡ଼କ ଓ ରେଳପଥ ସହ ଝାରସୁଗୁଡ଼ା (ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର), ରାଉରକେଲା, ସମ୍ବଲପୁର (ଜମାଦାରପାଲି) ଏବଂ ବରଗଡ଼ (ସତିଭଟା)ର ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଅଞ୍ଚଳରେ ଥିବା ଦେବ୍ରିଗଡ, ଭୀମମଣ୍ଡଳୀ, ବେଦବ୍ୟାସ, ଖଣ୍ଡାଧାର ପ୍ରଧାନପାଟ ଭଳି ପର୍ଯ୍ୟଟନର ଯଥେଷ୍ଟ ସମ୍ଭାବନା ରଖୁଛି ।

ଅନୁରୂପ ଭାବେ ଦ୍ୱିତୀୟତଃ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ଅନୁଗୋଳ-ଢେଙ୍କାନାଳ ରିଜିୟନ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସାରା ଭାରତର ଆର୍ଥିକ ପ୍ରଗତି ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ଠିକ୍ ମଝି ଭାଗରେ ଅବସ୍ଥିତ ଏହି ଅଞ୍ଚଳ ଉପକୂଳର ବନ୍ଦର ଏବଂ ଖଣିଜ ସମୃଦ୍ଧ ପଶ୍ଚିମାଞ୍ଚଳକୁ ଯୋଡ଼ିବା ପାଇଁ ଏକ ମୁଖ୍ୟ ରାସ୍ତା ବା ପ୍ରବେଶ ପଥ ସଦୃଶ । ଏଠାରେ ପ୍ରଚୁର ପରିମାଣରେ କୋଇଲା, କ୍ରୋମାଇଟ୍ ଏବଂ ଲୁହା ପଥର ମିଳୁଥିବାରୁ ଏହା ଭାରୀ ଶିଳ୍ପ, ନୂତନ କାରଖାନା ଏବଂ ସୌର ଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ । ଅନୁଗୋଳରେ ଥିବା ନାଲକୋ, ଏନଟିପିସି କଣିହାଁ, ତାଳଚେରର ତାପଜ ବିଦ୍ୟୁତ କେନ୍ଦ୍ର ଏବଂ ମହାନଦୀ କୋଲଫିଲ୍ଡସ (ଏମସିଏଲ) ଭଳି ବଡ଼ ବଡ଼ ଅନୁଷ୍ଠାନ ରାଜ୍ୟକୁ ବିଦ୍ୟୁତ୍ ଓ ଶକ୍ତି ଯୋଗାଇବାରେ ମେରୁଦଣ୍ଡ ସାଜିଛନ୍ତି । ଅନୁଗୋଳ-ଢେଙ୍କାନାଳ ଅଞ୍ଚଳରେ ବ୍ରାହ୍ମଣୀ ନଦୀ ଦେଇ ନିକଟରେ ଘୋଷଣା କରାଯାଇଥିବା ୫ ନମ୍ବର ଜାତୀୟ ଜଳପଥ ପରିବହନ କ୍ଷେତ୍ରରେ ବିପ୍ଳବ ଆଣିବ । ଏହା ତାଳଚେର, କଳିଙ୍ଗନଗର ଓ ପାରାଦୀପ ମଧ୍ୟରେ ଖଣିଜ ଦ୍ରବ୍ୟର ଶସ୍ତା ପରିବହନ ପାଇଁ ରାସ୍ତା ଫିଟାଇବ । ଏହାବ୍ୟତୀତ ଢେଙ୍କାନାଳରେ ଇସ୍ପାତ ଏବଂ ପ୍ରତିରକ୍ଷା ସାମଗ୍ରୀ ତିଆରି କ୍ଷେତ୍ରରେ ନୂଆ ନୂଆ ପୁଞ୍ଜିନିବେଶ ହେଉଛି, ଯାହା ଶିଳ୍ପାୟନକୁ ଆଗକୁ ବଢାଇବାରେ ସହାୟକ ହୋଇଛି । ଅଞ୍ଚଳରେ ଆଇଜିଆଇଟି, ସାରଙ୍ଗ ଏବଂ ଅନୁଗୋଳର ସ୍କିଲ୍ ଇଣ୍ଡିଆ ସେଣ୍ଟର ଯୁବକମାନଙ୍କୁ କାମ ପାଇଁ ଦକ୍ଷ କରୁଛି । ଏହା ସହିତ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, କପିଳାସ ଓ ସପ୍ତଶଯ୍ୟାଭଳି ସୁନ୍ଦର ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ସ୍ଥାୟୀ ଅର୍ଥନୈତିକ ବିକାଶ ପାଇଁ ସୁଯୋଗ ପ୍ରଦାନ କରୁଛି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଓ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟର ରାଜ୍ୟର ମୋଟ ଜିଏସଡିପିରେ ୨୬ % ରୁ ଅଧିକ ଯୋଗଦାନ ରଖୁଛି । ଏହି ଅଞ୍ଚଳରେ ଜିସିସି ଡାଟା ସେଣ୍ଟର, ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ, ବସ୍ତ୍ର ଶିଳ୍ପ ଏବଂ ଖାଦ୍ୟ ପ୍ରକ୍ରିୟାକରଣ (ବିଶେଷ କରି ଲଘୁ ବନଜାତ ଦ୍ରବ୍ୟ ଭିତ୍ତିକ) କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶର ସୁଯୋଗ ରହିଛି। ଏହା ସହିତ ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି। ଏହି ନୂତନ କରିଡରଗୁଡ଼ିକର ବିକାଶ କରାଗଲେ, ଏହା ଶିଳ୍ପାୟନ ଓ ବ୍ୟବସ୍ଥିତ ସହରୀକରଣ ମାଧ୍ୟମରେ ରାଜ୍ୟର ସମୃଦ୍ଧି ଏବଂ ଜନସାଧାରଣଙ୍କ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବାରେ ଏକ ମୁଖ୍ୟ ଆଧାର ସାଜିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନା ଅନୁଯାୟୀ ଓଡ଼ିଶାର ପ୍ରତିଟି ଅଞ୍ଚଳର ବିକାଶ ଜରୁରୀ । ଏହି ଦୁଇଟି ନୂତନ ଇକୋନୋମିକ ରିଜିୟନ ଗଠନ ହେଲେ ଶିଳ୍ପାୟନକୁ ବଡ଼ ଗତି ମିଳିବା ସହ ହଜାର ହଜାର ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ରାଜ୍ୟ ଓ ଦେଶର ସାମଗ୍ରିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହି ପ୍ରସ୍ତାବ ସମ୍ବନ୍ଧୀୟ ଏକ ବିସ୍ତୃତ 'କନସେପ୍ଟ ନୋଟ୍' ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି ।

# ଭିଜିଲାନ୍ସ ଜାଲରେ ତହସିଲଦାର

ବାଲେଶ୍ୱର,୧୯।୨(ନି.ପ୍ର.: ଏକ ପଥର ବୋଝେଇ ଟ୍ରକ୍ ମାଲିକଙ୍କଠାରୁ ୪୦,୦୦୦ ଟଙ୍କା ଲାଞ୍ଚ ଦାବି କରି ଭିଜିଲାନ୍ସ ଜାଲରେ ଫସିଗଲେ ତହସିଲଦାର। ଓଡ଼ିଶା ଭିଜିଲାନ୍ସ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବାଲେଶ୍ୱର ଜିଲା ସୋର ତହସିଲଦାରଙ୍କୁ ଗିରଫ କରିଛି। ଜବତ ହୋଇଥିବା ପଥର ବୋଝେଇ ଟ୍ରକ୍ ଛାଡ଼ିବା ପାଇଁ ଲାଞ୍ଚ ନେଉଥିବା ବେଳେ ସେ ଧରାପଡ଼ିଛନ୍ତି। ସୂଚନା ମୁତାବିକ, (ଆଜି) ଗୁରୁବାର ଅପରାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ୍ ଏବଂ ତାଙ୍କ ସହଯୋଗୀ ଦୟାନିଧି ଜେନାଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଛି। ଜଣେ ଟ୍ରକ୍ ମାଲିକଙ୍କ ଠାରୁ ୪୦,୦୦୦ ଟଙ୍କା ଲାଞ୍ଚ ଦାବି କରୁଥିବା ସମୟରେ ଏହି ଚଢ଼ାଉ କରାଯାଇଥିଲା ତହସିଲଦାର ମଲ୍ଲିକ ଗତ ୧୧ ଫେବୃଆରୀରୁ ପଥର ବୋଝେଇ ୫ଟି ଟ୍ରକକୁ ଅଟକ ରଖିଥିଲେ। ଏହି ଟ୍ରକ୍ ?ଗୁଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର ନ କରିବା ଏବଂ ମୋଟା ଅଙ୍କର ଜୋରିମାନାରୁ ବଞ୍ଚାଇବା ପାଇଁ ସେ ୧ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଟ୍ରକ୍ ମାଲିକ ଏତେ ଟଙ୍କା ଦେବାକୁ ଅସମର୍ଥ ପ୍ରକାଶ କରିବାରୁ, ମୂଲଚାଲ ପରେଏହା ୪୦,୦୦୦ ଟଙ୍କାକୁ କମାଯାଇଥିଲା। ଏ ନେଇ ଟ୍ରକ୍ ମାଲିକ ଭିଜିଲାନ୍ସକୁ ସୂଚନା ଦେଇଥିଲେ। ତେବେ ତହସିଲଦାର ନିଜ ସହଯୋଗୀଙ୍କ ଜରିଆରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଉଭୟଙ୍କୁ ଧରିଥିଲା।

# ପୋଲିସ ଜନସମ୍ପର୍କ ଶିବିରକୁ ସାଇକେଲରେ ଗଲେ ଏସପି



ନବରଙ୍ଗପୁର,୧୯।୨(ନି.ପ୍ର.: ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ ଥିବା ତୋହରାର ତାଲପାଣି ଠାରେ ନବରଙ୍ଗପୁର ପୋଲିସ ଦ୍ୱାରା ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲପାଣିକୁ ଯିବା ପାଇଁ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ସନ୍ଦୀପ ସମ୍ପତ ମାଡ଼କର ଆସିଥିଲେ ନିଜ ଗାଡ଼ିରେ। କିନ୍ତୁ ଗାଁକୁ ରାସ୍ତା ନଥିବା ଦେଖି ଗାଡିରୁ ଓହ୍ଲାଇ ସାଇକେଲରେ ଗାଁକୁ ଯାଇଥିଲେ। ଏହି ଶିବିରରେ ଏସପିଙ୍କ ସହ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର, ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଗ, ଝରୀଗାଁ ଥାନା ଅଧିକାରୀ ରଚିତା ମାଡକାମୀ, ଏସଆଇ ଅକ୍ଷୟ ମିଶ୍ରଙ୍କ ସହ ଅନ୍ୟ ମାନେ ଯୋଗ ଦେଇଥିଲେ।

# ୧୦,୪୬୦ ଜଳ ସେଚନ ପ୍ରକଳ୍ପ ଅଚଳ

ଭୁବନେଶ୍ୱର,୧୯।୨(ନି.ପ୍ର): ରାଜ୍ୟରେ ବିଭିନ୍ନ ଚାଷ ଜମିକୁ କରାଯାଉଥିବା ଜଳ ସେଚନ ପ୍ରକଳ୍ପରୁ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଛି । ଏ ନେଇ ଗୃହରେ ଆଜି ଉତ୍ତର ରଖିଛନ୍ତି ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ଜଳ ସେଚନକୁ ନେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ପ୍ରଶ୍ନ କରିଛନ୍ତି । ତେବେ ମୁଖ୍ୟମନ୍ତ୍ରୀ ଏହି ପ୍ରଶ୍ନର ଉତ୍ତର ରଖିଛନ୍ତି । ରାଜ୍ୟରେ ଉଠା ଜଳସେଚନ ନିଗମ ମାଧ୍ୟମରେ ସମସ୍ତ ୩୦ ଗୋଟି ଜିଲ୍ଲାରେ ମୋଟ ୧,୮୬,୨୩୧ ଗୋଟି ପ୍ରକଳ୍ପ ସ୍ଥାପନ କରାଯାଇ ଆପାତତଃ ୧୬,୮୭,୧୧୯ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା କରାଯାଇଅଛି ଓ ସେଥିମଧ୍ୟରୁ ୧୦,୪୬୦ ଗୋଟି ପ୍ରକଳ୍ପ ବିଭିନ୍ନ କାରଣ ଯୋଗୁଁ ଅଚଳ ଅବସ୍ଥାରେ ଅଛି ଓ ଅଚଳ ଥିବା ୫୨୯୫ ଗୋଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପକୁ ଅନଲାଇନ ମାଧ୍ୟମରେ ଆବେଦନପତ୍ର ଗ୍ରହଣ କରି ପର୍ଯ୍ୟାୟକ୍ରମେ ସଚଳ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ରାଜଗାଙ୍ଗପୁର ସହରର ମୁଖ୍ୟ ରାସ୍ତା ଅତି ଶୋଚନୀୟ ମରାମତି ଦାବି କଲେ ସହରବାସୀ



ରାଜଗାଙ୍ଗପୁର,୧୯।୨: ରାଜଗାଙ୍ଗପୁର ସହର ସୁବାଷ ଛକ ରୁ ବସଷ୍ଟାଣ୍ଡ ମୁଖ୍ୟ ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ରହିଛି ରାସ୍ତା ରେ ଖାଲ ସହ ପାଣି ଜମିବା କାରଣରୁ ଛୋଟ ବଡ଼ ଗାଡ଼ି ଓ ସାଧାରଣ ଲୋକଙ୍କ ଗମନାଗମନ ରେ ଘୋର ଅସୁବିଧା ର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହୋଇଛି। ବସ୍ ଟ୍ରକ୍ ଯିବାଆସିବା ସମୟରେ ଚକ ଖାଲରେ ପଡ଼ି ନିକଟସ୍ଥ ଦୋକାନ ଭିତରେ ମୟଳା ପାଣି ଛିଟିକି ପଡୁଥିବା ସହ ଛୋଟ ଛୋଟ ଗେଟି ଟାୟାର ରେ ବାଜି ଦୋକାନୀ ଙ୍କ ଦେହରେ ବାଜୁଥିବା ଗୁରୁତର ଅଭିଯୋଗ ହୋଇଛି। ସ୍ଥାନୀୟ ପୌରପରିଷଦ ଯଥାଶୀଘ୍ର ଉକ୍ତ ରାସ୍ତା ମରାମତି ପାଇଁ ସହର ବାସୀ ଦାବି ଜଣାଇଛନ୍ତି।

# ଶିମିଳିପାଳରେ ହେବ ହେଲିପ୍ୟାଡ୍

ଭୁବନେଶ୍ୱର,୧୯।୨(ନି.ପ୍ର.): ମୟୂରଭଞ୍ଜ ଜିଲା ଶିମିଳିପାଳରେ ହେଲିପ୍ୟାଡ୍ ହେବ। ଏନେଇ ବିଧାନସଭା ଗୃହରେ ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆବଶ୍ୟକୀୟ ଜମି ନିରୂପଣ ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଭୁବନେଶ୍ୱର-ଗୋପାଳପୁର, ଭୁବନେଶ୍ୱର-ଶିମିଳିପାଳକୁ ହେଲିଟ୍ୟାକ୍ସି ସେବା ଜାରିରହିବ। ହେଲିଟ୍ୟାକ୍ସି ସେବା ପାଇଁ 'ପବନ ହଂସ ଲିଃ'କୁ ମନୋନୀତ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଗତକାଲି ପରି ଆଜି ବି ଗୃହ ଚାଲିପାରୁନି। ବିଧାନସଭା ଆରମ୍ଭରୁ ପ୍ରବଳ ହଟ୍ଟଗୋଳ ପରେ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି। ଧାନମଣ୍ଡିରେ ଅବ୍ୟବସ୍ଥା, ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରସଙ୍ଗ ଉଠାଇ ବିଜେଡି ଓ କଂଗ୍ରେସ ବିଧାୟକ ବିରୋଧ ପ୍ରଦର୍ଶନ କରିଥିଲେ। ବିରୋଧୀ ସଦସ୍ୟ ଗୃହର ମଧ୍ୟ ଭାଗକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ତଳେ ନାରାବାଜି କରି ଗୃହକୁ କମ୍ପାଇ ଥିଲେ।

# ପଶ୍ଚିମ ଓଡ଼ିଶା ଯୋଗାଯୋଗକୁ ବୃଦ୍ଧି କରିବ ହାଓଡ଼ା-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରଣ

ଭୁବନେଶ୍ୱର,୧୯।୨(ନି.ପ୍ର.): ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ହାଓଡ଼ା-ଟିଟିଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହି ସମ୍ପ୍ରସାରଣ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ।ଜୁନାଗଡ଼ ରୋଡ୍ ଏବଂ ଟିଟିଲାଗଡ଼ ମଧ୍ୟରେ ସମ୍ପ୍ରସାରିତ ଭାଗର ଉଦଘାଟନୀ କାର୍ଯ୍ୟକ୍ରମ ୧୯ ଫେବୃଆରୀ ୨୦୨୬ ରେ ଅନୁଷ୍ଠିତ ହେବ, ଯାହା ଏହି ଅଞ୍ଚଳରେ ରେଳ ସେବାକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଚିହ୍ନିତ ହେବ।

ଟ୍ରେନ୍ ନମ୍ବର ୧୨୮୭୧ (ହାଓଡ଼ା-ଟିଟିଲାଗଡ଼ ଏକ୍ସପ୍ରେସ୍) ଏବେ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ, ଯାହା ୨୧.୦୨.୨୦୨୬ ରୁ ହାଓଡ଼ାରୁ ଆରମ୍ଭ ହେବ। ଟ୍ରେନ ନମ୍ବର ୧୨୮୭୨ (ଟିଟିଲାଗଡ଼-ହାଓଡ଼ା ଏକ୍ସପ୍ରେସ) ୨୨.୦୨.୨୦୨୬ ରୁ ଜୁନାଗଡ଼ ରୋଡରୁ ଆରମ୍ଭ ହେବ।ସମ୍ପ୍ରସାରିତ ହାଓଡ଼ା-ଟିଟିଲାଗଡ଼ - ଜୁନାଗଡ଼ ରୋଡ ଇସ୍ପାତ ଏକ୍ସପ୍ରେସ ଟିଟିଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ ଏବଂ ଭବାନୀପାଟଣା ଷ୍ଟେସନରେ ରହଣି କରିବ:ହାଓଡ଼ା ଏବଂ ଟିଟିଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ। ଟ୍ରେନଟି ହାଓଡ଼ା ଏବଂ ଟିଟିଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ ଏବଂ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ ଏକ ମେଲ/ଏକ୍ସପ୍ରେସ ସେବା ଭାବରେ କାର୍ଯ୍ୟ କରିବ।



ଇସ୍ପାତ ଏକ୍ସପ୍ରେସର ଜୁନାଗଡ଼ ରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ ପଶ୍ଚିମ ଓଡ଼ିଶା ପାଇଁ ଏକ ପ୍ରମୁଖ ପ୍ରୋତ୍ସାହନ। ଏହା କଳାହାଣ୍ଡି ଏବଂ ଏହାର ଆଖପାଖ ଅଞ୍ଚଳର ଲୋକମାନଙ୍କୁ ସିଧାସଳଖ ଏବଂ ନିର୍ଭରଯୋଗ୍ୟ ସଂଯୋଗ ପ୍ରଦାନ କରିବ, ସଂଯୋଗକାରୀ ଟ୍ରେନ ଉପରେ ନିର୍ଭରଶୀଳତା ହ୍ରାସ କରିବ ଏବଂ ଦୈନନ୍ଦିନ ଯାତ୍ରୀଙ୍କ ପାଇଁ ଯାତ୍ରାକୁ ସହଜ କରିବ।ଏହି ବର୍ଦ୍ଧିତ ସେବା ଛାତ୍ରଛାତ୍ରୀ, ଚିକିତ୍ସା ସୁବିଧା ଚାହୁଁଥିବା ରୋଗୀ, ବ୍ୟବସାୟୀ, ସରକାରୀ କର୍ମଚାରୀ ଏବଂ କାର୍ଯ୍ୟରତ ପେସାଦାରମାନଙ୍କୁ ଲାଭାନ୍ୱିତ କରିବ। ଏହା ମଧ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହନ କରିବା ସହିତ ସାମଗ୍ରୀର ସୁଗମ ପରିବହନ ଏବଂ କ୍ଷୁଦ୍ର ବାଣିଜ୍ୟର ଗତିବିଧିକୁ ସହଜ କରିବ ବୋଲି ମଧ୍ୟ ଆଶା କରାଯାଉଛି, ଯାହାଦ୍ୱାରା ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହେବ । ମୋଟାମୋଟି ଭାବେ, ଏହି ସମ୍ପ୍ରସାରଣ ସମାବେଶୀ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା ଦ୍ୱାରା ଉନ୍ନତ ରେଳ ଭିତ୍ତିଭୂମି ପଶ୍ଚିମ ଓଡ଼ିଶାର ଆକାଂକ୍ଷା ଏବଂ ପ୍ରଗତିକୁ ସମର୍ଥନ କରିବ।

# ୫୫୭୬ ପଡାଗ୍ରାମରୁ ୧୯୫୧ ଗ୍ରାମକୁ ମିଳିଛି ରାଜସ୍ୱ ମାନ୍ୟତା

ଭୁବନେଶ୍ୱର,୧୯।୨(ନି.ପ୍ର.(ଷ ରାଜ୍ୟରେ ମୋଟ ୫୧୭୯୬ ରାଜସ୍ୱ ଗ୍ରାମ ରହିଛି । ସେଥିମଧ୍ୟରୁ ୫୫୭୬ ପଡାଗ୍ରାମ ମଧ୍ୟରୁ ୧୯୫୧ ଗୋଟି ପଡାଗ୍ରାମ ଭୂ-ଅଭିଲେଖ ଓ ପରିମାପକ, ଓଡିଶା, କଟକଙ୍କ ଦ୍ୱାରା ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଅଛି । ବିଧାନସଭାରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ପଚାରିଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ ଉତ୍ତର ଦେଇଛନ୍ତି ଯେ ରାଜ୍ୟରେ ମୋଟ ୫୧୭୯୬ ରାଜସ୍ୱ ଗ୍ରାମ ରହିଛି । ସେଥିମଧ୍ୟରୁ ୫୫୭୬ ପଡାଗ୍ରାମ ମଧ୍ୟରୁ ୧୯୫୧ ଗୋଟି ପଡାଗ୍ରାମ ଭୂ-ଅଭିଲେଖ ଓ ପରିମାପକ, ଓଡିଶା, କଟକଙ୍କ ଦ୍ୱାରା ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଅଛି । ରାଜ୍ୟର ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ଠାରୁ ମୋଟ ୨୫୦୨ ଗୋଟି ପଡା ଗ୍ରାମ ଘୋଷଣା ନିମନ୍ତେ ପ୍ରସ୍ତାବ ଆସିଛି । ସରକାରଙ୍କ ଦ୍ୱାରା ରାଜସ୍ୱ ଗ୍ରାମ ଘୋଷଣା ପାଇଁ ନିର୍ଦ୍ଧାରିତ ମାନଦଣ୍ଡକୁ ପୂରଣ କରୁନଥିବା କାରଣରୁ ଉକ୍ତ ପ୍ରସ୍ତାବ ଗୁଡିକୁ ରଦ୍ଦ କରାଯାଇ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ପ୍ରେରିତ ହୋଇଅଛି । ଅବଶିଷ୍ଟ ୧୧୨୩ ଗୋଟି ପଡାଗ୍ରାମର ପ୍ରସ୍ତାବ ଜିଲ୍ଲାପାଳମାନଙ୍କ ନିକଟରେ ବିଚାରାଧୀନ ରହିଛି । ଉକ୍ତ ପ୍ରସ୍ତାବ ଗୁଡିକ ଭୂ-ଅଭିଲେଖ ଓ ପରିମାପକ, ଓଡିଶା, କଟକଙ୍କ ଦ୍ୱାରା ପ୍ରାପ୍ତ ହେଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ଟ୍ରେଡ ଲାଇସେନ୍ସ ଯାଞ୍ଚ

ରାଜଗାଙ୍ଗପୁର ,୧୯।୨(ନି.ପ୍ର.): ରାଜଗାଙ୍ଗପୁର ପୌରପରିଷଦ କାର୍ଯ୍ୟ ନିର୍ବାହି ଅଧିକାରୀ ଗୋବିନ୍ଦ ଦଣ୍ଡସେନା ଙ୍କ ନିର୍ଦ୍ଦେଶ କ୍ରମେ ସୁବାଷ ଛକ ଓ ବିଭିନ୍ନ ସ୍ଥାନମାନଙ୍କରେ ପୌରପାଳିକା କର୍ମଚାରୀ ଓ ଅଧିକାରୀ ଅତର୍କିତ ଚଢ଼ାଉ କରି ବିନା ବ୍ୟାବସାୟ କରୁଥିବା ଅ ସାଧୁ ବ୍ୟାବସାୟି ଙ୍କ ଦୋକାନ ରେ ଟ୍ରେଡ ଲାଇସେନ୍ସ ଯାଞ୍ଚ କରାଯାଇ ସରକାରୀ ଗାଇଡ ଲାଇନ ଅନୁଯାୟୀ ଜୋରିମାନା ଆଦାୟ ସହ ଯଥାଶୀଘ୍ର ପୌରପାଳିକା କାର୍ଯ୍ୟାଳୟ ଠାରେ ନିଜର ବ୍ୟାବସାୟ ଅନୁସାରେ ଟ୍ରେଡ ଲାଇସେନ୍ସ ପଞ୍ଜୀକରଣ ପାଇଁ ପରାମର୍ଶ ଓ ଚେତାବନୀ ଦେଇଥିଲେ। ଉକ୍ତ ଚଢ଼ାଉ ସମୟରେ ଟ୍ରେଡ ଲାଇସେନ୍ସ କରିନଥିବା ଦୋକାନ ମାଲିକ ଦୋକାନ କବାଟ ବନ୍ଦ କରି ଫେରାର ହୋଇଯାଇଥିଲେ ।କୌଣସି ଅପ୍ରିତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ରାଜଗାଙ୍ଗପୁର ପୋଲିସ ଚଢାଉ ଟିମ୍ ସହ ସାମିଲ ହୋଇଥିଲେ।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**Editor : Sarat Raut**

ସଂପାଦକ: ଶରତ ରାଉତ